

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର, ୧୭ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 17 AUGUST 2022
Vol.No. 35 ■ No. 215 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ପ୍ରାପ୍ତିସ୍ଥାନ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ଭାରତର ବିରୋଧ ସତ୍ତ୍ୱେ ଶ୍ରୀଲଙ୍କାରେ ପହଞ୍ଚିଲା ଚୀନର ଗୁଇନ୍ଦା ଜାହାଜ



ନୂଆଦିଲ୍ଲୀ, ୧୬/୦୮ : ଭାରତର କଡା ବିରୋଧ ଓ ଲଗାତର ଚେତାବନୀ ସତ୍ତ୍ୱେ ଶ୍ରୀଲଙ୍କାରେ ପହଞ୍ଚିଲା ଚୀନର ସାଟେଲାଇଟ୍ ଓ ମିସାଇଲ୍ ଟ୍ରାକିଂ ଜାହାଜ। ଆଜି ସକାଳେ ଶ୍ରୀଲଙ୍କାର ହାମ୍ବନତୋଟା ବନ୍ଦରରେ ଏହି ଜାହାଜ ପହଞ୍ଚିଛି। ତେବେ ଚୀନର ଏହି ଜାହାଜକୁ ଶ୍ରୀଲଙ୍କା ପୂର୍ବରୁ ହିଁ ଅନୁମତି ଦେଇସାରିଛି। ଖବର ଅନୁଯାୟୀ, ଭାରତ ଏବଂ ଆମେରିକାର ଚିନ୍ତା ମଧ୍ୟରେ ଶ୍ରୀଲଙ୍କା ଚୀନର ଜାହାଜକୁ ସ୍ଥଗିତ ରଖିବାକୁ ପୂର୍ବରୁ କହିଥିଲା, କିନ୍ତୁ କିଛି ଦିନ ପରେ ଶ୍ରୀଲଙ୍କା ନିଜ କଥାରୁ ଓହରି ଯାଇଥିଲା। ଆଉ ଚୀନର ଏହି ଗୁଇନ୍ଦା ଜାହାଜ ୱାନ ୱାଙ୍ଗ୍-୫କୁ ତାଙ୍କ ବନ୍ଦରରେ ପହଞ୍ଚିବାକୁ ଅନୁମତି ଦେଇଥିଲା। ତେବେ ଶ୍ରୀଲଙ୍କାରେ ପହଞ୍ଚିବା ପରେ ଚୀନର ଏହି ଗୁଇନ୍ଦା ଜାହାଜର ଟ୍ରାକିଂ ସିଷ୍ଟମ ଅନେକ ଭାରତୀୟ ସଂସ୍ଥାର ତଥ୍ୟ ନେବାକୁ ଗୁପ୍ତଚର ଭାବେ ଚେଷ୍ଟା କରିବ ବୋଲି ନୂଆଦିଲ୍ଲୀ ଚିନ୍ତା କରୁଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଅରିନ୍ଦମ ବାଗଚି ଗତ ମାସରେ ଅଗଷ୍ଟରେ ଚୀନର ଏକ ଜାହାଜ ହାମ୍ବନତୋଟା ବନ୍ଦରରେ ପହଞ୍ଚିବାକୁ ଯାଉଥିବା ନେଇ ସୂଚନା ଦେଇଥିଲେ। ସେ କହିଥିଲେ, 'ସରକାର ଭାରତର ସୁରକ୍ଷା ଓ ଆର୍ଥିକ ହିତ ସହ ଜଡିତ ବିକାଶ ଉପରେ ସରକାର ଯତ୍ନର ସହ ନଜର ରଖିଛନ୍ତି ଏବଂ ଏହାର ସୁରକ୍ଷା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି।' ଅନ୍ୟପଟେ ଭାରତ ଚୀନର ଏହି ଜାହାଜକୁ ହାମ୍ବନତୋଟା ବନ୍ଦରରେ ପହଞ୍ଚିବାକୁ ବାରଣ କରିଥିବା ବେଳେ ଚୀନ ପକ୍ଷରୁ କୁହାଯାଇଥିଲା ଯେ, କିଛି ଦେଶ ସୁରକ୍ଷା ଦୃଷ୍ଟିରୁ ଆମର ଏହି ଜାହାଜକୁ ଶ୍ରୀଲଙ୍କା ବନ୍ଦରରେ ପହଞ୍ଚିବାକୁ ବାରଣ କରୁଛନ୍ତି, ଯାହା ଠିକ୍ ନୁହେଁ। ଶ୍ରୀଲଙ୍କାରେ ଚୀନର ଏହି ଜାହାଜ ଅଗଷ୍ଟ ୧୧ ରୁ ୧୭ ମଧ୍ୟରେ ପହଞ୍ଚିବ ବୋଲି ଶ୍ରୀଲଙ୍କା ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା।

# ହୀରାକୁଦରେ ଖୋଲିଲା ୪୦ ଗେଟ୍

ସମ୍ବଲପୁର, ୧୬/୦୮ (ନି.ପ୍ର): ହୀରାକୁଦର ଆଉ ୪ଟି ଗେଟ୍ ଖୋଲିଲା। ଏବେ ମୋଟ୍ ୪୦ଟି ଗେଟ୍ ଦେଇ ଚାଲିଛି ଜଳ ନିଷ୍କାସନ। ପର୍ଯ୍ୟାୟକ୍ରମେ ଆଜି ମୋଟ ୧୪ ଗେଟ୍ ଖୋଲାଯାଇଛି। ଏବେ ହୀରାକୁଦ ଡ୍ୟାମକୁ ପଶୁଛି ୬,୯୧,୯୫୦ କ୍ୟୁସେକ୍ ପାଣି। ବାହାରୁଛି ୬,୧୦,୦୦୩ କ୍ୟୁସେକ୍ ପାଣି। ଆଜି ହୀରାକୁଦ ଡ୍ୟାମରୁ ଛଡ଼ା ଯାଇଥିବା ପାଣି ଶୁକ୍ରବାର ସନ୍ଧ୍ୟା ବେଳେ ମୁଣ୍ଡଳିରେ ପହଞ୍ଚିବ ବୋଲି ଆଶା କରାଯାଉଛି। ସେପଟେ କଟକର ମୁଣ୍ଡଳିରେ ବର୍ତ୍ତମାନ ପ୍ରାୟ ୧୨ ଲକ୍ଷ ୧ ହଜାର ୪୨୬ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ବେଳେ ମହାନଦୀ ଓ ତା'ର ଶାଖା ନଦୀ ଗୁଡ଼ିକ ଅଧିକାଂଶ ସ୍ଥାନରେ ବିପଦ ସଙ୍କେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ବନ୍ୟା ଜଳ ପ୍ରବେଶ ଯୋଗୁ ଲୋକମାନେ ଏବେ ଜଳବନ୍ଦୀ ଅବସ୍ଥାରେ ଥିବାବେଳେ ବନ୍ୟା ପ୍ରଭାବିତ ଅଂଚଳରେ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରଖିବା

## ଆଗାମୀ ୪୮ ଘଣ୍ଟା ଖୁବ୍ ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର, ୧୬/୦୮ (ନି.ପ୍ର): ଆଜି ସନ୍ଧ୍ୟାରେ ମୁଣ୍ଡଳିରେ ସର୍ବାଧିକ ବନ୍ୟାଜଳ ପ୍ରବାହିତ ହେବ। ତେଣୁ ନଦୀ ବନ୍ଧକୁ ଜଗିବା ଜରୁରୀ। ଆଗାମୀ ୪୮ ଘଣ୍ଟା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ପ୍ରଦୀପ ଜେନା। ଏସ୍‌ଆର୍‌ସି ଶ୍ରୀ ଜେନା କହିଛନ୍ତି, ଗତକାଲି ରାତି ୯ଟାରୁ ୧୨ଟା ଭିତରେ ଖଇରମାଳରେ ସର୍ବାଧିକ ୧୨.୦୬ ଲକ୍ଷ କ୍ୟୁସେକ୍ ପାଣି ପାସ୍ କରିଛି। କାଲି ଖଇରମାଳ ପାସ୍ କରିଥିବା ପାଣି ଆଜି ସନ୍ଧ୍ୟାରେ ମୁଣ୍ଡଳିରେ ପହଞ୍ଚିବ। ଆଜି ସନ୍ଧ୍ୟାରେ ମୁଣ୍ଡଳିରେ ସର୍ବାଧିକ ସାଢ଼େ ୧୧ ଲକ୍ଷ କ୍ୟୁସେକ୍ ପାଣି ପାସ୍ କରିପାରେ। ତେଣୁ ଆଗାମୀ ୪୮ ଘଣ୍ଟା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ହୀରାକୁଦକୁ ଏବେ ପ୍ରତି ସେକେଣ୍ଡରେ ୭ ଲକ୍ଷ ୮୮ ହଜାର କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ▶▶ପୃଷ୍ଠା ୭

ପାଇଁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନଙ୍କୁ ନିଷ୍ପତ୍ତି ନେବାକୁ କୁହାଯାଇଛି। ଆସନ୍ତା ୪୮ ଘଂଟା ଅତ୍ୟନ୍ତ ଜରୁରୀ ହୋଇଥିବାରୁ ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, କଟକ, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଭଳି ୧୦ଟି ଜିଲ୍ଲାରେ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ୭ଦିନ ପାଇଁ ବାତିଲ କରିଦିଆଯାଇଛି। ଏହାସହିତ ଇଞ୍ଜିନିୟରମାନଙ୍କୁ ନିଜ ସ୍ଥାନ ଛାଡ଼ି ନଯିବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ପ୍ଲାବିତ ଅଂଚଳରୁ ତୁରନ୍ତ ଲୋକମାନଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ୧୦ ଜିଲ୍ଲାର ସବୁ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର, ୧୬/୦୮ (ନି.ପ୍ର): ଉପରମୁଣ୍ଡରେ ଅଧିକ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୦ଟି ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟିକୁ ସପ୍ତାହକ ପାଇଁ ବାତିଲ କରିଛନ୍ତି। ଯେଉଁ କର୍ମଚାରୀମାନେ ଛୁଟିରେ ଅଛନ୍ତି ସେମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ କାହାରିକୁ ଛୁଟିରେ ଯିବାକୁ ଅନୁମତି ମିଳିବ ନାହିଁ। ସୂଚନାଯୋଗ୍ୟ ହୀରାକୁଦର ୪୦ଟି ଗେଟ୍ ଖୋଲିଥିବାବେଳେ ରାଜ୍ୟର ଅଧିକାଂଶ ସ୍ଥାନରେ ନଦୀଗୁଡ଼ିକ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି।

# 'ସାବରକର' ଓ 'ଟିପୁ'ଙ୍କ ବ୍ୟାନର୍‌କୁ ନେଇ ସଂଘର୍ଷ, ୧୪୪ ଧାରା ଲାଗୁ



ବେଙ୍ଗାଲୁରୁ, ୧୬/୦୮ (ନି.ପ୍ର): କର୍ଣ୍ଣାଟକରେ ବୀର ସାବରକର ଓ ମୈସୁର ଶାସକ ଟିପୁ ସୁଲତାନଙ୍କ ବ୍ୟାନରକୁ ନେଇ ବିବାଦ ଉପୁଜିଛି। ଶିବମୋଗାରେ ସାବରକର ଏବଂ ସୁଲତାନଙ୍କ ବ୍ୟାନର ଲଗାଇବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ତୀବ୍ର ସଂଘର୍ଷ ହୋଇଥିଲା, ଯାହା ପରେ ପ୍ରଶାସନ ସମଗ୍ର ସହରରେ ଧାରା ୧୪୪ ଲାଗୁ କରିଛି। ସ୍ୱାଧୀନତା ଦିବସଅର୍ଥାତ୍ ସୋମବାର ଦିନ ଏଭଳି କିଛି ଘଟଣା ଘଟିଥିଲା। ସୂଚନା ମୁତାବକ ସ୍ୱାଧୀନତା ଦିବସ ଅବସରରେ କର୍ଣ୍ଣାଟକର ଆମୀର ଅହମ୍ମଦ ଛକରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ଏକ ଗୋଷ୍ଠୀ ସାବରକରଙ୍କ ବ୍ୟାନର୍ ଲଗାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଅନ୍ୟ ଏକ ଗୋଷ୍ଠୀ ଏହାକୁ ବିରୋଧ କରିଥିଲେ। ସେହି ଖୁଣ୍ଟରେ ଟିପୁ ସୁଲତାନଙ୍କୁ ବ୍ୟାନର ଲଗାଇବାକୁ ଉକ୍ତ ଗୋଷ୍ଠୀ ଚାହୁଁଥିଲା। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ଓ ପରେ ଏହା ସଂଘର୍ଷର ରୂପ ନେଇଥିଲା। ପୁଲିସ ସୂଚନା ଅନୁସାରେ, ଏହି ସଂଘର୍ଷରେ କିଛି ଅଜ୍ଞାତ ଅପରାଧୀ ପ୍ରେମ ସିଂହ ନାମକ ଜଣେ ଯୁବକଙ୍କୁ ଛୁରୀରେ ଆକ୍ରମଣ କରିଥିଲେ ଯେଉଁଥିରେ ସେ ଗୁରୁତର ଆହତ ହୋଇଥିଲେ। ପ୍ରେମ ତାଙ୍କ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ଏହି ତାଙ୍କ ଉପରେ ଏହି ଆକ୍ରମଣ ହୋଇଥିଲା। ଏହି ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଆହତ ଯୁବକଙ୍କୁ ମ୍ୟାକଗାନ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ସେପଟେ ବ୍ୟାନର ବିବାଦକୁ ନେଇ ସହରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା। ଭିଡ ହଟାଇବା ପାଇଁ ପୁଲିସ ଲାଠିଚାର୍ଜ ମଧ୍ୟ କରିଥିଲା। ଯେଉଁଠି ଟିପୁ ଓ ସାବରକରଙ୍କ ବ୍ୟାନର ଲଗାଇବା ପାଇଁ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଚାଲିଥିଲା ସେଠାରେ ପ୍ରଶାସନ ପକ୍ଷରୁ ଜାତୀୟ ପତାକା ଲଗାଇ ଦିଆଯାଇଥିଲା। ଏହାପରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ୧୪୪ ଧାରା ଜାରି କରିଥିଲା।

## ନୂଆଦିଲ୍ଲୀ ସ୍ଥିତ ବାସଭବନରେ ଜାତୀୟ ପତାକା ଉତ୍ତୋଳନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬ ଅଗଷ୍ଟ – କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ସ୍ୱାଧୀନତା ଦିବସ ଅବସରରେ ନୂଆଦିଲ୍ଲୀ ସ୍ଥିତ ନିଜ ସରକାରୀ ବାସଭବନ ପ୍ରାଙ୍ଗଣରେ ଜାତୀୟ ପତାକା ଉତୋଳନ କରିଛନ୍ତି। ପରିବାର ସଦସ୍ୟ ଏବଂ ଦେଶର ଯବାନଙ୍କ ସହ ଶ୍ରୀ ପ୍ରଧାନ ଆଜିର ଦିବସକୁ ପାଳନ କରିଛନ୍ତି। ଦେଶବାସୀଙ୍କୁ ୭୬ତମ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇବା ସହ ସେ କହିଛନ୍ତି ଆମର ତ୍ରିରଙ୍ଗା ସର୍ବଦା ଉଚ୍ଚରେ ଉଡ଼ୁ। ଅମୃତ କାଳରେ ସବୁ ସୁଯୋଗକୁ ହାତେଇବା ସହ ବିକଶିତ ଭାରତ ପାଇଁ ସମସ୍ତେ ନିଜ ସମ୍ଭାବ୍ୟ ଉପାୟରେ ସବୁ ପ୍ରକାର ଉଦ୍ୟମ କରିବାକୁ ଦେଶବାସୀଙ୍କୁ ଟ୍ୱିଟ୍ ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି।

# ନୀତିଶଙ୍କ ନୂଆ ମନ୍ତ୍ରିମଣ୍ଡଳ



ନୂଆଦିଲ୍ଲୀ, ୧୬/୦୮ : ନାଟକୀୟ ଢଙ୍ଗରେ ବିହାରରେ ଗଠନ ହୋଇଛି ନୂଆ ସରକାର। ବିଜେପି ହାତ ଛାଡି କଂଗ୍ରେସ ଓ ଆରଜେଡି ସହ ହାତ ମିଳାଇ ନୀତିଶ କୁମାର ନିଜର ନୂଆ ଟିମ ଗଠନ କରିଛନ୍ତି। କିଛି ଦିନ ପୂର୍ବରୁ ବିହାରର ମୁଖ୍ୟମନ୍ତ୍ରୀଭାବେ ନୀତିଶ କୁମାର ଓ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଶପଥ ନେଇଥିଲେ ଆଉ ଏବେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ହୋଇଛି। ରାଜ୍ୟପାଳ ଫଗୁ ଚୌହାନ ୫-୫ଜଣ ଲେଖାଁଏ ବିଧାୟକଙ୍କୁ ଏକାସହ ମନ୍ତ୍ରୀପଦ ପାଇଁ ଶପଥ ପାଠ କରାଇଛନ୍ତି। ମୋଟ ୩୧ଜଣ ବିଧାୟକ ମନ୍ତ୍ରୀ ପଦ ପାଇଁ ଶପଥ ନେଇଛନ୍ତି। ନୂଆ ମନ୍ତ୍ରିମଣ୍ଡଳରେ ଆରଜେଡିର ସ୍ଥିତି ମଜବୁତ ରହିଛି। ତେବେ ଏହି ମନ୍ତ୍ରିମଣ୍ଡଳରେ ନୀତିଶଙ୍କ ଘନିଷ୍ଠ ବନ୍ଧୁ କୁହାଯାଉଥିବା ଉପେନ୍ଦ୍ର କୁଶୱାଙ୍କୁ ବାଦ ଦିଆଯାଇଛି। ଆରଜେଡିର ୧୬ଜଣ ମନ୍ତ୍ରୀ ପଦ ପାଇଥିବାବେଳେ ଜେଡିୟୁ ଖାତାକୁ ଯାଇଛି ୧୧ଟି ପଦ। କଂଗ୍ରେସକୁ ମିଳିଛି ୨। ସେହିପରି ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା ଓ ସ୍ୱାଧୀନପ୍ରାର୍ଥୀଙ୍କୁ ଗୋଟିଏ ଲେଖାଏଁ ମନ୍ତ୍ରୀପଦ ମିଳିଛି। ପୂର୍ବରୁ ବିହାରର ସ୍ୱାସ୍ଥ୍ୟମନ୍ତ୍ରୀ ରହିଥିବା ତେଜପ୍ରତାପ ଯାଦବଙ୍କୁ ପୁଣି ଥରେ ମନ୍ତ୍ରୀପଦ ମିଳିଛି। ପୂର୍ବରୁ ଏନଡିଏ ମେଣ୍ଟରେ ଜେଡିୟୁ ନିକଟରେ କମ ବିଧାୟକ ସଂଖ୍ୟା ଥିଲେ ବି ବିଜେପି ନୀତିଶଙ୍କ ପାଇଁ ମୁଖ୍ୟମନ୍ତ୍ରୀ ପଦଛାଡିଥିଲା। କିନ୍ତୁ ଏବେ ନୂଆ ମହାମେଣ୍ଟସରକାର ଯେଉଁ ଦଳ ପାଖରେ ଯେତିକି ବିଧାୟକ ସେହି ଦଳରେ ଅଧିକ ମନ୍ତ୍ରୀ ରହିଛନ୍ତି।

# ମୁମ୍ବାଇ ପୋଲିସକୁ ବଡ ସଫଳତା : ୫୧୬ କିଲୋ ଡ୍ରଗ୍ସ ଜବତ

ନୂଆଦିଲ୍ଲୀ, ୧୬/୦୮ : ମୁମ୍ବାଇ ପୋଲିସ ମଙ୍ଗଳବାର ୫୧୬ କିଲୋ ଏମଡି ଡ୍ରଗ୍ସ ଜବତ କରିଛି। ଏହାର ଅର୍ନ୍ତଜାତୀୟ ବଜାରରେ ଦର ୧୦୨୬ କୋଟି। କିଛି ଦିନ ତଳେ ମୁମ୍ବାଇ ପୋଲିସର ଏଏନସି ବା ଆଣ୍ଟି ନାର୍କୋଟିକ୍ସ କଣ୍ଟ୍ରୋଲ ସେଲ ଗୁଜରାଟ ସୀମାବର୍ତ୍ତୀ ପାଲଘର ଜିଲ୍ଲାର ନାଲା ସୋପାରାରୁ ୧୪୦୩ କୋଟି ଟଙ୍କାର ବିପୁଳ ଡ୍ରଗ୍ସ ଜବତ କରିଥିଲା। ଏଏନସି ଅଗଷ୍ଟ ୩ ତାରିଖ ରାତିରେ ନାଲା ସୋପାରାର ଚକ୍ରଧର ନଗର ଅଞ୍ଚଳରୁ ସୀତାରାମ ବିଲ୍ଡିଂର ଜଣେ ବ୍ୟକ୍ତିଙ୍କୁ ୭୦୨ କିଲୋ ମେଫ୍ରେଡୋନ ସହ ଗିରଫ କରିଥିଲା। ତାଙ୍କ ସହିତ ଦୁଇ ଡ୍ରଗ୍ସ ପେଡଲରଙ୍କୁ ମଧ୍ୟ ଗିରଫ କରାଯାଇଛି। ଏହାର ମୂଲ୍ୟ ୧୪୦୩ କୋଟି ଅନୁମାନ କରାଯାଇଥିଲା। ପୂର୍ବରୁ ଡ୍ରଗ୍ସ ଜବତ ହେବା ପରେ ଦୁଇ ଡ୍ରଗ୍ସ ପେଡଲର ଏବଂ ଜଣେ ମହିଳାଙ୍କୁ ପଚରାଉଚରା ଜାରିରହିଛି। ଏମାନଙ୍କୁ ଏଏନସି ମାର୍ଚ୍ଚ ୨୯ରେ ଉତ୍ତର-ପୂର୍ବ ମୁମ୍ବାଇର ଗୋବଣ୍ଡିରୁ ଗିରଫ କରିଥିଲା। ଗିରଫ ତିନିଜଣଙ୍କ ନିକଟରୁ ୨୫୦ ଗ୍ରାମ ମେଫ୍ରେଡୋନ ଜବତ ହୋଇଥିଲା। ଏହାର ବଜାର ଦର ୪.୧୪ କୋଟି ଟଙ୍କା ହୋଇଥିବା ଜଣାପଡିଛି। ପଚରା ଉଚରାରୁ ମିଳିଥିବା ତଥ୍ୟ ଆଧାରରେ ଡ୍ରଗ୍ସ ବ୍ୟବସାୟର ଏହି ଲିଙ୍କ ବିଷୟରେ ସେମାନେ ସୂଚନା ପାଇଥିଲେ।

# ମାନସିଂବଜାର ସରସ୍ୱତୀ ଶିଶୁ ମନ୍ଦିରରେ ୭୫ତମ ସ୍ୱାଧୀନତା ଦିବସ ପାଳିତ



ବାଲେଶ୍ୱର, ୧୬/୦୮ (ନି.ପ୍ର): ମାନସିଂବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାରତର ୭୫ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ତଥା ଦୈନିକ ଖବର କାଗଜ "ଆଜିକାଲି"ର ପରିଚାଳନା ସଂପାଦକ ଲକ୍ଷ୍ମୀନାରାୟଣ ମହାନ୍ତି ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତ୍ୟାଗ ବୀରତ୍ୱ ବଳିଦାନ ଓ ସ୍ୱାଭିମାନର ପ୍ରତୀକ ଆମର ଏହି ଜାତୀୟ ପତାକା। ଏହା ପ୍ରତ୍ୟେକ ଭାରତୀୟଙ୍କ ବୀରତ୍ୱର ଗାଥା ବହନ କରିଛି, ଏହି ଦିବସରେ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଗଠନ ନିମନ୍ତେ ବିଦ୍ୟାଳୟର ଗୁରୁଜୀଗୁରୁମା ମାନେ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ନିଜ ବକ୍ତବ୍ୟରେ ଶ୍ରୀଯୁକ୍ତ ମହାନ୍ତି ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବରେ ଦୈନିକ ଖବର କାଗଜ "ଧ୍ୱନି ପ୍ରତିଧ୍ୱନି"ର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ମହାପୁରୁଷମାନଙ୍କୁ ସ୍ମରଣ କରାଇ ସେମାନଙ୍କର ବଳିଦାନ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଧାକୃଷ୍ଣ ଆଚାର୍ଯ୍ୟ ସ୍ୱାଧୀନତା ଦିବସର ଆଭିମୁଖ୍ୟ ସଂପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ବିଦ୍ୟାମନ୍ଦିରର ସଂପାଦକ ଗୟାଧର କର ଅତିଥି ପରିଚୟ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଦେଶପ୍ରେମରେ ଅନୁପ୍ରାଣିତ କରିବା ସହିତ ଶ୍ରେଣୀରେ ମହାପୁରୁଷଙ୍କ ଜୀବନୀ ଏବଂ ବିଭିନ୍ନ ପର୍ବପର୍ବାଣୀର ମହାତ୍ମ୍ୟ ଉପରେ ଶିକ୍ଷାଦାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ଗରିବ ଛାତ୍ରଛାତ୍ରୀମାନଙ୍କ ପାଇଁ ପାଠ୍ୟ ଉପକରଣ ଓ ଉପସ୍ଥିତ ସମସ୍ତ ପିଲାମାନଙ୍କୁ ଶ୍ରୀଯୁକ୍ତ ମହାନ୍ତିଙ୍କ ଦ୍ୱାରା ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ସାଧାରଣଜ୍ଞାନ, ନାଚ, ଗୀତ, କୈତୁକିଆ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଗୁରୁଜୀ ନରୋତ୍ତମ ଦତ୍ତ, ଗୁରୁମା ଦେବସ୍ମିତା ବେହେରା, ହରପ୍ରିୟା ଭୂୟାଁ, ନିରୂପମା ନାୟକ, ଆରତୀ ପାତ୍ର, ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମାଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗଦେଇଥିଲେ। ଶେଷରେ ପ୍ରଧାନ ଆଚାର୍ଯ୍ୟ ବିଜୟଲକ୍ଷ୍ମୀ ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ୧୯ରେ ଲଘୁଚାପ, ୨ ଦିନ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର, ୧୬/୦୮ (ନି.ପ୍ର): ୧୯ ଅଗଷ୍ଟ ବେଳକୁ ଉତର ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ପ୍ରଭାବରେ ଅଗଷ୍ଟ ୧୮ରୁ ରାଜ୍ୟରେ ପୁଣି ବର୍ଷାର ପରିମାଣ ବଢ଼ିବ। ଅଗଷ୍ଟ ୧୯ ଏବଂ ୨୦ ତାରିଖରେ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟରେ ବଡ଼ ବର୍ଷାର ସମ୍ଭାବନା ନାହିଁ। ୧୮ ତାରିଖରୁ ବର୍ଷାର ପରିମାଣ ବଢିବ। ଏହି ଦିନ କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର , ଭଦ୍ରକ , କେନ୍ଦ୍ରାପଡା, ଯାଜପୁର, ଜଗତସିଂହପୁର, କଟକ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୯ ଓ ୨୦ ତାରିଖରେ ମଧ୍ୟ ଅଧିକ ବର୍ଷା ସମ୍ଭାବନା ଥିବାରୁ ବିଭିନ୍ନ ଜିଲ୍ଲାଗୁଡିକୁ ସତର୍କ ସୂଚନା ଜାରି କରିଛି ପାଣିପାଗ ବିଭାଗ। ପୂର୍ବ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଆଉ ଏକ ଲଘୁଚାପକୁ ନେଇ ଚିନ୍ତାରେ ଅଛନ୍ତି ରାଜ୍ୟବାସୀ।

# ନିରାଡ଼ମ୍ବରରେ ପାଳିତ ହେଲା ୭୬ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ

ଭଦ୍ରକ ,୧୬/୦୮ (ନି.ପ୍ର): ପର୍ବୂ ପ୍ରସ୍ତୁତି ଅନୁଯାୟୀ ଭଦ୍ରକ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଆଜି ମହାଉତ୍ସାହର ସହିତ ନିରାଡ଼ମ୍ବରରେ ପ୍ୟାରେଡ଼ ଓ ଜନସମାବେଶ ବିନା ୭୬ତମ ଭଦ୍ରକ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଏହି ସମାରୋହରେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ଦୁଇ ପ୍ଲାଟୁନ୍ ପୋଲିସ ଦଳଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ । ପୋଲିସ୍ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତର ଧୂନ୍ ପରିବେଷଣ କରାଯାଇଥିଲା । ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ ମୁଖ୍ୟ ଅତିଥି ଭାରତୀୟ ସ୍ୱାଧୀନତା ପ୍ରାପ୍ତିରେ ବଳିଷ୍ଠ ଅବଦାନ ରଖିଥିବା ଆମ ଦେଶ, ରାଜ୍ୟ ଓ ଭଦ୍ରକ ଜିଲ୍ଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅମର ଆତ୍ମାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରି ସେମାନଙ୍କ ସ୍ମୃତି ଚାରଣ କରିଥିଲେ । ସ୍ୱାଧୀନୋତ୍ତର ଦେଶ ଓ ଆମ ରାଜ୍ୟର ପ୍ରଗତି ନେଇ ବାର୍ତ୍ତା ପ୍ରଦାନ ଅବସରରେ ଆମ ରାଜ୍ୟ ଓଡ଼ିଶା ଏକ ଆଗୁଆ ରଜ୍ୟ । ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଓ ସଫଳତାରେ ଆମ ରାଜ୍ୟ ଉଦାହରଣ ସୃଷ୍ଟି କରିପାରିଛି । ସରକାରଙ୍କ ଉଦ୍ୟମ ସହିତ ଆମ ସମସ୍ତଙ୍କର କର୍ତ୍ତବ୍ୟ ଓ ସହଯୋଗ ଜାରି ରହିଲେ ଆହୁରି ଅଧିକରୁ ଅଧିକ ସଫଳତା ହାସଲ କରିବୁ ବୋଲି ସେ ପ୍ରକାଶ କରିଥିଲେ । ଏହି ଦିବସ ପାଳନ ଉପଲକ୍ଷେ ହାଇସ୍କୁଲ, ମଧ୍ୟଇଂରାଜୀ ଓ ପ୍ରାଥମିକ ସ୍ତରରେ ହୋଇଥିବା କୁଇଜ୍, ଦେଶାତ୍ମବୋଧକ ସଂଗୀତ, ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ହାଇସ୍କୁଲ ପରୀକ୍ଷାରେ ଜିଲ୍ଲାର ଟପର୍ ହୋଇଥିବା ସାଇସତ୍ୟପ୍ରକାଶ ପରିଡ଼ା ଓ ବିଶିଷ୍ଟ ଚିତ୍ରଶିଳ୍ପୀ ପ୍ରତିଭା ସ୍ନେହା ଦାସଙ୍କୁ ପୁରସ୍କାର ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ୨୫ଜଣ କରୋନା ଯୋଦ୍ଧାଙ୍କୁ ଏହି କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା । ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ସମାପ୍ତି ପରେ ମହାବିଦ୍ୟାଳୟ ପରିସରରେ ମୁଖ୍ୟ ଅତିଥି, ଏସ୍.ପି. ଚରଣସିଂ ମୀନା ଓ ସଭାପତି ଜିଲ୍ଲା ପରିଷଦ ପ୍ରଫୁଲ୍ଲ କୁମାର ଜେନାଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା । ପୋଲିସ୍ ଆର୍.ଆଇ. ମନୋରଞ୍ଜନ ତରେଇ ଓ ସର୍ଜେଣ୍ଟ ଚିତ୍ତ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ପୋଲିସ ବିଭାଗୀୟ ଅଭିବାଦନ ପ୍ରଦାନ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଜିଲ୍ଲାର ବିଶିଷ୍ଟ ପ୍ରଶାସନିକ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଜିଲ୍ଲାପରିଷଦର ନର୍ବାହି ଅଧିକାରୀ ଇନ୍ଦ୍ରମଣି ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଏସ୍.ପି. ଯତୀନ୍ କୁମାର ପଣ୍ଡା, ଉପଖଣ୍ଡ ପୋଲିସ୍ ଅଧିକାରୀ ପ୍ରଭାସ ଚନ୍ଦ୍ର ପାଲ ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇଥିଲେ । ଏହି ଦିବସ ପାଳନ ଉପଲକ୍ଷେ ପ୍ରତ୍ୟୁଷରୁ ଭଦ୍ରକ ପୌରାଞ୍ଚଳରେ ରାମଧୁନ ପରିକ୍ରମା କରାଯାଇଥିଲା । ସକାଳ



୭ ଘଟିକାରେ ସହର ମୁଖ୍ୟ ରାସ୍ତାର ପାର୍ଶ୍ୱରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦିବସ ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଆୟୋଜନରେ ପୂର୍ତ୍ତ ବିଭାଗ, ପୌରପରିଷଦ, ପୋଲିସ୍ ବିଭାଗ ଆଦିର ଆନୁସଙ୍ଗିକ ସହଯୋଗ ସାମିଲ ଥିଲା ।

# ବନ୍ୟାପାଣି ଘେରରେ ବାବା ସିଂହନାଥ ପୀଠ: ରୋଷ ଘରକୁ ଗଲେ ଠାକୁର

ନରସିଂହପୁର,୧୬/୦୮ (ନି.ପ୍ର): ମହାନଦୀରେ ମଧ୍ୟମ ଧରଣ ବନ୍ୟା ଆସିଥିବାରୁ ଛାନିଆ ହେଲେଣି ଉପକୂଳ ଜିଲ୍ଲାବାସୀ। କେଉଁଠି ରାସ୍ତା ଉପରେ ୫ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି ତ କେଉଁଠି ଘାଇ ଭାଙ୍ଗି ବନ୍ୟା ପାଣି ଗାଁ ବୁଡ଼ାଇଲାଣି। ଏପରି ସ୍ଥିତିରେ କଟକ ଜିଲ୍ଲା ବଡମ୍ବା ବ୍ଲକର ମହାନଦୀ ମଧ୍ୟରେ ଥିବା ପୁରାତନ ଶୈବ ପୀଠ ତଥା ବଡ଼ମ୍ବାର ପ୍ରସିଦ୍ଧ ବାବା ସିଂହନାଥ ପୀଠ ପ୍ରବେଶ କରିଛି ବନ୍ୟା ଜଳ। ମହାନଦୀ କ୍ରମଶଃ ଫୁଲୁଥିବାରୁ ବାବା ସିଂହନାଥଙ୍କ ପୀଠକୁ ପ୍ରବେଶ କରିଛି ବନ୍ୟା ଜଳ। ବନ୍ୟା ଜଳ ମନ୍ଦିର ପରିସରରେ ପ୍ରବେଶ କରିବାରୁ ବାବା ସିଂହନାଥଙ୍କୁ ଉଚ୍ଚ ସ୍ଥାନ ରୋଷଘରକୁ ସ୍ଥାନାନ୍ତରିତ କରାଯାଇଛି। ଦେବତର ବିଭାଗ ପକ୍ଷରୁ ସଜାଗ ରହିବା ସହିତ ବଡମ୍ବା ତହସିଲଦାର ତପନ



କୁମାର ପରିଡ଼ା ସ୍ଥିତି ଉପରେ ନଜର ରଖୁଛନ୍ତି। କଟକର ମୁଣ୍ଡଳିଠାରେ ମହାନଦୀ ବିପଦ ସଂକେତ ଟପିଛି। ମୁଣ୍ଡଳିରେ ବିପଦ ସଂକେତ ୯୭.୨୫ ଫୁଟ୍ ରହିଥିବା ବେଳେ ଜଳସ୍ତର ୯୭.୩୦ ଫୁଟ୍ ରହିଛି ବୋଲି ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ବିଜୟ କୁମାର ମିଶ୍ର। ମହାନଦୀ ଓ ତାର ଶାଖା ନଦୀ ଗୁଡ଼ିକରେ ବନ୍ୟା ଜଳ ବୃଦ୍ଧି ପାଇବାରୁ ବହୁ ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ବନ୍ୟାକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ବିଭିନ୍ନ ଦୁର୍ବଳ ନଦୀ ବନ୍ଧ ଓ ତଳିଆ ଅଞ୍ଚଳକୁ ଚିହ୍ନଟ କରାଯାଇ ତାହା ଉପରେ ତୀକ୍ଷଣ ନଜର ରଖା ଯାଇଛି। ବନ୍ୟା ସ୍ଥିତି ଉପରେ ନଜର ରଖିବା ପାଇଁ ଜଳ ସମ୍ପଦ ବିଭାଗ ଅଧିକାରୀ ଗତକାଲି ରାତିରେ ନାଇଟ୍ ପାଟ୍ରୋଲିଂ କରିଥିଲେ। ଏପରିକି କିଛି ଜିଲ୍ଲାର ଜିଲ୍ଲାପାଳ ମଧ୍ୟ ନାଇଟ୍ ପାଟ୍ରୋଲିଂ କରି ସ୍ଥିତି ପରଖୁଛନ୍ତି।

# ହସ୍ପିଟାଲ ପରିସରରେ ମା’ ଓ ପୁଅଙ୍କୁ ଆକ୍ରମଣ: ପୁଅ ମୃତ, ମା ଗୁରୁତର

ବଲାଙ୍ଗୀର,୧୬/୦୮ (ନି.ପ୍ର): ବଲାଙ୍ଗୀରର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଥିବା ଜଣାଯାଇଛି। ଏଠାରେ ମା ଓ ପୁଅଙ୍କୁ ଆକ୍ରମଣ କରାଯାଇଛି। ଏଥିରେ ପୁଅର ମୃତ୍ୟୁ ଘଟିଥିବା ବେଳେ ମା ଗୁରୁତର ହୋଇଛନ୍ତି।



ଆଜି ସକାଳୁ ସକାଳୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ଏମ.ସି.ଏଚ କୋଠା ନିକଟରେ ସୁଦପଡାର ଜୟନ୍ତୀ ଦୋରା ଏବଂ ପୁଅ ଅଜୁ ଦୋରାଙ୍କୁ ଆକ୍ରମଣ କରାଯାଇଛି। ଘଟଣାସ୍ଥଳରେ ଅଜୁର ମୃତ୍ୟୁ ହୋଇଥିବା ବେଳେ, ଗୁରୁତର ଅବସ୍ଥାରେ ମା ଜୟନ୍ତୀ ସର୍ଜରୀ ୱାର୍ଡରେ ଭର୍ତ୍ତି ହୋଇଛନ୍ତି। ମା ଓ ପୁଅ ହସ୍ପିଟାଲରେ ଇଡଲି ବିକ୍ରି କରନ୍ତି। ଦୁଇଜଣ ଅଜଣା ଯୁବକ ଆକ୍ରମଣ କରିଥିବା ଜଣାପଡିଛି। ଏନେଇ ପୁଲିସ ତଦନ୍ତ ଜାରି ରଖିଛି ।

# ଅବହେଳିତ ଗାନ୍ଧୀନଗରର ଗାନ୍ଧୀମନ୍ଦିର: ପୁନରୁଦ୍ଧାର ପାଇଁ ଦାବି

ପାଲଲହଡ଼ା ,୧୬/୦୮ (ନି.ପ୍ର): ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରେ ଦେଶରେ ଆଜାଦୀକା ଅମୃତ ମହୋତ୍ସବ ପାଳିତ ହେଉଛି। ଦେଶପାଇଁ ସ୍ୱାଧୀନତା ଆଣିଥିବା ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଅନ୍ୟ ମହାପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। ମାତ୍ର ପାଲଲହଡା ଟାଉନରୁ ମାତ୍ର ୫ କି.ମି. ଦୂରରେ ୧୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ନିର୍ମିତ ଗାନ୍ଧୀ ମନ୍ଦିର ବହୁ ଅବହେଳିତ ହୋଇପଡ଼ିଛି। ରାଜପଥରେ ପ୍ରଶାସନିକ ଅଧିକାରୀ, ରାଜନେତା ଯା’ଆସ କରୁଥିଲେ ବି ଗାନ୍ଧୀ ମନ୍ଦିରର ଉନ୍ନତି ପାଇଁ କେହି ଦୃଷ୍ଟି ଦେଉନାହାନ୍ତି।



ସୂଚନାଯୋଗ୍ୟ, ୧୯୬୪ ମସିହାରେ ତତ୍‌କାଳୀନ ଶିକ୍ଷାମନ୍ତ୍ରୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପବିତ୍ର ପ୍ରଧାନ ଏହିଠାରେ ଗାନ୍ଧୀ ମନ୍ଦିର ନିର୍ମାଣ ସହ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ। ପୂର୍ବରୁ ଏହି ଗାଁର ନାମ ଥିଲା ପେଣ୍ଡରାବସା। ଏହାକୁ ବଦଳାଇ ସେ ଗାନ୍ଧୀନଗର ନାମ ଦେଇଥିଲେ। ସମୟକ୍ରମେ ଗାନ୍ଧୀ ମନ୍ଦିରର ଅବସ୍ଥା ଶୋଚନୀୟ ହୋଇଗଲା। ଘର ଭାଙ୍ଗିଗଲା। ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି କୁଆଡ଼େ ଗଲା, ପତ୍ତା ମିଳିଲା ନାହିଁ। ଗଣମାଧ୍ୟମରେ ଖବର ପ୍ରକାଶ ପରେ ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ଢେଙ୍କାନାଳ ସାଂସଦ ମହେଶ ସାହୁ ବିଧାୟକ ପାଣ୍ଠିରୁ ୨୦୧୬ ଜାନୁଆରି ୩୦ ତାରିଖରେ ଏଠାରେ ନୂଆ ଗାନ୍ଧୀ ମନ୍ଦିର ନିର୍ମାଣ କରି ପ୍ରତିମୂର୍ତ୍ତି ସ୍ଥାପନ କଲେ। ଏବେ କିନ୍ତୁ ସେଠାରେ ଲେଖାହୋଇଥିବା ‘ଗାନ୍ଧୀନଗର’ ଲିଭି ଗଲାଣି। ମନ୍ଦିରକୁ ଥିବା ପାହାଚ ଭାଙ୍ଗିଗଲାଣି। ବର୍ଷ ବର୍ଷ ଧରି ମନ୍ଦିରରେ ରଙ୍ଗ ଲାଗିନାହିଁ। ପାଖରେ ଥିବା ଭଙ୍ଗା ମନ୍ଦିରର ଖୁମ୍ବ ମୁକସାକ୍ଷୀ ଭଳି ଠିଆ ହୋଇଛି। ଗାନ୍ଧୀ ମନ୍ଦିରକୁ ଭଲ ରାସ୍ତା ତିଆରି ହୋଇପାରିନାହିଁ। ଗାନ୍ଧୀ ମନ୍ଦିର ସମ୍ମୁଖରେ ଏକ ବେସରକାରୀ ସଂସ୍ଥା ପାଇପ୍ ଲାଇନ୍ ବିଛାଉଥିବାବେଳେ ରାସ୍ତା ଖାଲଖମାରେ ପୂରିଯାଇଛି। ମନ୍ଦିର ଆଗରେ ଛିଡ଼ା ହୋଇଛି ମେସିନ। ଗାନ୍ଧୀ ମନ୍ଦିରର ଏଭଳି ଅବସ୍ଥା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ମନ୍ଦିରର ପୁନରୁଦ୍ଧାର କରାଯିବାକୁ ସଚେତନ ନାଗରିକମାନେ ସରକାରଙ୍କୁ ନିବେଦନ କରିଛନ୍ତି।

# ପରିକ୍ରମା ପକ୍ଷରୁ ବର୍ଷା କବିତା ଆସର

ରାଇରଙ୍ଗପୁର,୧୬/୦୮ (ନି.ପ୍ର): ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ପରିକ୍ରମା ପକ୍ଷରୁ ସ୍ଥାନୀୟ ପି.ସି.ଏମ୍ କଲ୍ୟାଣ ମଣ୍ଡପ ଠାରେ ବର୍ଷା କବିତା ଆସର ଆୟୋଜିତ ହୋଇଯାଇଛି । କବିତା ଆସରର ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ସୁସାହିତ୍ୟିକ ସଚିକାନ୍ତ କର, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ଦିଲ୍ଲୀପ କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ ତଥା ପରିକ୍ରମାର ଆବାହକ ମନୋଜ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ପରିକ୍ରମାର ସଂଯୋଜକ ତଥା ସାରସ୍ୱତ ସାଧକ ରଞ୍ଜନ କୁମାର ନନ୍ଦ ଏବଂ କବି ଡଃ. ଦିଗମ୍ବରଙ୍କ ସଂଯୋଜନାରେ ପରିଚାଳିତ ‘ବର୍ଷା କବିତା‘ ଆସରରେ କବି କବୟିତ୍ରୀ ମାନେ ବର୍ଷା ମନସ୍କ ହୋଇ ସ୍ୱରଚିତ କବିତା ମାନ ପାଠ କରିଥିଲେ । ଏହି କବିତା ଆସରରେ କବି ତିମିର ରଞ୍ଜନ ପଣ୍ଡା, ଜଗନ୍ନାଥ ବଳ, ପ୍ରଦୀପ୍ତ କବି, ସୁରଥ ପଟ୍ଟନାୟକ, ଅଧାପକ ବିଜୟ ରାମ, ଯୋଗେନ୍ଦ୍ର ନାଥ ନନ୍ଦି, ଗୋପାଳକୃଷ୍ଣ ମହାନ୍ତି, ଅଧାପକ ମାନସ କୁମାର ପରିଡା, ସଚିକାନ୍ତ କର, ରଞ୍ଜନ କୁମାର ନନ୍ଦ, ଡଃ. ଦିଗମ୍ବର ଗିରି, ଜି.ଏସ୍. ରଜତ ଦଳେଇ, କୌଶିକ କାସ୍ୟପ ମହାନ୍ତି, କବୟତ୍ରୀ ନିରୂପମା କବି, ଡଃ. ତନ୍ମୟୀ ରଥ, ଉର୍ମିଳା ପାଣି, ପୁଷ୍ପଲତା ମହାନ୍ତି, ପ୍ରମିଳା ସ୍ୱାଇଁ, ଦିପ୍ତୀରେଖା ମହାନ୍ତି, ମମତା ପଣ୍ଡା, ସାବିତ୍ରୀ ମହାନ୍ତ ପ୍ରମୁଖ ବର୍ଷା ଆଧାରିତ କବିତା ମାନ ନିଜସ୍ୱ ଭଙ୍ଗୀରେ ପାଠ କରିଥିଲେ । ସାହିତ୍ୟ, କବି ଓ କବିତା ସମ୍ପର୍କରେ ଆବାହକ ମନୋଜ ଦାସଙ୍କ ସାରଗର୍ଭକ ଉପସ୍ଥାପନା କବି ଓ କବୟତ୍ରୀ ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ବେଳେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ କର ଭାଷାକୁ ଜୀବନ୍ତ ରଖିବାରେ କବି ଲେଖକ ମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ଉକ୍ତ କବିତା ଆସରରେ ବହୁ ସଂଖ୍ୟାରେ ସାହିତ୍ୟାନୁରାଗୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରଥିଲେ । ଶେଷରେ ଶିକ୍ଷାବିତ୍ ଦିଲ୍ଲୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ନୟାଗଡ଼ରେ ୩୨ଟି ସ୍କୁଲ ଛୁଟି



ନୟାଗଡ଼ ,୧୬/୦୮ (ନି.ପ୍ର): ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁ ଓଡ଼ିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟା ଜଳ ବିଭିନ୍ନ ଗାଁରେ ପଶିବା ଯାଇଛି। ନୟାଗଡ଼ ଜିଲ୍ଲାରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ଜିଲ୍ଲାର ୩ଟି ବ୍ଲକରେ ୩୨ଟି ସ୍କୁଲ୍‌କୁ ୨ ଦିନ ବନ୍ଦ ରଖିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଓ ଆସନ୍ତାକାଲି ସ୍କୁଲ ବନ୍ଦ ରଖିବାକୁ ଜିଲ୍ଲାପାଳ କହିଛନ୍ତି। ଗଣିଆ ବ୍ଲକର ୧୧ଟି ସ୍କୁଲ, ଖଣ୍ଡପଡ଼ା ବ୍ଲକର ୨ଟି ଓ ଭାପୁର ବ୍ଲକରେ ୧୨ଟି ସ୍କୁଲ ବନ୍ଦ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ସମ୍ପୃକ୍ତ ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହିବେ ବୋଲି ଜିଲ୍ଲାପାଳ କହିଛନ୍ତି। ଏହି ୩ଟି ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାରୁ ଜିଲ୍ଲାପାଳ ଏହି ନିଷ୍ପତ୍ତି ନେଇଛନ୍ତି।

ସେହିପରି ଜଗତସିଂହପୁର ଜିଲ୍ଲାରେ ସ୍କୁଲ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ଜିଲ୍ଲାର ଯେଉଁ ସ୍କୁଲରେ ବନ୍ୟା ପାଣି ପ୍ରବେଶ କରିଛି ବା ଯେଉଁଥିରେ ପାଣି ପଶିବା ଆଶଙ୍କା ରହିଛି ତାହାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ଏପରି ସ୍ଥିତିରେ ଅଘଟଣ ଆଶଙ୍କାକୁ ଏଡ଼ାଇବାକୁ ପାଣି ପଶିଥିବା ବା ପଶିବା ସମ୍ଭାବନା ଥିବା ସ୍କୁଲକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଏନେଇ ସବୁ ବିଇଓମାନଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ଅବହେଳିତ ଅବସ୍ଥାରେ କପିଳାସ ପୀଠ: କାମରେ ଆସୁନି ଶୌଚାଳୟ, ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଭକ୍ତ



ଗଁଦିଆ ,୧୬/୦୮ (ନି.ପ୍ର): ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ କପିଳାସଠାରେ ବାବା ଚନ୍ଦ୍ରଶେଖର ପୂଜା ପାଉଛନ୍ତି। ଉକ୍ତ ବିଶ୍ୱପ୍ରସିଦ୍ଧ ତୀର୍ଥକ୍ଷେତ୍ରରେ ଅଳିଆ ଆବର୍ଜନା ଏଣେତେଣେ ପଡ଼ିଥିବା ଦେଖାଯାଉଛି। ଦେବୋତ୍ତର ବିଭାଗ ଏଠାକୁ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନଙ୍କ ନିମନ୍ତେ ୨୦୧୯ ମସିହାରେ ଏକ ଶୌଚାଳୟ ଦେବୋତ୍ତର ବିଭାଗ ଅନୁଦାନ ରାଶିରେ ପଞ୍ଚାୟତରାଜ ଓ ପାନୀୟଜଳ ଯୋଗାଣ ବିଭାଗ ଦ୍ୱାର ନିର୍ମାଣ କରାଯାଇଥିଲା। ହେଲେ ଦେବୋତ୍ତର ବିଭାଗ ପକ୍ଷରୁ ସେଥିରେ ତାଲା ପକାଇ ଦିଆଯାଇଛି। ଉକ୍ତ ଶୌଚାଳୟରେ ସେହିଦିନଠାରୁ ତାଲା ଝୁଲୁଛି। ପ୍ରତିଦିନ ଏଠାକୁ ଶହ ଶହ ସଂଖ୍ୟାରେ ଭକ୍ତ ଆସୁଥିବା ବେଳେ ପର୍ବ ପର୍ବାଣିରେ ଲକ୍ଷାଧିକ ଭକ୍ତମାନଙ୍କର ସମାଗମ ହୋଇଥାଏ। ସେହି ସମୟରେ ଭକ୍ତମାନେ ଶୌଚପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। କାହା ପାଇଁ ଉକ୍ତ ଶୌଚାଳୟ ନିର୍ମାଣ କରାଯାଇଛି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୀର୍ଘଦିନ ଧରି ଶୌଚାଳୟ ବନ୍ଦ ରହିବା ଫଳରେ ସେଠାରେ ଲତା ସବୁ ଉଠି ଶୌଚାଳୟଟି ଜଙ୍ଗଲରେ ପରିପୂର୍ଣ୍ଣ ହୋଇଯାଇଛି। ଫଳରେ ଏହା ଧୀରେ ଧୀରେ ନଷ୍ଟ ହେବାକୁ ବସିଲାଣି ।ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି।

# ୪୩୦ ଲିଟର ଦେଶୀ ମଦ ଜବତ: ୨ ଗିରଫ

ମାଲକାନଗିରି,୧୬/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ପୋଲିସ ଏକ ଟାଟା ମ୍ୟାଜିକ ଗାଡି ଯୋଗେ ଦେଶୀ ମଦ ଚାଲାଣ ହେଉଥିବା ବେଳେ ଚଢଉ କରି ମଦ ସହ ଗାଡିକୁ ଜବତ କରିଛି। ଦେଶୀ ମଦ ଚାଲାଣ ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

କାଲିମେଳା ଥାନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କାଲିମେଳା ଅଗ୍ନିଶମ କାର୍ଯ୍ୟାଳୟ ନିକଟରେ ପୋଲିସ ବିଭାଗ ପକ୍ଷରୁ କରାଯାଇଥିବା ଚେକ ପୋଷ୍ଟ ଠାରେ ଥାନା ସବଇନ୍ସପେକ୍ଟର ଲକ୍ଷ୍ମୀଧର ଲେଙ୍କାଙ୍କ ସହ ସୁରେଶ ଚନ୍ଦ୍ର ମାଝୀ କନେଷ୍ଟବଳ ପବିତ୍ର କୁମାର ବେହେରା ରାତ୍ର ଡିଉଟି କରୁଥିବା ସମୟରେ ଏକ ଲାଲ ରଙ୍ଗର ଓଡି ୩୦ ୯୮ ୯୭ ନମ୍ବର୍ ଥିବା ଟାଟା ମ୍ୟାଜିକ ଗାଡି ଆସୁଥିବା ଦେଖି ପୋଲିସ କର୍ମଚାରୀ ମାନେ ଗାଡିକୁ ଯାଞ୍ଚ କରିଥିଲେ। ଗାଡି ଯାଂଚ କରିବା ପରେ ପ୍ଲାଷ୍ଟିକ ଜାରକିନ ଡବାରେ କିଛି ତରଳ ପଦାର୍ଥ ଥିବା ଦେଖି ପୋଲିସ କର୍ମଚାରିଙ୍କ ସନ୍ଦେହ ହେବାରୁ ଅଧିକ ଯାଂଚ୍ ପରେ ସେଥିରେ ଦେଶୀ ମଦ ଥିବା ଜାଣିବାକୁ ପାଇଥିଲେ । ଏହି ମଦ କାରବାରରେ ସମ୍ପୃକ୍ତି ଥିବା ମୋଟୁ ଅଂଚଳର ଆନ୍ଦା ମାଢି ଓ ମନୋଜ ସୋଡ଼ୀ ନାମକ ୨ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ଓ ଗାଡି ଭିତରୁ ମୋଟ ୪୩୦ ଲିଟର ମଦ ଜବତ କରାଯାଇଛି । ଶିଖପଲ୍ଲୀ ଏମ ଭି ୧୭ ଗାଁ ନିକଟରୁ ମୋଟୁ ଅଂଚଳକୁ ଏହି ମଦ ଯାଉଥିବା ଗିରଫ ଅଭିଯୁକ୍ତ ମାନେ ପ୍ରକାଶ କରିଛନ୍ତି । ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଥାନା ସବଇନ୍ସପେକ୍ଟର ସଞ୍ଜୟ କୁମାର ବଡସେଠୀ ଏହି ଘଟଣାର ତଦନ୍ତ କରୁଛନ୍ତି ।

# ରାତି ଅଧରେ ବ୍ରିଜ ତଳକୁ ଖସିଲା ପିକଅପ ଭ୍ୟାନ୍

କାମାକ୍ଷାନଗର,୧୬/୦୮ (ନି.ପ୍ର): ଢେଙ୍କାନାଳ-କାମାକ୍ଷାନଗର ମୁଖ୍ୟ ରାସ୍ତାର ମହୁଲପାଳ ଗାଁ ନିକଟରେ ଗତକାଲି ବିଳମ୍ବିତ ରାତିରେ ବ୍ରିଜ ତଳକୁ ଖସିପଡିଲା ପିକଅପ ଭ୍ୟାନ୍ । ଏହି ସମୟରେ ପିକ୍‌ଅପ୍ ଭ୍ୟାନ୍‌ରେ ଡ୍ରାଇଭରଙ୍କ ସମେତ ୩ ଯାତ୍ରୀ ଥିବା ବେଳେ ସେମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗତକାଲି ରାତିରେ ଏକ ପିକଅପ୍ ଭ୍ୟାନ୍ ଢେଙ୍କାନାଳରୁ କାମାକ୍ଷାନଗର ଆଡକୁ ଯାଉଥିଲା। ମହୁଲପାଳ ଗାଁ ନିକଟରେ ପୂର୍ତ୍ତ ବିଭାଗର ଆପ୍ରୋଚ୍ ରୋଡ଼ରେ ସିଧାସଳଖ ଭ୍ୟାନ୍‌ଟି ବ୍ରିଜ ତଳକୁ ଖସି ପଡ଼ିଥିଲା । ଅନ୍ଧକାରରେ ଦୁର୍ଘଟଣାଗ୍ରସ୍ତ ଗାଡିର ଲାଇଟ ଜଳୁଥିବା ତଥା ଲୋକଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ କାମାକ୍ଷାନଗର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଯାତ୍ରୀମାନଙ୍କୁ ଭ୍ୟାନ୍ ଭିତରୁ ଉଦ୍ଧାର କରିଥିଲେ । ଉଦ୍ଧାର ପରେ ଆହତ ଯାତ୍ରୀଙ୍କୁ କାମାକ୍ଷାନଗର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଜଣାପଡ଼ିଛି । ଡ୍ରାଇଭରର ବେପରୁଆ ଗାଡି ଚାଳନା ଯୋଗୁଁ ଏପରି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି ।

# ବେଆଇନ ବିଦ୍ୟୁତ ସଂଯୋଗ: ବିଦ୍ୟୁତ ବିଭାଗର ଦୃଷ୍ଟି ପଡୁ

ଗଞ୍ଜାମ,୧୬/୦୮ (ନି.ପ୍ର): ଶେରଗଡ ବ୍ଲକର ପିତଳରେ ସରୋଜପ୍ରଧାନ ନାମକ ଜଣେ ବ୍ୟକ୍ତି ଗୋଟିଏ ମହିଳା ଅନୁଷ୍ଠାର ଜମି ଲିଜ୍ ନେଇ ବାଇଓଫ୍ଲେକ ପଦ୍ଧତିରେ ମାଛ ଚାଷ କରୁଛନ୍ତି ।ଏଥିପାଇଁ ସେ ବିଦ୍ୟୁତଶକ୍ତି ବିଧିବଦ୍ଧ ଭାବେ ନଆଣି ପଡୋସି ଶ୍ୟାମ ସେଠୀଙ୍କ ଘରୁ ବେଆଇନ ଭାବେ ହୁକ ପକାଇ ଟେମ୍ପରାରୀ ଲାଇନରେ ବିଦ୍ୟୁତ ସଂଯୋଗ ନେଇ ମୋଟର ପ୍ରଭୃତି ଯନ୍ତ୍ରପାତି ବ୍ୟବହାର କରୁଛନ୍ତି। ଫଳରେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ସେ ଘରୋଇ ବିଦ୍ୟୁତ ବ୍ୟବହାର କରି କମରସିଆଲ ଫାଇଦା ଉଠାଉଛନ୍ତି। ଏଣୁ, ବିଦ୍ୟୁତ ବିଭାଗ ଅଧିକାରୀମାନେ ଘଟଣାର ତଦନ୍ତ କରି ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ ଓ ଉତ୍କଳ ବିକାଶ ମଞ୍ଚ ପକ୍ଷରୁ ୭୬ତମ ସ୍ୱାଧୀନତା ଦିବସ ପାଳିତ

ଭଦ୍ରକ ,୧୬/୦୮ (ନି.ପ୍ର): ଭଦ୍ରକ ତହସିଲ ରୋଡ଼ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ ଓ ଉତ୍କଳ ବିକାଶ ମଞ୍ଚ ସମନ୍ୱୟରେ ପବିତ୍ର ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଭଦ୍ରକ ଓକିଲ ସଂଘର ପୂର୍ବତନ ସଭାପତି ବିଷ୍ଣୁମୋହନ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ମୁଖ୍ୟବକ୍ତା ଭାବରେ ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନର ରାଜ୍ୟ ସଭାପତି ପ୍ରଦୀପ ସେନାପତି କହିଲେଯେ ସ୍ୱାଧୀନତା ଆମ ପାଇଁ ବିଶେଷ ଉପଲବ୍ଧି । ସ୍ୱାଧୀନତାର ମହାର୍ଘ ଚେତନା ଓ ଭାବବୋଧ ଆମ ସମସ୍ତଙ୍କର ଧ୍ୟେୟ ବୋଲି ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ମୁଁ କାମନା କରୁଛି । ସଂଗଠନର ରାଜ୍ୟ ସାଧାରଣ ସଂପାଦକ ତଥା ଉତ୍କଳ ବିକାଶ ମଞ୍ଚରେ ରାଜ୍ୟ ସଭାପତି ଆଇନଜୀବୀ ଦେବେନ୍ଦ୍ର କୁମାର ପଣ୍ଡା ଅନ୍ୟତମ ବକ୍ତା ଭାବରେ ଦେଶର ଗୌରବ ବୃଦ୍ଧି ପାଇଁ ଆଜିର ଏହି ପବିତ୍ର ଦିବସରେ ସଂକଳ୍ପ ବୋଧ ହୋଇ କାମ କରି ଚାଲିବା ଦେଶର ସ୍ୱାଧୀନତା ପାଇଁ ଆତ୍ମୋତ୍ସର୍ଗ କରିଥିବା କଷ୍ଟଲବ୍ଧ ସଂଗ୍ରାମୀମାନଙ୍କର ବଳିଦାନକୁ ସସମ୍ମାନେ ସ୍ମରଣ କରିବା ଏବଂ ଏକ ସଶକ୍ତ ଓ ସମୃଦ୍ଧ ରାଜ୍ୟ ଓ ଦେଶ ଗଢ଼ିବାକୁ ସଂକଳ୍ପବଧ ହେବା ପାଇଁ ଆହ୍ୱାନ ଦେଇଥିଲେ । ସଂଗଠନର ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ଘଡ଼େଇ ତ୍ୟାଗ ଓ ବଳିଦାନ ଦେଇ ସହୀଦ ହୋଇଥିବା ଦେଶଭକ୍ତ ମହାମନିଷୀମାନଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦେଶପାଇଁ ସେମାନଙ୍କ ବଳିଦାନ କଦାପି ବୃଥା ଯିବ ନାହିଁ ବୋଲି ଏହି ଅବସରରେ ଘୋଷଣା କରିଥିଲେ । ସେମାନଙ୍କର ତ୍ୟାଗ ଆମ୍ଭେମାନେ ଆଜି ଭୋଗ କରିଛେ ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ପବିତ୍ର ମୋହନ ଜେନା, ମିନତୀ ପାଢ଼ୀ, ମୁରଲିଧର ନାୟକ, ତାରିଣୀ ପ୍ରସାଦ ମଲ୍ଲିକ, ସୁଶାନ୍ତ ନାୟକ ପ୍ରମୁଖ ଯୋଗଦେଇ ଭାରତମାତାର ସୁଯୋଗ୍ୟ ସନ୍ତାନମାନଙ୍କୁ ସ୍ମରଣ କରି ସେମାନଙ୍କର ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ ।

# ଉପକାରୀ ସୁଗନ୍ଧ



**ଲେମ୍ବୁ :**

ଏହାର ସୁଗନ୍ଧ ଇନ୍ଦ୍ରିୟଗଡ଼ିକୁ ସତେଜ କରିବା ସହ ଏକାଗ୍ରତା ବଢ଼ାଇଥାଏ । ଏକ ଗବେଷଣାରୁ ଜଣାପଡ଼ିଥିଲା ଯେ ଯେଉଁ ପ୍ରତିଯୋଗୀମାନଙ୍କୁ ଲେମ୍ବୁ ଶୁଙ୍ଘିବା ଲାଗି ଦିଆଯାଇଥିଲା, ସେମାନେ କରିଥିବା ଟାଇପ୍‌ରେ ୫୪ ପ୍ରତିଶତ କମ୍ ତ୍ରୁଟି ରହିଥିଲା । ଲେମ୍ବୁର ସୁଗନ୍ଧ ମଣିଷକୁ କ୍ରୋଧ, ଚିନ୍ତାରୁ ମୁକ୍ତି ଦେବାରେ ସହାୟକ । ଏହା ବ୍ୟତୀତ ଲେମ୍ବୁ ଖାଇବା ଦ୍ୱାରା ଗଳା ସମସ୍ୟା, ଥଣ୍ଡାସର୍ଦ୍ଦି ଆଦି ଦୂର ହୋଇପାରେ । ଏଥିରେ ଜୀବାଣୁ ଏବଂ ଭୂତାଣୁ ପ୍ରତିରୋଧକ ଗୁଣ ରହିଛି ।

**ଡାଲଚିନି :**

ଗବେଷଣାରୁ ଜଣାଯାଇଛି ଯେ ଡାଲଚିନିର ସୁଗନ୍ଧ ମାନସିକ କ୍ଲାନ୍ତି ଦୂର କରିବା ସହ ଏକାଗ୍ରତା ବଢ଼ାଇବାରେ ସହାୟକ । ଡାଲଚିନିର ଉତ୍ତେଜକ ଗୁଣ ମଣିଷର ସ୍ମୃତିଶକ୍ତି ବଢ଼ିବାରେ ସହାୟକ ହୁଏ । ଏହା ପାଠ ପଢୁଥିବା ମଣିଷଙ୍କ ପାଇଁ ଖୁବ୍ ଲାଭଦାୟକ । ଡାଲଚିନିର ସୁଗନ୍ଧ ସ୍ମୃତିଶକ୍ତି ସହ ଜଡ଼ିତ କାର୍ଯ୍ୟଗୁଡ଼ିକରେ ସଫଳତା ଦେଇଥାଏ ।



**ମଲ୍ଲୀ ତେଲ:** ମନକୁ ଶାନ୍ତ ତଥା ଅବସାଦମୁକ୍ତ କରି ରଖିବା ଦିଗରେ ମଲ୍ଲୀ ତେଲ ବେଶ୍ ଉପକାରୀ । ଏହା ଆଶାବାଦୀ କରାଇବା ସହ ଆତ୍ମବିଶ୍ୱାସ ଏବଂ ସକାରାତ୍ମକ ମନୋଭାବ ବଢ଼ାଇଥାଏ । କାର୍ଯ୍ୟବ୍ୟସ୍ତତା ମଧ୍ୟରେ ବିରତି ନେଇ ମଲ୍ଲୀ ତେଲର ସୁଗନ୍ଧ ଆଘ୍ରାଣ କରିବା ଦ୍ୱାରା ମସ୍ତିଷ୍କ ସତେଜ ହୋଇଯାଏ ଏବଂ କାର୍ଯ୍ୟଦକ୍ଷତାରେ ଅଭିବୃଦ୍ଧି ଘଟେ ।

**ଲାଭେଣ୍ଡର :**

ଏହାର ମଧୁର ସୁଗନ୍ଧ ସ୍ନାୟୁକୁ ପ୍ରଭାବିତ କରିଥାଏ । ଉତ୍ତେଜନା, ଅବସାଦ, ମୁଣ୍ଡବ୍ୟଥା, ଅଧିକପାଳି ଆଦି ସମସ୍ୟାରୁ ଉପଶମ ଦେବାରେ ଲାଭେଣ୍ଡର ସୁଗନ୍ଧ ଉପକାରୀ । କାର୍ଯ୍ୟବ୍ୟସ୍ତତା ସମୟରେ ଏହି ସୁଗନ୍ଧ ଏକାଗ୍ରତା ବଢ଼ାଇପାରେ ।



**ପୋଦିନା :**

ସକାଳୁ ମାନ୍ଦା ଲାଗୁଥିଲେ ମାତ୍ର କେତୋଟି ପୋଦିନା ପତ୍ର ହାତରେ ମକଚି ଏହାକୁ ଶୁଙ୍ଘି ଦିଅନ୍ତୁ । ପିପରମେଣ୍ଟର ସୁଗନ୍ଧ ମନ ଓ ମସ୍ତିଷ୍କକୁ ସତେଜ କରିବା ସହ ଏକାଗ୍ରତା ଏବଂ ସତର୍କତା ବଢ଼ାଇପାରେ । ୨୦୧୩ରେ କରାଯାଇଥିବା ଏକ ଗବେଷଣାରେ ଜଣାପଡ଼ିଥିଲା ଯେ ପୋଦିନା ତେଲ କ୍ଲାନ୍ତି ଦୂର କରିବା ସହ ବ୍ୟାୟାମ ପ୍ରଦର୍ଶନରେ ସୁଧାର ଆଣିବାରେ ସହାୟକ ।

ଏସବୁ ବ୍ୟତୀତ ଘରେ ଥିବା କଫିର ସୁଗନ୍ଧ ମଧ୍ୟ ଉପକାରୀ । ଗବେଷଣା ରିପୋର୍ଟ ଅନୁସାରେ, କଫିର ସୁଗନ୍ଧ ଛାତ୍ରମାନଙ୍କୁ ବିଶ୍ଳେଷଣାତ୍ମକ କାର୍ଯ୍ୟରେ ବିଶେଷ ସହାୟକ ହୋଇଥାଏ । ତେଣୁ ମନ ଭଲ ଲାଗୁନଥିଲେ କିମ୍ବା ମାନ୍ଦା ଲାଗୁଥିଲେ ଏହା ମଧ୍ୟରୁ ଯେକୌଣସି ସୁଗନ୍ଧ ଆଘ୍ରାଣ କରି ସତେଜ ଏବଂ ସୁସ୍ଥ ଅନୁଭବ କରିପାରନ୍ତି ।






# ଚମତ୍କାର ପଥର

ତାମିଲନାଡୁର ସମୁଦ୍ରତଟବର୍ତ୍ତୀ ସହର ମହାବଳିପୁରମ୍ । ଏହି ସହରଟି ଏକ ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ ଭାବେ ଖ୍ୟାତି ଅର୍ଜନ କରିଛି । ମହାବଳିପୁରମ୍ ମନ୍ଦିର ଯେତିକି ଆକର୍ଷଣୀୟ ତା'ଠାରୁ ଅଧିକ କୌତୂହଳ ସୃଷ୍ଟି କରିଛି ଏଠାରେ ଥିବା ଏକ ବିରାଟକାୟ ପଥର ଖଣ୍ଡ । ଏହି ପଥର ଖଣ୍ଡ ବୈଚିତ୍ର୍ୟ ଆଗରେ ବିଜ୍ଞାନ ବି ଚୁପ୍ ପଡ଼ିଯାଇଛି । ଏକ ଛୋଟ ପାହାଡ଼ର ଗଡ଼ାଣିଆ ସ୍ଥାନରେ ଅଟକି ରହିଛି ୨୫୦ ଟନ ଓଜନର ବିରାଟକାୟ ଗ୍ରାନାଇଟ୍ ବା ମୁଗୁନି ପଥରଖଣ୍ଡ । ତିନିପଟୁ ଏହା ଗୋଲିଆ ହୋଇଥିବାବେଳେ ଏହାର ଗୋଟିଏ ପାଖ କୌଣସି ୫ ମିଟର ଚଉଡ଼ା ବିଶିଷ୍ଟ ପଥର ଖଣ୍ଡଟି ମାତ୍ର ୪ ଫୁଟ ସ୍ଥାନକୁ ଆଧାରି ଅଦ୍ଭୁତ ନୁହେଁ କି !

ଆମେ ସମସ୍ତେ ଜାଣୁ ଯେ, ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ସମସ୍ତ ବସ୍ତୁକୁ ନିଜ କେନ୍ଦ୍ର ସ୍ଥାନକୁ ଟାଣିଥାଏ । ପୁନଶ୍ଚ ସବୁ ବସ୍ତୁ ମଧ୍ୟରେ ବି ପରସ୍ପର ଆଡକୁ ଟାଣିବାର ଶକ୍ତି କାମ କରୁଥାଏ । ମାତ୍ର ୨୫୦ଟନ ଓଜନର ମହାବଳିପୁରମ୍‌ର ଏହି ମୁଗୁନି ପଥରଟି ୧୨ଶହ ବର୍ଷ ଧରି କାହିଁକି ତଳକୁ ଖସି ଆସୁନାହିଁ ! ଏସବୁ ବର୍ଷ ମଧ୍ୟରେ କେତେ ଭୂମିକମ୍ପ, ସୁନାମୀ, ଝଡ଼ବାତ୍ୟା ଏହି ବାଟ ଦେଇ ଅତିକ୍ରମ କରିଯାଇଛି, ମାତ୍ର ପଥରଖଣ୍ଡଟିକୁ ସାମାନ୍ୟ ହଲାଇବାକୁ ସକ୍ଷମ ହୋଇନାହାନ୍ତି । ତାମିଲ ଭାଷାରେ ଏହି ପଥରଟିକୁ କୁହାଯାଏ ଭାନିରାଇ କାଲ୍' ଅର୍ଥାତ୍ 'ଆକାଶ ଦେବତାଙ୍କ ପଥର' । ଏହାକୁ ମଧ୍ୟ କୁହାଯାଏ କୃଷ୍ଣଙ୍କ ଲହୁଣୀପେଣ୍ଡୁ । କ୍ରିଷ୍ଣାସ୍ ବଟରବଲ୍ । ଏହା ଆକାଶରୁ ଖସି ପଡ଼ିଥିବା ବିଶ୍ୱାସ କରାଯାଏ ।

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ୧୯୦୮ ମସିହାରେ ତତ୍କାଳୀନ ମାଡ୍ରାସ ଗଭର୍ଣ୍ଣର ଆର୍ଥର ଲଲେକ ଏକଦା ମହାବଳିପୁରମ୍‌ବାସୀଙ୍କ ଜୀବନ ପ୍ରତି ପଥରଟି ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା କରି ୭ଟି ହାତୀ ଲଗାଇ ଏହାକୁ ଘୁଞ୍ଚାଇବାକୁ ଚେଷ୍ଟା କରିଥିଲେ । ମାତ୍ର ଇଞ୍ଚେ ବି ହାତୀମାନେ ଘୁଞ୍ଚାଇବାକୁ ସକ୍ଷମ ହୋଇନଥିଲେ ।

ଚାଇନା ରାଷ୍ଟ୍ରପତି ଜି ଜିଙ୍ଗ୍‌ପିଙ୍ଗ୍ ଗତବର୍ଷ ଅକ୍ଟୋବର ମାସରେ ଭାରତ ଗସ୍ତରେ ଆସିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଅନୌପଚାରିକ ଭାବେ ଏହି ପଥର ଦେଖାଇବାକୁ ଡାକି ଆଣିଥିଲେ । ମହାବଳିପୁରମ୍‌ର ଅଦ୍ଭୁତ ମୁଗୁନି ପଥର ଖଣ୍ଡଟି ବିଶ୍ୱ ଐତିହ୍ୟଭାବେ ମାନ୍ୟତା ପାଇବାର ଗୌରବ ଅର୍ଜନ କରିଛି ।



# ଚକୋଲେଟ୍ ବ୍ରେଡ୍



ଏହା ପିଲାମାନଙ୍କର ଏକ ପ୍ରିୟ ସ୍ନାକ୍ସ ।

**ଆବଶ୍ୟକ ସାମଗ୍ରୀ :** ୧ ପ୍ୟାକେଟ ପାଉଁରୁଟି, ଡେରୀମିଲ୍କ ଚକୋଲେଟ ୨ଟି, ବଟର କିମ୍ବା ରିଫାଇନ୍ ତେଲ, କିଛି ଚକୋଲେଟ୍ ସସ୍ ।

**ପ୍ରସ୍ତୁତି :** ୬ରୁ ଆଠପଟ ପାଉଁରୁଟି ନେଇ ଏହାକୁ ଗ୍ଲାସ୍ କିମ୍ବା କଟରରେ ଗୋଲ୍‌ଗୋଲ୍ କାଟି ଦିଅନ୍ତୁ । ଡେରୀ ମିଲ୍କ ଚକୋଲେଟ ଭାଙ୍ଗି ୨/୪ ଖଣ୍ଡ ଗୋଟିଏ ପାଉଁରୁଟି ଉପରେ ରଖି ତା' ଉପରେ ଆଉ ଏକ ପାଉଁରୁଟି ରଖିବେ । ପାଣି ଲଗାଇ ଦୁଇ ପାଉଁରୁଟିର କଡ଼ ଭଲଭାବେ ବନ୍ଦ କରିଦିଅନ୍ତୁ । ଏକ ପ୍ୟାନ୍ ଚୁଲିରେ ବସାଇ ଏଥିରେ ବଟର କିମ୍ବା ତେଲ ଅଳ୍ପ ଦେବା ପରେ ଏହି ଯୋଡ଼ା ପାଉଁରୁଟି ରଖି ଦୁଇପଟ ହାଲ୍‌କା ସୁନେଲି ରଙ୍ଗର ହେବା ପର୍ଯ୍ୟନ୍ତ ସେକିବେ । ଏହା ପରେ ପ୍ଲେଟ୍‌ରେ ବାହାର କରି ସେଥିରେ ଅଳ୍ପ ଚକୋଲେଟ୍ ସସ୍ ପକାଇ ପରଷି ଦିଅନ୍ତୁ ।

## ସ୍ୱାସ୍ଥ୍ୟ ଟିପ୍ସ

ମଧୁମେହ ଭୋଗୁଥିଲେ, ସପ୍ତାହରେ ତିନି ଦିନ ଅତି କମ୍‌ରେ ୪୫ ମିନିଟ୍ ଭାରଯୁକ୍ତ ବ୍ୟାୟାମ କରନ୍ତୁ । ଆଉ ତିନି ଦିନ କାର୍ଡିଓ ବ୍ୟାୟାମ । ୩୦-୪୦ ମିନିଟ୍ ସାଇକେଲିଂ, ଦୌଡ଼, ସନ୍ତରଣ ଟ୍ରେଡ୍ ମିଲ୍‌ରେ ଦୌଡ଼, ସ୍କିପିଂ, ଷ୍ଟେପିଂ ଆଦି ମଧୁମେହ ରୋଗୀଙ୍କ ପାଇଁ ଉପକାରୀ । ହାଲିଆ ଲାଗିବା ପର୍ଯ୍ୟନ୍ତ ଏସବୁ ବ୍ୟାୟାମ କରନ୍ତୁ । ବିଶ୍ରାମ ନେଇ ପୁଣି କରନ୍ତୁ । ଏହା ସହ ବ୍ୟାଡ୍‌ମିଣ୍ଟନ୍, ଟେନିସ୍, ଫୁଟବଲ୍, ବାସ୍କେଟବଲ୍, ରଗ୍‌ବି, ସ୍କ୍ୱାସ୍, ହ୍ୟାଣ୍ଡବଲ୍ ଖେଳିପାରନ୍ତି । କରାଟେ, କୁସ୍ତି, ମୁଷ୍ଟିଯୁଦ୍ଧ ଅଭ୍ୟାସ କରିପାରନ୍ତି । ପୁଷ୍ଟିସାର, ତନ୍ତୁ ତଥା ଧୀରେ ଧୀରେ ହଜମ ହେଉଥିବା ଶ୍ୱେତସାରଯୁକ୍ତ ଖାଦ୍ୟ ଖାଆନ୍ତି । ପ୍ରଥମେ ଅଧିକ ପୁଷ୍ଟିସାର ଯୁକ୍ତ ଖାଦ୍ୟ ଖାଇଲେ ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ । ଶ୍ୱେତସାରଯୁକ୍ତ ଖାଦ୍ୟ ସର୍ବଦା ଶେଷରେ ଖାଆନ୍ତୁ । ପ୍ରତି ଦିନ ସୋୟାବିନ୍, ବୁଟ, ମଟର, ଡାଲି, ରାଜମା, ପନିପରିବା, ଫଳ ଖାଆନ୍ତୁ । ଚାଉଳ, ଗହମ, ବିରି, ଦୁଗ୍ଧ, ମିଠା ଯଥା ସମ୍ଭବ କମ୍ ଖାଆନ୍ତୁ । ବାହାର ଖାଦ୍ୟ ନ ଖାଇବା ଭଲ । ପ୍ରତିଦିନ ଜିଙ୍କ୍, କ୍ରୋମିଅମ୍, ଭିଟାମିନ୍ ବି ଏବଂ ସି ଖାଆନ୍ତୁ । ୧୦ ଗ୍ରାମ୍ ଲେଖାଏଁ ଡାଲଚିନି ଓ ମେଥି ଗୁଣ୍ଡ ଏକ ଲିଟର୍ ପାଣିରେ ପକାଇରଖନ୍ତୁ । ପ୍ରତି ଥର ଭୋଜନ ପୂର୍ବରୁ ସେହି ପାଣିରେ ପକାଇରଖନ୍ତୁ । ପ୍ରତି ଥର ଭୋଜନ ପୂର୍ବରୁ ସେହି ପାଣିରୁ ଦୁଇ ଢ଼ୋକ ପିଅନ୍ତୁ । ରସୁଣ, ଗୁଗୁଳ, ସିଓକ୍ୟୁ-୧୦ ଏନ୍‌ଜାଇମ୍, ଗ୍ରେପ୍‌ସିଡ୍ ଏକ୍ସଟ୍ରାକ୍ଟ, ପାଇନାପୁଲ୍ ଏକ୍ସଟ୍ରାକ୍ଟ, ଜାମୁକୋଳି, ଧନିଆ ପତ୍ର ମଧ୍ୟ ପ୍ରତି ଦିନ ଖାଇବା ଭଲ ।



# ଖରାମହୌଷଧି

ବ୍ୟସ୍ତ ଜୀବନଶୈଳୀ ମଧ୍ୟରେ ଖାଦ୍ୟପେୟ, ତ୍ରୁଟିପୂର୍ଣ୍ଣ ଦିନଚର୍ଯ୍ୟା, ବିଷାଦ ଯୋଗୁ ବିଭିନ୍ନ ରୋଗ ଆକ୍ରାନ୍ତ କରୁଛି । ଏହା ମଧ୍ୟରେ ମେଦବହୁଳତା, ମଧୁମେହ, ହାଇପରଟେନ୍‌ସନ୍ ଏବଂ କେଶ ସମସ୍ୟା ପ୍ରମୁଖ । ଏସବୁରୁ ମୁକୁଳିବା ଲାଗି ଲୋକେ ବିଭିନ୍ନ ଉପାୟ ଆପଣାଉଛନ୍ତି । ତେବେ ମେଦବହୁଳତା ଏବଂ ହାଇପରଟେନ୍‌ସନ୍ ଅନ୍ୟ ଏକାଧିକ ରୋଗର କାରଣ ହେଉଥିବା ବେଳେ ଏଥିରୁ ସୁରକ୍ଷିତ ରହିବା କଷ୍ଟକର ହୋଇପଡ଼ିଛି । ଏକ ନୂତନ ଗବେଷଣାରୁ ଜଣାଯାଇଛି ଯେ ସୂର୍ଯ୍ୟକିରଣ ଏଥିପାଇଁ ଉପକାରୀ । ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ୍ ଏନ୍‌ଭିରନମେଣ୍ଟାଲ ରିସର୍ଚ୍ଚର ଏକ ରିପୋର୍ଟରୁ ଏହା ପ୍ରକାଶ । ସକାଳ ଖରା ଭିଟାମିନ୍-ଡି'ର ପ୍ରମୁଖ ଉତ୍ସ ହୋଇଥିବାରୁ ଏହା ଶରୀର ପାଇଁ ଉପକାରୀ ବୋଲି ଜଣାଥିଲା । ତେବେ କଅଁଳ ଖରା ଓଜନ ବୃଦ୍ଧି ଓ ହାଇପରଟେନ୍‌ସନ୍‌ରୁ ସୁରକ୍ଷା ପାଇଁ ଉପକାରୀ ହୋଇପାରେ ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।





# ବାଘ ଛୁଆଙ୍କ ସହ ସନ୍ତରଣ



ଫ୍ଲୋରିଡାର ଡେଡ୍ କଣ୍ଟ୍ରିରେର ଥିବା ଏକ ଚିଡ଼ିଆଖାନାରେ ବାଘ ଛୁଆଙ୍କ ସହ ସନ୍ତରଣ କରିବା ପାଇଁ ମଣିଷଙ୍କୁ ସୁଯୋଗ ଦିଆଯାଉଛି । ଅନେକ ଏଥି ପ୍ରତି ଆଗ୍ରହୀ ହେଉଛନ୍ତି । ଚିଡ଼ିଆଖାନା କର୍ତ୍ତୃପକ୍ଷ ଅଧିକ ପାଣ୍ଠି ନିମନ୍ତେ ଏହା କରୁଛନ୍ତି । ଏକ ସନ୍ତରଣ କୁଣ୍ଡରେ ବାଘ ଛୁଆଙ୍କ ସହ ଅଧ ଘଣ୍ଟା ପହଁରିବା ପାଇଁ ଦେବାକୁ ପଡୁଛି ୨୦୦ ଡଲାର୍ । ମଣିଷଙ୍କୁ ପାଖରେ ଦେଖି, ବାଘ ଛୁଆଗୁଡ଼ିକ ଭୟଭୀତ ହେଉଥିବା ଦେଖାଯାଉଛି । ଏହା ପ୍ରାଣୀଙ୍କ ପ୍ରତି ନିଷ୍ଠୁରତା । ପ୍ରାଣୀ ସରୁକ୍ଷା କ୍ଷେତ୍ରରେ କାର୍ଯ୍ୟରତ 'ପେଟା' ସଂଗଠନ ଏହାକୁ ବନ୍ଦ କରିବା ପାଇଁ ଦାବି କରୁଛି ।

# ମାନସିକ ଚାପର ମୁକାବିଲା

ଆଜିକାଲି ବ୍ୟସ୍ତବହୁଳ ଆଧୁନିକ ଜୀବନରେ ଆମେ ସମସ୍ତେ ପ୍ରତ୍ୟେକ କିଛି ନା କିଛି ମାନସିକ ଚାପ ବା ଷ୍ଟ୍ରେସର ସମ୍ମୁଖୀନ ହେଉଛେ । ସବୁବେଳେ ମାନସିକ ଚାପ ଆମମାନଙ୍କ ପ୍ରତି କ୍ଷତିକାରକ ହୋଇ ନଥାଏ । ବରଂ ବେଳେ ବେଳେ ଏହ ଆମମାନଙ୍କ ପାଇଁ ସହାୟକ ହୋଇଥାଏ । ଏହା ଦ୍ୱାରା ମନୁଷ୍ୟର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ । ମାତ୍ର ଯେତେବେଳେ ଆମ ଉପରେ ମାନସିକ ଚାପ ଅତ୍ୟଧିକ ମାତ୍ରରେ ପଡ଼ିଥାଏ ବା ଅଧିକ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ, ସେତେବେଳେ ଏହା ଆମର ମାନସକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ । ଆମ ଦେଶରେ ପ୍ରାୟ ୨୦ରୁ ୩୦ ପ୍ରତିଶତ ଲୋକଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଦେଖାଯାଇଥାଏ । ଆସନ୍ତୁ ଜାଣିବା




ମାନସିକ ଚାପର ବିଭିନ୍ନ କାରଣର, ଲକ୍ଷଣର ଓ ଏହାର ମୁକାବିଲା କରିବାର ଉପାୟଗୁଡ଼ିକ ସମ୍ବନ୍ଧରେ ।

**କେଉଁ କାରଣରୁର ମାନସିକ ଚାପ ଦେଖାଦେଇଥାଏ ?**

ମାନସିକ ଚାପ ବିଭିନ୍ନ କାରଣରୁ ହୋଇପାରେ । ଆଜିକାଲି ସ୍କୁଲ ଓ କଲେଜରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଉପରେ ପାଠପଢ଼ା ଓ ପରୀକ୍ଷାରେ ଅଧିକ ନମ୍ବର ରଖିବା ପାଇଁ ସବୁବେଳେ ମାନସିକ ଚାପ ପଡୁଛି । ବିଭିନ୍ନ ଚାକିରି ଓ ବ୍ୟବସାୟ କରୁଥିବା ବ୍ୟକ୍ତି ଅଧିକାଂଶ ସମୟରେ ଅତ୍ୟଧିକ କାର୍ଯ୍ୟଭାରର ସମ୍ମୁଖୀନ ହେଉଛନ୍ତି । ଏହା ଛଡ଼ା କାର୍ଯ୍ୟକ୍ଷେତ୍ରରେ ଅତ୍ୟଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ରଖି କାମ କରୁଥିବା ବ୍ୟକ୍ତିମାନେ ମାନସିକ ଚାପର ବେଶି ଶିାର ହେଉଛନ୍ତି । ଏକ ସାଙ୍ଗରେ ବହୁତ ଗୁଡ଼େ କାମ (ମଲ୍‌ଟିଟାସ୍କିଂ) କରିବା ଦ୍ୱାରା ମଧ ମାନସିକ ଚାପ ବୃଦ୍ଧି ପାଉଛି । ଜୀବନରେ ଘଟୁଥିବା କେତେକ କଠିନ ଓ ଅସୁବିଧାଜନକ ଘଟଣାବଳି ଯଥା ବେରୋଜଗାରି, ଆର୍ଥିକ ସଙ୍କଟ, ପାରିବାରିକ କଳହ, ଆତ୍ମୀୟ ଲୋକର ହଠାତ୍ ମୃତ୍ୟୁ ଆଦି ମାନସିକ ଚାପ ସୃଷ୍ଟି କରିଥାଏ । ସବୁବେଳେ ନକାରାତ୍ମକ ଚିନ୍ତାଧାରା ରଖି କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ମାନସିକ ଚାପର ସମ୍ମୁଖୀନ ହୋଇଥାନ୍ତି । ପ୍ରତିଦିନ ଶୋଇବା ଓ ବିଶ୍ରାମ କରିବା ପାଇଁ ଯଥେଷ୍ଟ ସମୟ ନ ମିଳିଲେ ମାନସିକ ଚାପ ସୃଷ୍ଟି ହୋଇଥାଏ । ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଅଧିକ ଦେଖାଯାଇଥାଏ । କେତେକ ବ୍ୟକ୍ତି ଜିନ୍‌ଗତ କାରଣ ଯୋଗୁ ମାନସିକ ଚାପ ପ୍ରତି ଅତ୍ୟଧିକ ସମ୍ବେଦନଶୀଳ ହୋଇଥାନ୍ତି । ଆଜିକାଲିର ଆଧୁନିକ ଜୀବନଶୈଳୀ ମଧ୍ୟ କେତେକାଂଶରେ ମାନସିକ ଚାପ ଆରମ୍ଭର କାରଣ ହୋଇପାରେ ।

**ମାନସିକ ଚାପର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ :**

ମାନସିକ ଚାପ ଯୋଗୁ ନାନା ପ୍ରକାରର ଲକ୍ଷଣମାନ ଦେଖାଯାଇଥାଏ । ଏଥିଯୋଗୁଁ ମନ ଅସ୍ଥିର, ବ୍ୟସ୍ତ ଓ ବିଚଳିତ ରହେ, ଛୋଟ ଛୋଟ କଥାରେ ଚିଡ଼ିଚିଡ଼ା ଲାଗେ, ସଠିକ୍ ଭାବରେ କୌଣସି ନିଷ୍ପତ୍ତି ନେଇ ହୁଏ ନାହିଁ । ଏବଂ ସ୍ମରଣ ଶକ୍ତି ହ୍ରାସ ପାଇଥାଏ । ମାନସିକ ଚାପ ଯୋଗୁ ଦେହ ହାତ ଥରିବା, ପାଟି ଶୁଖିଯିବା, ଛାତି ଜୋରରେ ଧଡ଼ ଧଡ଼ ହେବା, ଅତ୍ୟଧିକ ଝାଳ ବୋହିବା, ମୁଣ୍ଡ ବୁଲାଇବା, ଅଣନିଃଶ୍ୱାସୀ ଲାଗିବା ଓ ବାରମ୍ବାର ପରିସ୍ରା ଲାଗିବା ଆଦି ଲକ୍ଷଣମାନ ଦେଖାଯାଇଥାଏ । ଏହି ସମୟରେ ଅଳ୍ପ କାମ କଲା ପରେ ଥକ୍କା ଲାଗିଥାଏ ଏବଂ କାମରେ ଏକାଗ୍ରତା କମିଯାଏ । ନିଜର କାର୍ଯ୍ୟଦକ୍ଷତା ଧୀରେ ଧୀରେ ହ୍ରାସ ପାଏ । ଏହି ସମୟରେ ଭୋଗ ଓ ନିଦ କମିଯାଏ । ସକାଳୁ ଉଠିଲେ ସତେଜ ଲାଗେ ନାହିଁ । ଅଧିକ ଦିନ ପର୍ଯ୍ୟନ୍ତ ମାନସିକ ଚାପ ଲାଗି ରହିଲେ ନାନା ପ୍ରକାରର ମାନସିକ ସମସ୍ୟା ଯଥା ଅବସାଦ ରୋଗ (ଡିପ୍ରେସନ), ଉଦ୍‌ବେଗ ରୋଗ (ଆଙ୍ଗଜାଇଟି), ଛାନିଆ ରୋଗ (ପ୍ୟାନିକ ରୋଗ), ଉନ୍ମାଦ ରୋଗ (ବାଇପୋଲାର ରୋଗ), ସାଇକୋସିସ୍ ଆଦଦି ଆରମ୍ଭ ହୋଇପାରେ । ଏହା ଛଡା ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟା ଯଥା ଉଚ୍ଚ ରକ୍ତଚାପ, ହୃଦରୋଗ, ମୁଣ୍ଡବିନ୍ଧା, ହଜମ ଶକ୍ତି ହ୍ରାସ ପାଇବା, ଚୁଟି ଝଡ଼ିବା ଓ ଯୌନ ସମସ୍ୟା ଆଦି ଆରମ୍ଭ ହୋଇପାରେ । ଯେଉଁ ଡାଇବେଟିସ ରୋଗୀମାନେ ଦୀର୍ଘ ଦିନ ପର୍ଯ୍ୟନ୍ତ ମାନସିକ ଚାପର ସମ୍ମୁଖୀନ ହୋଇଥାନ୍ତି, ସେମାନଙ୍କର ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରହିବା କଷ୍ଟକର ହୋଇଥାଏ । କେତେକ ଲୋକଙ୍କଠାରେ ମାନସିକ ଚାପ ଦୀର୍ଘଦିନ ଧରି ଲାଗି ରହିଲେ ଓଜନ ବଢ଼ିଥାଏ ଓ ମେଦବହୁଳତା ଦେଖାଯିବାର ସମ୍ଭାବନା ମଧ୍ୟ ଥାଏ । କିଛି ଲୋକଙ୍କଠାରେ ଧୀରେ ଧୀରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ ଓ ବିଭିନ୍ନ ପ୍ରକାରର ସଂକ୍ରମଣ ବାରମ୍ବାର ଦେଖାଯାଇଥାଏ । କେତେକ ବ୍ୟକ୍ତି ମାନସିକ ଚାପରୁ ନିଜକୁ ଦୂରେଇ ରଖିବା ପାଇଁ ମଦ, ଗଞ୍ଜେଇ ଓ ସିଗାରେଟ୍ ଆଦି ନିଶାସେବନ ଆରମ୍ଭ କରି ଦିଅନ୍ତି । ଯାହା ଦ୍ୱାରା ମାନସିକ ଚାପ ଓଲଟା ଆହୁରି ବଢ଼ିଯାଏ । ବେଳେ ବେଳେ କେତେକ ବ୍ୟକ୍ତି ମାନସିକ ଚାପର ମୁକାବିଲା କରି ନପାରି ଆତ୍ମହତ୍ୟା ମଧ୍ୟ କରିଥାନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଦାୟିତ୍ୱବାନ ହେବା ଆବଶ୍ୟକ

ଯେକୌଣସି ପରୀକ୍ଷା ଦେବା ପୂର୍ବରୁ ବିଦ୍ୟାର୍ଥୀମାନେ ସେଥିରେ ସଫଳତା ଲାଭ କରିବା ନିମନ୍ତେ ଅକ୍ଲାନ୍ତ ପରିଶ୍ରମ କରିଥାନ୍ତି ଏବଂ ଯେତେବେଳେ ପରୀକ୍ଷା ସୁଚାରୁ ରୂପେ ସମ୍ପନ୍ନ ହୋଇଯାଇଥାଏ, ସେମାନେ ଆଶ୍ୱସ୍ତି ଲାଭ କରନ୍ତି। କାରଣ ସେମାନଙ୍କ ପରିଶ୍ରମ କେଉଁ ଫଳ ଆଣିଦେବ, ତାହା ତ ଏକ ଭିନ୍ନ କଥା, କିନ୍ତୁ ସେମାନେ ପରୀକ୍ଷା ତ ଭଲରେ ଦେଇଛନ୍ତି। ପରନ୍ତୁ ସୁଚାରୁ ରୂପେ ପରୀକ୍ଷା ସମ୍ପନ୍ନ କରାଇବା ଜାତୀୟ ପରୀକ୍ଷଣ ଏଜେନ୍ସି (ଏନଟିଏ) ପାଇଁ ଏକ ଅଗ୍ନି ପରୀକ୍ଷା ସାବ୍ୟସ୍ତ ହୋଇଛି। ବିଶ୍ୱବିଦ୍ୟାଳୟ ସ୍ତରରେ ନାମ ଲେଖାପାଇଁ ବିଦ୍ୟାର୍ଥୀମାନଙ୍କୁ ଏଣିକି କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟରେ ଉତ୍ତୀର୍ଣ୍ଣ ହେବାକୁ ପଡୁଛି। ହେଲେ ଏନଟିଏ ଯେତେବେଳେ ଠିକ୍ ସମୟରେ ପ୍ରଶ୍ନପତ୍ର ପ୍ରଦାନ କରିବାରେ ବିଫଳ ହେଲା ବା ଇଣ୍ଟରନେଟର ସାଇଟରେ ଅପଲୋଡ୍ କରିପାରିଲା ନାହିଁ, କ୍ୟୁଏଟ୍ ଏକ ବଡ଼ ଧରଣର ବୈଷୟିକ ସମ୍ମୁଖୀନ ହେଲା। ପରିଣତିରେ ପରୀକ୍ଷା ଦେବା ପରିବର୍ତ୍ତେ ଦେଶର ୨୯ଟି ସହରର ୪୧ଟି ପରୀକ୍ଷା କେନ୍ଦ୍ରର ୫୦ ହଜାରରୁ ଅଧିକ ପରୀକ୍ଷାର୍ଥୀଙ୍କୁ ନିରାଶ ହୋଇ ଘରକୁ ଫେରିବାକୁ ପଡ଼ିଲା। କେବଳ ଏତିକି ନୁହେଁ, ଆହୁରି କେତେକ ଉପକରଣ ବା ଲଜିଷ୍ଟିକସ୍ ଯୋଗାଣ ସମ୍ପର୍କିତ ତ୍ରୁଟି ବିଚ୍ୟୁତି ମଧ୍ୟ ଘଟିଥିବାର ଦେଖିବାକୁ ମିଳିଥିଲା। ଅନେକ ସଂଖ୍ୟକ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରମାନଙ୍କରେ ପହଂଚିବା ପରେ ହିଁ ସେମାନଙ୍କ ପରୀକ୍ଷା ଅନ୍ୟ ସମୟକୁ ଘୁଂଚି ଯାଇଥିବା ଜାଣିବାକୁ ପାଇଥିଲେ; ପ୍ରଶ୍ନପତ୍ରଗୁଡ଼ିକୁ ସବୁ ସମୟରେ ପାଇ ହୋଇନଥିଲା; ଆଉ କେତେକ ପରୀକ୍ଷାର୍ଥୀ ସର୍ଭରରେ ଅସୁବିଧା ଦେଖାଦେବାରୁ ସେମାନଙ୍କର ଉତ୍ତର ଖାତା ପ୍ରଦାନ କରିପାରିନଥିଲେ। ସଂଯୋଗବଶତଃ ବୈଷୟିକ ତ୍ରୁଟିଗୁଡ଼ିକ ଯୋଗୁଁ ଯେ କମ୍ପ୍ୟୁଟର-ଆଧାରିତ ଏଣ୍ଟ୍ରାନ୍ସ ପରୀକ୍ଷା ପ୍ରଥମଥର ପାଇଁ ଏଭଳି ଅସୁବିଧାଗୁଡ଼ିକର ସାମନା କରିଥିଲା ବା ବିଦ୍ୟାର୍ଥୀମାନଙ୍କୁ ଭଗ୍ନ ମନୋରଥ କରିଥିଲା, ତା' ନୁହେଁ। ତେଣୁ ସ୍ୱାଭାବିକ ଭାବରେ ଏନ୍‌ଟିଏର ଦକ୍ଷତା ଉପରେ ଏହା ସନ୍ଦେହ ସୃଷ୍ଟି କରିଛି। କହିବା ବାହୁଲ, ଏଭଳି ତ୍ରୁଟି ଅକ୍ଷମଣୀୟ କାରଣ ଏହି ସଂସ୍ଥା ନିକଟରେ ପର୍ବୂରୁ ଜଏଣ୍ଟ ଏଣ୍ଟ୍ରାନ୍ସ ପରୀକ୍ଷା- ମେନ୍, ନ୍ୟାସନାଲ୍ ଏଲିଜିବିଲିଟି- କମ୍- ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍) ଏବଂ ନ୍ୟାସ୍‌ନାଲ ଏଲିଜିବିଲିଟି ଟେଷ୍ଟ୍ ପରୀକ୍ଷାଗୁଡ଼ିକୁ ସୁରୁଖୁରୁରେ ସମ୍ପନ୍ନ କରାଇବାର ଅନୁଭୂତି ରହିଛି। ତେବେ ସବୁଠୁ ବଡ଼ ପରିତାପର ବିଷୟ ହେଉଛି, ଏଭଳି ଅସୁବିଧା ନିମନ୍ତେ ସମସ୍ତଙ୍କର ହୃଦବୋଧ ହେବାଭଳି କୌଣସି ସ୍ପଷ୍ଟୀକରଣ ପ୍ରଦାନ କରାଯାଇ ନାହିଁ ଏବଂ ଯାହା କରାଯାଉଛି, ତାହା କେବଳ ଉପର ଠାଉରିଆ ମନେହୁଏ। ପରୀକ୍ଷାରେ ଏଭଳି ଅସୁବିଧା ପାଇଁ ପ୍ରାରମ୍ଭିକ ଅବସ୍ଥାରେ ପରୀକ୍ଷାକାରୀ ସଂସ୍ଥା ଦୋଷ ଲଦିଲା ପରୀକ୍ଷା କେନ୍ଦ୍ରମାନଙ୍କ ଉପରେ ଏବଂ କହିଲା ଯେ ସେମାନେ ପରୀକ୍ଷାର ନିୟମ କାନୁନକୁ ଓ ପଦ୍ଧତିଗୁଡ଼ିକୁ ଠିକ୍ ଭାବରେ ଅନୁପାଳନ କଲେନାହିଁ। କିନ୍ତୁ, ଏହାର ଅଳ୍ପ ସମୟ ପରେ ବିଶ୍ୱବିଦ୍ୟାଳୟ ମଂଜୁରୀ ଆୟୋଗର ଅଧ୍ୟକ୍ଷ ଏମ୍ ଦଗଦେଶ କୁମାର ଏଥିରୁ ସମସ୍ତଙ୍କୁ 'ଅସୁବିଧା'ରେ ପକାଇବାର ସଙ୍କେତ ମିଳିବା ଭଳି ଅଭିଯୋଗ ଉଠାଇଲେ। ଅପ୍ରତ୍ୟାଶିତ ଭାବରେ ଅସୁବିଧାର ସମ୍ମୁଖୀନ ହୋଇଥିବା ପରୀକ୍ଷାଗୁଡ଼ିକ ଅଗଷ୍ଟ ୨୪ରୁ ୨୮ ଭିତରେ ହେବ ବୋଲି ଏନଟିଏ ଘୋଷଣା କରିଛି। ତେବେ, ଏହାକୁ ଏକ ଆଶ୍ୱାସନା ବା ମୁକ୍ତି ଭାବରେ ଗଣନା କରାଯାଇପାରିବ ନାହିଁ। ଏହିସବୁ ତ୍ରୁଟି ନିଃସନ୍ଦେହରେ ବିଦ୍ୟାର୍ଥୀମାନଙ୍କର ଭାବଗତ ଚାପ ଏବଂ ଉତ୍କଣ୍ଠାକୁ ବଢ଼ାଇ ଦେଇଛି। ଜାଣିବାକୁ ମିଳିଛି ଯେ ଜଣେ ବିଦ୍ୟାର୍ଥୀଙ୍କୁ କ୍ୟୁଏଟ୍ ପାଇଁ ଚଳିତବର୍ଷ ଚତୁର୍ଥ ଥର ପାଇଁ ପ୍ରସ୍ତୁତ ହେବାକୁ ପଡ଼ିଥିଲା। ଏଥିପାଇଁ ଏନଟିଏ ତେଣୁ କୌଣସି ସଫେଇ ଦେଖ ଖସିଯାଇ ପାରିବ ନାହିଁ। ଏହା ସ୍ୱୀକାର କରିବା ଉଚିତ୍ ଯେ ନିଜର କାର୍ଯ୍ୟ ପଦ୍ଧତିରେ ସନ୍ତୁଷ୍ଟ ହୋଇ ରହିଯିବା ପରୀକ୍ଷା ସମ୍ପାଦନ ନିମନ୍ତେ ଏହାର ଦୁର୍ବଳ ପ୍ରସ୍ତୁତି ଦିଗରେ ପଥ କଢ଼ାଇ ନେଇଥିଲା, ଯାହା ପ୍ରକାରାନ୍ତରେ ସବୁକିଛି ବିଘ୍ନର କାରଣ ପାଲଟିଛି।

# ପାକ୍‌ର ଭାରତ ବିରୋଧୀ ଷଡଯନ୍ତ୍ର

**ସୌମେନ୍ଦ୍ର ଜେନା**

ଆମେରିକାରେ ଭାରତକୁ ଘେରିବା, ଭାବମୂର୍ତ୍ତି ଖରାପ କରିବା ଲକ୍ଷ୍ୟରେ ପାକିସ୍ଥାନ ତରଫରୁ ଯେଉଁସବୁ ପ୍ରକଳ୍ପ ଚାଲୁରହିଛି ତନ୍ମଧ୍ୟରେ ପ୍ରମୁଖ ଦୁଇଟି ହେଲା ଜଷ୍ଟିସ ଫର ଅଲ୍ ଏବଂ ସାଉଣ୍ଡ ଭିଜନ ସଂଗଠନ । ୨୭ ଏପ୍ରିଲ ୧୯୯୯ରେ ଆମେରିକାର ଇଲିନୋଇସ୍‌ଠାରେ (ଚିକାଗୋ) ଏହି ସ୍ୱେଚ୍ଛାସେବୀ ସଂଗଠନଟି ଅବଦୁଲ ମାଲିକ ମୁଜାହିଦଙ୍କ ଦ୍ୱାରା ପଞ୍ଜିକୃତ ହୋଇଥିଲା । ପାକ୍ ମୂଳର ଆମେରିକା ନାଗରିକ ମାଲିକଙ୍କ ଏହି ସଂଗଠନଟି ଏବେ ଅଧ୍ୟକ୍ଷ ଡକ୍ଟର ଖୁର୍ସିଦ ମାଲିକ, ଉପାଧ୍ୟକ୍ଷ ଓସମାନ ମିଆଁ, ସଂପାଦକ ଅନୱର କାଜ୍‌ମୀ, ତିନି ନିର୍ଦ୍ଦେଶକ ଓସମାନ୍ ଡ୍ରାମେ,ଏମାଦ ଏଲ ତୁର୍କ ଏବଂ ଆୟେଶା କେ ମୁସ୍ତଫାଙ୍କ ଦ୍ୱାରା ପରିଚାଳିତ ହେଉଛି । ଏହି ସଂଗଠନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀମାନେ ୱାସିଂଟନ ଡିସି, ନିଉୟର୍କ, ବୋଷ୍ଟନ, ଟେକ୍ସାସ ଏବଂ ଅନ୍ୟାନ୍ୟ ସ୍ଥାନରେ ରହିଛନ୍ତି । ଜେଏଫ୍‌ଏ (ଜଷ୍ଟିସ ଫର୍ ଅଲ୍) ହେଉଛି ମୁଖ୍ୟ ସଂଗଠନ ଯାହାର ଅଧିନରେ ସେଭ୍ ଇଣ୍ଡିଆ, ଫ୍ରି କାଶ୍ମିର, ଫେଥ୍ କୋଆଲିସନ, ବର୍ମା ଟାସ୍କଫୋର୍ସ ପରି ପ୍ରକଳ୍ପଗୁଡିକ ସଫଳତାର ସହ ଚାଲୁରହିଛି । ଏହାକୁ ଶକ୍ତି ଯୋଗାଉଥିବା ସଂଗଠନ ହେଉଛି ଚିକାଗୋସ୍ଥିତ ମେଡିଆ କମ୍ପାନୀ ସାଉଣ୍ଡ ଭିଜନ,ଯାହା ୧୯୮୮ରୁ କାର୍ଯ୍ୟକରୁଛି । ସାଉଣ୍ଡ ଭିଜନ ଫାଉଣ୍ଡେସନ ଟିକସ ଛାଡ ସୁବିଧା ଲାଭ କରୁଛି । ଏହି ସଂସ୍ଥାକୁ ଇସଲାମିକ ସର୍କଲ ଅଫ ନର୍ଥ ଆମେରିକା ହିଁ ଆରମ୍ଭ କରିଥିଲା (୧୯୮୮) । ଯୁକ୍ତରାଷ୍ଟ୍ର ଆମେରିକା ଏବଂ କାନାଡାରେ ଇସଲାମିକ ଶିକ୍ଷାଦାନ ନିମିତ୍ତ ଆଇସିଏନ୍‌ଏର ମଲ୍‌ଟିମେଡିଆ ଶାଖା ଭାବେ ଏହାକୁ ଆରମ୍ଭ କରାଯାଇଥିଲା । ସାଉଣ୍ଡ ଭିଜନର ପୁରୁଣା ରେକର୍ଡରୁ ଯାହା ଜଣାପଡେ ୧୯୮୮ରେ ଅବଦୁଲ ମାଲିକ ମୁଜାହିଦ ସେମାନଙ୍କ ସହ କାର୍ଯ୍ୟ କରୁଥିବା ସମୟରେ ଏହା ଆରମ୍ଭ ହୋଇଥିଲା । ପାକିସ୍ଥାନ ଓ ଜମାତେ ଇସ୍‌ଲାମୀର ଏହା ଏକ ମିଳିତ ପ୍ରକଳ୍ପ ଥିଲା ।

ଜେଏଫ୍‌ଏ ବ୍ୟତୀତ ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲ ସମେତ ଅନ୍ୟାନ୍ୟ ସଂଗଠନଗୁଡିକ ଆଇସିଏନ୍‌ଏ (ଇସଲାମିକ ସର୍କଲ ଅଫ୍ ନର୍ଥ ଆମେରିକା) ସହ ମୂଳତଃ ଯୋଡି ହୋଇ ରହିଛନ୍ତି । ମାନବାଧିକାରର ଚତୁଃପାର୍ଶ୍ୱରେ ଏହି ସବୁ ସଂଗଠନଗୁଡିକ ଅନେକଗୁଡିଏ ଶାଖା ନାମରେ କାର୍ଯ୍ୟରତ । ଆମେରିକାରେ ହିନ୍ଦୁତ୍ୱକୁ ଧ୍ୱଂସ କରିବା ଲକ୍ଷ୍ୟରେ ୫୦ଟି ସଂଗଠନ ଏକାଠି ହୋଇ ସମ୍ମିଳନୀର ଆୟୋଜନ କରିବା ଅର୍ଥ ହେଉଛି ଯେ ସେମାନଙ୍କ ପଛରେ ଜେଏଫ୍‌ଏ ପରି ମୂଳ ସଂଗଠନ ରହିଛି ।

ଆମେରିକାରେ ଆଜିକାଲି ଅନେକଗୁଡିଏ ସଂଗଠନ ଭିନ୍ନ ଭିନ୍ନ ନାମରେ କାର୍ଯ୍ୟ କରୁଥିଲେ ହେଁ ସେମାନଙ୍କ ମଧ୍ୟରେ କିଛି ସମାନତା ରହିଛି । ତାହା ହେଲା ସେଥିରେ କାର୍ଯ୍ୟରତ ଲୋକମାନେ ଭାରତ ବିରୋଧୀ ମେଣ୍ଟରେ କାର୍ଯ୍ୟ କରୁଛନ୍ତି । ଏକଦା ସେମାନେ ଆମେରିକାରେ କାର୍ଯ୍ୟରତ ଆଇସିଏନ୍‌ଏ ପାଇଁ କାର୍ଯ୍ୟ କରୁଥିଲେ, ଯାହା ପାକିସ୍ଥାନର ଜମାତେ ଇସଲାମୀର ଆମେରିକା ଶାଖା ଭାବେ କାର୍ଯ୍ୟ କରୁଛି । ଏହି ମେଣ୍ଟରେ ଥିବା ଅବଦୁଲ ମାଲିକ ମୁଜାହିଦ, ଶେଖ ଉବୈଦ, ଅହମ୍ମଦୁଲ୍ଲା ସିଦ୍ଧିକୀ ପ୍ରମୁଖ ସମସ୍ତେ ଏକଦା ଇସଲାମିକ କାଉନସିଲ ଅଫ୍ ନର୍ଥ ଆମେରିକା ସହ କାର୍ଯ୍ୟ କରିଥିଲେ ।

ଆମେରିକା ମଧ୍ୟରେ ବୋସ୍‌ନିଆ ଟାସ୍କଫୋର୍ସ, କୋସୋଭା ଟାକ୍ସଫୋର୍ସ, ସାଉଣ୍ଡ ଭିଜନ, ଆଇସିଏନ୍‌ଏ, ଜଷ୍ଟିସ ଫର୍ ଅଲ୍ ପରି ଅନେକଗୁଡିଏ ପ୍ରକଳ୍ପ ଚଳାଉଥିବା ବ୍ୟକ୍ତି ହେଲେ ଅବୁଦୁଲ ମାଲିକ ମୁଜାହିଦ୍ । ପାକ୍‌ମୂଳର ଏହି ଆମେରିକୀୟ ନାଗରିକ ୧୯୮୮ରୁ ସାଉଣ୍ଡ ଭିଜନ ଫାଉଣ୍ଡେସନର ଆରମ୍ଭ ହେବା ଦିନଠାରୁ ସଂସ୍ଥାର ପ୍ରତିଷ୍ଠାତା ଅଧ୍ୟକ୍ଷ ରହିଆସିଛନ୍ତି । ବୋସ୍‌ନିଆ ଟାକ୍ସଫୋର୍ସ ଓ କୋସୋଭୋ ଟାସ୍କ ଫୋର୍ସର ସେ ରାଷ୍ଟ୍ରୀୟ ସଂଯୋଜକ, ଜଷ୍ଟିସ ଫର ଅଲ୍ ୧୯୯୯ରେ ସ୍ଥାପନା ଠାରୁ ତାର ଦାୟିତ୍ୱରେ ରହିଆସିଛନ୍ତି । ସେ ପାକିସ୍ଥାନର ଜମାତେ ଇସଲାମୀ ସହ ସଂପୃକ୍ତ । ପାକିସ୍ଥାନ ମୁଜାହିଦର ଦାରୁଲ ଉଲୁମ ଶାହ .ୱାଲିଉଲ୍ଲାରୁ ସ୍ନାତକପ୍ରାପ୍ତ ମୁଜାହିଦ ପାକିସ୍ଥାନର ଜମାତେ ଇସଲାମୀର ଛାତ୍ର ସଂଗଠନ ଜମାତେ ତଲାବାର ନେତୃତ୍ୱ ଅକ୍ଟୋବର ୧୯୭୫ରୁ ସେପ୍ଟେମ୍ବର ୧୯୭୭ପର୍ଯ୍ୟନ୍ତ ଗ୍ରହଣ କରିଥିଲେ । ସେ ତଲାବାର ମୁଖ୍ୟ ଦାୟିତ୍ୱରେ ଥିବା ସମୟରେ ୧୯୭୪ରେ ଆରମ୍ଭ ହୋଇଥିବା ଅୟୁବ ଠାକୁରଙ୍କ ଜାମ୍ମୁ କାଶ୍ମୀର ଷ୍ଟୁଡେଣ୍ଟସ୍ ଇସଲାମିକ ଅର୍ଗାନାଇଜେସନ ଜମାତେର ତଲାବା ସହ ୧୯୭୬-୭୭ରେ ମିଶିଯାଇଥିଲା । ଅୟୁବ ଠାକୁର ଆଇଏସ୍‌ଆଇର ନିକଟତମ ବ୍ୟକ୍ତି ଏବଂ ଆମେରିକାରେ କାର୍ଯ୍ୟରତ ଘୁଲାମ ନବି ଫାଇଙ୍କ ବିଶ୍ୱସ୍ତ ବ୍ୟକ୍ତି ଯିଏକି କାଶ୍ମିର ବିଷୟକୁ ବିଦେଶରେ ପ୍ରଚାର ପାଇଁ ବ୍ରିଟେନକୁ ଯିବା ସହ କାଶ୍ମିରରେ ସନ୍ତ୍ରାସବାଦ ଚାଲୁରଖିବା ଲାଗି ସେଠାରୁ ଅର୍ଥ ଯୋଗାଇଥାନ୍ତି ।

ପାକିସ୍ଥାନରେ ଜମାତେର ଛାତ୍ର ସଂଗଠନ ତଲାବାର ମୁଖ୍ୟ ଦାୟିତ୍ୱରେ ଦୁଇବର୍ଷ କାଳ କାର୍ଯ୍ୟ କଲାପରେ ମୁଜାହିଦ ଆମେରିକାକୁ ଯାଇ ଜମାତେ ଇସଲାମୀର ଆନ୍ତର୍ଜାତିକ ଶାଖା ଇସଲାମିକ ସର୍କଲ ଅଫ୍ ନର୍ଥ ଆମେରିକାର ମୁଖ୍ୟ ଭାବେ ଦାୟିତ୍ୱ ନେଇଥିବା ବିଷୟ ସଂଗଠନର ପତ୍ରିକା 'ଦି ମେସେଜ୍ ଇଣ୍ଟରନେସନାଲ'ର ୧୯୯୬ ସଂଖ୍ୟାରୁ ଜଣାପଡେ । ସେ ଆମେରିକାରେ ଆଇସିଏନ୍‌ଏର ପତ୍ରିକା ଦାୟିତ୍ୱରେ ଥିଲାବେଳେ ଇଉରୋପ,ଆମେରିକା, କାନାଡା ଏବଂ ଭାରତ ପରି ରାଷ୍ଟ୍ରରେ ସନ୍ତ୍ରାସବାଦୀ ଘୋଷିତ ସଂଗଠନ ହିଜବୁଲ ମୁଜାହିଦ୍ଦିନର କମାଣ୍ଡର ସୟଦ ସଲାହୁଦ୍ଦିନର ସାକ୍ଷାତକାରକୁ ପ୍ରକାଶ କରିଥିଲେ । ଏହି ଗୋଷ୍ଠୀ ୧୯୮୯ରେ ପାକିସ୍ଥାନରୁ କାର୍ଯ୍ୟାରମ୍ଭ କରିବା ସହ ସରକାରଙ୍କଠାରୁ ଅର୍ଥଲାଭ କରିଆସିଛି । ସେହି ସାକ୍ଷାତକାରରେ ଦି ମେସେଜ ଇଣ୍ଟରନେସନାଲ ପତ୍ରିକା ସଲାହୁଦ୍ଦିନର ମହିମାମଣ୍ଡିତ କରିବା ସହ କାଶ୍ମିରକୁ ଭାରତରୁ ବିଚ୍ଛିନ୍ନ କରି ପାକିସ୍ଥାନରେ ସାମିଲ କରିବା ପାଇଁ କାର୍ଯ୍ୟ କରୁଥିବା ଉଲ୍ଲେଖ କରାଯାଇଥିଲା । ଆମେରିକାର ଚିକାଗୋରେ ରହି ସେଠାକାର ସ୍ଥାନୀୟ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ (୧୯୮୧-୮୩) ମୁଜାହିଦ ସ୍ନାତକ ଶିକ୍ଷା ଶେଷ କରିଥିଲେ । ସେ ସିଆଇଓଜିସିର ଅଧ୍ୟକ୍ଷ (୨୦୦୫-୦୮) ରହିଥିବା ବିଷୟ ୨୦୧୦ର ଅର୍ଥ ଆୟବ୍ୟୟ ରିପୋର୍ଟରୁ ଜଣାପଡେ । ସେହିପରି କାଉନସିଲ ଅଫ୍ ଦି ୱାର୍ଲଡ ରିଲିଜିଅନ୍ସର ଅଧ୍ୟକ୍ଷ ଭାବେ ୧୫ ନଭେମ୍ବର ୨୦୦୯ରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ ।

ଆମେରିକାରେ ଅନୁଷ୍ଠିତ ୨୦୦୮ ନିର୍ବାଚନ ସମୟରେ ମୁସଲିମ ଡେମୋକ୍ରାଟ ପ୍ରାର୍ଥୀଙ୍କୁ ଭୋଟ ଦେବାଲାଗି ମାଲିକ ମୁଜାହିଦ ସେଠାରେ ମୁସଲିମ ଡେମୋକ୍ରାର୍ଟ୍ସ ନାମରେ ଅନ୍ୟ ଏକ ଗୋଷ୍ଠୀ ଗଠନ କରିଥିଲେ । କୌଣସି ବିଷୟକୁ କେନ୍ଦ୍ର କରି ଲୋକମାନଙ୍କୁ ଏକାଠି କରିବା, ସେମାନଙ୍କୁ ରାଜନୈତିକ ପ୍ରଚାରରେ ସାମିଲ କରାଇବା, ନିର୍ବାଚନରେ ବିଜୟ ଲାଭ କରିବା ପାଇଁ ଅଭିଯାନ ଚଳାଇବା ତାଙ୍କର କାର୍ଯ୍ୟ ଥିଲା । ଏହି ଗୋଷ୍ଠୀର ମୁଖ୍ୟ ଲକ୍ଷ୍ୟ ଥିଲା ୯।୧୧ ପରବର୍ତ୍ତୀ ସମୟରେ ଜର୍ଜ ବୁଶ୍‌ଙ୍କ ନୀତିନିୟମକୁ ବଦଳାଇବା ସହ ବାରାକ ଓବାମାଙ୍କୁ ବିଜୟୀ କରାଇବା ପାଇଁ ଲବି କରିବା । ଏହା ମାଧ୍ୟମରେ ପାକିସ୍ଥାନ ପ୍ରତି ଆମେରିକାରେ ବ୍ୟାପ୍ତ ବିରୋଧାଭାବକୁ ହ୍ରାସ କରିବା ଲାଗି ସେଠାରେ ଥିବା ନୀତିକୁ ଦୁର୍ବଳ କରିବା ପାଇଁ ଚେଷ୍ଟା କରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ମୁଜାହିଦ "ଇସଲାମକୁ ଧର୍ମାନ୍ତରଣ" ଏବଂ "ଭାରତରେ ବିରୋଧ ପାଇଁ ଅସ୍ପୃଶ୍ୟ କୌଶଳ" ବିଷୟରେ ଦୁଇଟି ପୁସ୍ତକ ରଚନା କରିଛନ୍ତି । ଆମେରିକାରେ କାର୍ଯ୍ୟରତ ପାକ୍ ସମର୍ଥକ ଭାରତୀୟ ଦଲାଲଙ୍କ ମଧ୍ୟରେ ଶେଖ ଉବୈଦ ନାମକ ଜଣେ ହାଇଦ୍ରାବାଦୀ ଆମେରିକୀୟ ଡାକ୍ତର ସବୁଠୁ ଆଗରେ ରହିଛନ୍ତି । ୮୦ଦଶକରେ ଉବୈଦଙ୍କ ପରିବାର ଭାରତରୁ ଆମେରିକାକୁ ଚାଲିଯାଇଥିଲେ । ତାଙ୍କ ବକ୍ତବ୍ୟ ଅନୁଯାୟୀ ୧୯୪୭ ପରେ ଭାରତ ସରକାର ବଳ ପ୍ରୟୋଗ କରି ହାଇଦ୍ରାବାଦକୁ ଭାରତରେ ମିଶାଇଛନ୍ତି । ୨୯ ଏପ୍ରିଲ ୧୯୬୨ରେ ଜନ୍ମିତ ଶେଖ ମହମ୍ମଦ ଉବୈଦଙ୍କ ଡାକ୍ତରୀ ଶିକ୍ଷା ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦସ୍ଥିତ ଓସ୍‌ମାନିଆ ବିଶ୍ୱବିଦ୍ୟାଳୟରୁ ହୋଇଥିଲା । ଆମେରିକାକୁ ଯିବା ପରେ ସେଠାରେ ସେ ଇସଲାମିକ ସର୍କଲ ଅଫ ନର୍ଥ ଆମେରିକା ସହ ସାମିଲ ହୋଇ ସାଧାରଣ ସଂପାଦକ ଦାୟିତ୍ୱ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଦି ମେସେଜ୍ ଇଣ୍ଟରନ୍ୟାସନାଲ୍ ପତ୍ରିକାର ସଂପାଦକ ହୋଇଥିଲେ । ପରେ ସେଠାରେ ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲ ନାମରେ ନିଜର ଏକ ସଂଗଠନ ଗଢିଥିଲେ । ପରେ ଅଙ୍ଗନା ଚାଟାର୍ଜୀଙ୍କ ସହ ମିଶି ମିଳିତ ଭାବେ କୋଆଲିସନ ଏଗନେଷ୍ଟ ଜେନୋସାଇଡ୍ ନାମକ ସଂଗଠନ ୨୦୦୩ରେ ଆରମ୍ଭ କରିଥିଲେ, ତାହା ଆମେରିକା ଓ କାନାଡାରେ ଥିବା ବ୍ୟକ୍ତିବିଶେଷ ଏବଂ ସଂଗଠନମାନଙ୍କ ଗୋଷ୍ଠୀ ରହିଥିଲା । ସେହିବର୍ଷ ଉବୈଦ ଓ ଇଣ୍ଡିଆନ ମୁସଲିମ ଆଲର୍ଟ ନେଟୱାର୍କ (ଇମାନନେଟ୍) ଆରମ୍ଭ କରିଥିଲେ । ଏହା ଇଣ୍ଡିଆନ ମୁସଲିମ କାଉନସିଲର ଏକ ଶାଖା ଭାବେ କାର୍ଯ୍ୟକଲା । ନିକଟରେ ସେ ୨୦୨୦ରେ ଆଲିଆନ୍ସ ଟୁ ସେଭ ଏଣ୍ଡ ପ୍ରୋଟେକ୍ଟ ଆମେରିକା ଫ୍ରମ୍ ଇନ୍‌ଫିଲଟ୍ରେସନ ବାୟ ରିଲିଜିଅସ୍ ଏକ୍ସଟ୍ରିମିଷ୍ଟ (ଆସ୍ୱାୟାର) ଗଠନ କରିଥିଲେ । ଆମେରିକାରେ ଭାରତ ବିରୋଧୀ ପ୍ରଚାରରେ ସାମିଲ ଥିବା ଅନେକଗୁଡିଏ ସଂଗଠନ ପଛରେ ସେ ହିଁ ରହିଆସିଛନ୍ତି । ଆଇସିଏନ୍‌ଏର କାର୍ଯ୍ୟକ୍ରମରେ ଉବୈଦ ଉପସ୍ଥିତ ରହିଥାନ୍ତି । ଆଇସିଏନ୍‌ଏର ଛତାତଳେ ସାଉଣ୍ଡ ଭିଜନ୍, ଜଷ୍ଟିସ ଫର୍ ଅଲ୍ ସେଭ୍ ଇଣ୍ଡିଆ (ଇମାନ-ନେଟ୍), ବର୍ମା ଟାସ୍କ ଫୋର୍ସ ଆଦି କାର୍ଯ୍ୟ କରୁଛନ୍ତି ।

**(ଅବଶିଷ୍ଟାଂଶ ପୃଷ୍ଠା ୭ରେ)**

# କଲେ ହେଲା ବୁଡ଼ିବ ଭେଳା

**ଶ୍ୟାମ ସୁନ୍ଦର ସାମଲ**

ଜୀବନରେ ନିଜର ପାରିବାରିକ କ୍ଷେତ୍ର ହେଉ ବା ସ୍ୱାସ୍ଥ୍ୟ କ୍ଷେତ୍ର, କର୍ମ ସଂସ୍ଥାନର କ୍ଷେତ୍ର ହେଉ ବା ଆଧ୍ୟାତ୍ମିକର କ୍ଷେତ୍ର। ସତରେ 'କଲେ ହେଲା ବୁଡ଼ିବ ଭେଳା'। ହେଲାରୁ ଭେଳା ବୁଡ଼ିବାର ନଜିର ଆମ ସାମ୍ନାରେ ପ୍ରତିଦିନ ଆମେ ଦେଖୁଥାଉ। ଆଶ୍ଚର୍ଯ୍ୟର କଥା ହେଉଛି ଆମେ ଜାଣିପାରି ମଧ୍ୟ ଅନେକ ସମୟରେ ନିଜର ଭେଳା ବୁଡ଼ାଇ ନିଜେ ହଇରାଣ ହେବା ସହ ଅନ୍ୟମାନଙ୍କୁ ଅସୁବିଧାରେ ବି ପକାଇଥାଉ। ଦେଖାଯାଏ କେତେକ କ୍ଷେତ୍ରରେ ନିଜ ହେଳା ସମ୍ପର୍କରେ ବୁଝିଲା ବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିଯାଇଥାଏ। ସେତବେଳକୁ ଆଉ ନିଜ ନିୟନ୍ତ୍ରଣରେ କିଛି ବି ନଥାଏ। ପୃଥିବୀରେ ମଣିଷ ହେଉଛି ସବୁଠାରୁ ବୁଦ୍ଧିମାନ ପ୍ରାଣୀ କିନ୍ତୁ ନିଜେ ନିଜ ଦୁର୍ବୁଦ୍ଧି ପାଇଁ ଓ କେତେକ କ୍ଷେତ୍ରରେ ପରବୁଦ୍ଧି ଓ କେତେକ କ୍ଷେତ୍ରରେ ବୁଦ୍ଧିହୀନ ପାଇଁ ଅସୁବିଧାକୁ ଆମନ୍ତ୍ରଣ କରିଥାଏ। କିଛିଦିନ ତଳେ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଅନୁଜ ପ୍ରତୀମ ଶ୍ରଦ୍ଧେୟ ସୁଶାନ୍ତକୁ ନେଇ ତାର ଚକ୍ଷୁ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଅସୁବିଧା ପାଇଁ ଓଡ଼ିଶାର ବିଶିଷ୍ଟ ଯୁବ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଅନୁରାଗ ମିଶ୍ରଙ୍କ ପାଖକୁ ନେଇଥିଲି। ଅନୁରାଗ ମିଶ୍ର କଟକ କାଠଯୋଡ଼ି ରିଙ୍ଗରୋଡ଼ ରାଧାରମଣ ଚକ୍ଷୁ ହସ୍ପିଟାଲ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ରୋଗୀ ସେବା କରୁଛନ୍ତି। ଅନୁଜ ସୁଶାନ୍ତର ପରିଚୟ ଗଣମାଧ୍ୟମରେ ପରିଚିତି ଓ କାର୍ଯ୍ୟ ଦକ୍ଷତା ଶୁଣିବା ପରେ ସେ ବଡ଼ ବିଶାଦ ଭରା କଣ୍ଠରେ କହିଲେ ଆମେ ଅବହେଳା ସମ୍ପର୍କରେ ବିଭିନ୍ନ କଥା ଶୁଣୁଛୁ। ପ୍ରଶାସନର ଅବହେଳା, ଡାକ୍ତରର ଅବହେଳା, ପୋଲିସର ଅବହେଳା, ଅଭିଭାବକଙ୍କ ଅବହେଳା ସବୁଠି ଅବହେଳାର ଚିତ୍ର ଓ ଚରିତ୍ର ଛତୁ ଫୁଟୁଥିବାବେଳେ ଜଣେ ଅନୁଭବୀ, କାର୍ଯ୍ୟଦକ୍ଷ ଓ ଲୋକପ୍ରିୟ ଯୁବ ବ୍ୟକ୍ତିତ୍ୱ ହୋଇ ବି ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚକ୍ଷୁର ଅବହେଳାକୁ ନେଇ ସେ ଦିନ ଅନୁରାଗ ବାବୁ ବହୁତ ଦୁଃଖିତ ହୋଇପଡ଼ିଲେ। ଓଡ଼ିଶାର ସମସ୍ତ ଛପା ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଏପରି ଜଣେ ଯୁବ ବ୍ୟକ୍ତିତ୍ୱ ଯିଏ କି ତାଙ୍କ ଘରୋଇ ପାଠାଗାରରେ ଅଧକୋଟି ଟଙ୍କାର ଦୁର୍ଲ୍ଲଭ, ଉପାଦେୟ ଓ ମୂଲ୍ୟବାନ ପୁସ୍ତକ ରଖିଛନ୍ତି। ଏହା ସହ ପ୍ରତିଦିନ ଓଡ଼ିଶାର ସମସ୍ତ ଛପା ଖବରକାଗଜ କିଣନ୍ତି ଓ ପଢ଼ନ୍ତି କିନ୍ତୁ ଦୀର୍ଘ ଦିନ ଧରି ଚକ୍ଷୁ ସମସ୍ୟା ଅନୁଭବ କରି ତାଙ୍କର ଅନେକ ପରିଚିତ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ବନ୍ଧୁଥାଇ ମଧ୍ୟ ସେ ନିଜ ଚକ୍ଷୁ ପରୀକ୍ଷା ନକରି ତାର ସହାୟକ ଶ୍ରଦ୍ଧେୟ ଶ୍ରୀକାନ୍ତ ଠାରୁ ପାଇଥିବା ଏକ ଲେନ୍ସରେ ସେ ଲେଖାପଢ଼ା କରୁଛନ୍ତି। ଲେନ୍ସରେ ଦୀର୍ଘ ଦିନ ଧରି ପଢ଼ାପଢ଼ି କରିବା ଆଖିକୁ ପ୍ରତିକୂଳ ସ୍ୱାସ୍ଥ୍ୟ ସମସ୍ୟା ଭିତରକୁ ଠେଲି ଦେବା ସହ ଦୃଷ୍ଟିଶକ୍ତି ମଧ୍ୟ କମାଇ ଦେଇଛି। ଯାହାଫଳରେ ସୁଶାନ୍ତ ପ୍ରଥମ ଥର ପାଇଁ ଚଷମା ବ୍ୟବହାର କରିବା ପାଇଁ ବାଧ ହେଲା। ଅନୁରାଗ ବାବୁଙ୍କ ଯନ୍ତ୍ରଣାସିକ୍ତ କଥାଟି ଥିଲା ଯେ ଆମ ଗହଣରେ ଏପରି ଅନେକ ବ୍ୟକ୍ତିତ୍ୱ ରହିଛନ୍ତି ଯେଉଁମାନେ ଅତ୍ୟନ୍ତ ଗୁଣୀ ଜ୍ଞାନୀ ଓ ସଚେତନ ମଧ୍ୟ ଏହା ସହ ଆର୍ଥିକ କ୍ଷେତ୍ରରେ ସେମାନେ ମଧ୍ୟ ସ୍ୱଚ୍ଛଳ। କିନ୍ତୁ ସାମାନ୍ୟ ଅବହେଳା ପାଇଁ ସେମାନେ ନିଜର ମୂଲ୍ୟବାନ ସମୟ ଓ ସମ୍ପତ୍ତିକୁ ଏକ ପ୍ରକାର ନଷ୍ଟ କରିଦେଇଥାନ୍ତି। ଚକ୍ଷୁ ଆମ ଶରୀର ସ୍ୱାସ୍ଥ୍ୟର ଅମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପତ୍ତି। ତେବେ ଏ ଅବହେଳା କ'ଣ ପାଇଁ ହେଲା? ବ୍ୟସ୍ତତା, ଭାବପ୍ରବଣତା ନାଁ ଆଉ କିଛି? ସୁଶାନ୍ତର ବୟସ ସେତେ ବେଶି ନୁହେଁ। ଜଣେ ଯୁବ ଓ କର୍ମଦକ୍ଷ ସାମ୍ବାଦିକ ଭାବେ ସେ ସୁପରିଚିତ। ବଡ଼କଥା ହେଉଛି ସ୍ୱାସ୍ଥ୍ୟ ବିଭାଗର ପ୍ରତିଟି ବିଭାଗରେ ଓଡ଼ିଶାରେ ବେଶ ନାଁ କମାଇଥିବା ପ୍ରଫେସର ଓ ଡାକ୍ତରମାନେ ତାର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ। ତା ସତ୍ତ୍ୱେ ସେ ଏତେ ଅବହେଳା କରି ନିଜର ଯେଉଁ କ୍ଷତି କରିଦେଲା ତାହା ମୋତେ ଅତ୍ୟନ୍ତ ଦୁଃଖିତ କରିଦେଲା। ଡାକ୍ତର ଅନୁରାଗ ବାବୁଙ୍କ ବାପା ସ୍ୱର୍ଗତଃ ପ୍ରଫେସର ଡାକ୍ତର ବ୍ରଜ ସୁନ୍ଦର ମିଶ୍ର ଓଡ଼ିଶାରେ ଜଣେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ପ୍ରଥିତଯଶା ଚକ୍ଷୁ ରୋଗ ବିଶେଷଜ୍ଞ। ୧୯୮୦-୯୦ ମସିହା ଭିତରେ ତତ୍କାଳୀନ ସମୟରେ ଓଡ଼ିଶାର ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଗ୍ରାମାଞ୍ଚଳରେ ଯେତେ ସବୁ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ଶିବିର ହେଉଥିଲା ତାହାର ଅନ୍ୟତମ ପୁରୋଧା ଥିଲେ ଡାକ୍ତର ବ୍ରଜ ସୁନ୍ଦର ମିଶ୍ର। ଓଡ଼ିଶାର ଅଗମ୍ୟ ଗ୍ରାମାଞ୍ଚଳକୁ ନିଃସ୍ୱାର୍ଥପର ଭାବରେ ଅନେକ କ୍ଷେତ୍ରରେ ନିଜେ ହାତରୁ ପଇସା ଖର୍ଚ୍ଚ କରି ଗରିବ ଲୋକମାନଙ୍କ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରୁଥିଲେ। ତାଙ୍କ ପରଲୋକ ସମୟରେ ଓଡ଼ିଶାର ବିଶିଷ୍ଟ ଇଏନଟି ବିଶେଷଜ୍ଞ ପ୍ରଫେସର ଡାକ୍ତର ଦୟାନିଧି ଦାସ ଏହି ସୁଶାନ୍ତ ମାଧ୍ୟମରେ ଓଡ଼ିଶାର ସମସ୍ତ ଗଣମାଧ୍ୟମରେ ଖବର ଓ ଲେଖା ପ୍ରକାଶ କରାଇଥିଲା। ସେତେବେଳେ ଡାକ୍ତର ଅନୁରାଗ ମିଶ୍ରଙ୍କ ସଂସ୍ପର୍ଶରେ ସେ ଆସିନଥିଲେ। ରାଧାରମଣ ଚକ୍ଷୁ ହସ୍ପିଟାଲ ଓଡ଼ିଶାର ଏକ ପ୍ରମୁଖ ଚକ୍ଷୁ ରୋଗ ଗବେଷଣା ଓ ସେବା ପ୍ରତିଷ୍ଠାନ। ଅସହାୟ, ଗରିବ ଲୋକମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ସେବା ବ୍ୟବସ୍ଥା ମଧ୍ୟ ରହିଛି। ଏଠାରେ କାର୍ଯ୍ୟରତ ଉତ୍ସର୍ଗୀକୃତ ସେବା ମନୋଭାବର ପାଖାପାଖି ତିରିଶରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ କର୍ମ ସଂସ୍ଥାନର ଦାୟିତ୍ୱ ଅନୁରାଗ ବାବୁଙ୍କ ଉପରେ। ବଡ଼କଥା ହେଉଛି ସେହି ଡାକ୍ତରଖାନାର ପରିଚାଳକ ସୁଧୀର କୁମାର ଛାଟୋଇ, ଦେବୀ ପ୍ରସାଦ ସାହୁ, ପ୍ରଦୀପ କୁମାର ପ୍ରଧାନ, ପିଆଲି ଦାସ, ପ୍ରିୟଙ୍କା ଦାସ, ଓଟି ସହାୟିକା ସ୍ୱରୂପା ଦାସ, ସଷ୍ମିତା ମୁଖୀ, କ୍ରୀଷ୍ଟାପାଲ ଓ ଅନ୍ୟ ପ୍ରମୁଖ କର୍ମକର୍ତ୍ତା ଓ ସେବାକାରୀଙ୍କ ଉତ୍ସର୍ଗୀକୃତ ସେବାମନୋଭାବ ଓ ବ୍ୟବହାର। ରୋଗୀଟିଏ ଯନ୍ତ୍ରଣାସିକ୍ତ ଭାବରେ ଆସିଥାଏ ଉପଷମ ପାଇବା ପାଇଁ। ଡାକ୍ତର ତ ଦ୍ୱିତୀୟ ଭଗବାନ କିନ୍ତୁ ଡାକ୍ତରଙ୍କୁ ସାକ୍ଷାତ ପୂର୍ବରୁ ଓ ସାକ୍ଷାତ ପରେ ଏହି ବ୍ୟକ୍ତିତ୍ୱଙ୍କ ସେବା, ସ୍ନେହ, ମମତା, ଭଲପାଇବାର ପରଷମଣି ସେମାନଙ୍କ ଯନ୍ତ୍ରଣାକୁ ସମ୍ପୂର୍ଣ୍ଣ ଲୋପ କରିଦେଇଥାଏ। ଏମାନେ କିନ୍ତୁ ସୁଶାନ୍ତର ଚକ୍ଷୁ ଅବହେଳା ପରି ରୋଗୀକୁ ସ୍ନେହ ଶ୍ରଦ୍ଧା ଦେବାରେ ହେଳା କରିନଥାନ୍ତି। ଅନୁରାଗ ବାବୁ ତାଙ୍କ ଜୀବନରେ ହେଳା ତ ପ୍ରଶ୍ନ ଉଠୁନି ବରଂ ଯେଉଁ ସେବା ଓ ଉତ୍ସର୍ଗୀକୃତ ମନୋଭାବର ପ୍ରଶଂସା ଓ ସମ୍ମାନ ଆଶୀର୍ବାଦ ଅନେକଙ୍କ ଠାରୁ ପ୍ରାପ୍ତ ହେଉଛନ୍ତି ତାହା ତାଙ୍କ ପାଇଁ ମୂଲ୍ୟବାନ। କୋଟି କୋଟି ମୁମୂର୍ଷୁ ନୂଆ ଜୀବନ ପାଇ ଚକ୍ଷୁ ଦ୍ୱାରା ସମାଜ ଓ ସଂସାରକୁ ଦେଖିବାର ଯେଉଁ ଆଲୋକ ପାଇଥାନ୍ତି ତାର ନେପଥ୍ୟ ଏହି ମହନୀୟ ଡାକ୍ତର ବାବୁଙ୍କର। ଆସନ୍ତୁ ନିଜ ନିଜ ଜୀବନରେ ହେଳା କରି ଭେଳା ବୁଡ଼ାଇବା ନାହିଁ। କାରଣ ଅନେକ ସମୟରେ ନିଜ ହେଳା ସହ ଅନ୍ୟମାନଙ୍କର ବି ଭେଳା ବୁଡ଼ିଯାଏ। ଏହାକୁ ମନେରଖି ଜୀବନକୁ ଆଗେଇ ନେବା ଉଚିତ।

+ବିଡ଼ାନାସୀ ବନ୍ଧଛକ, କଟକ,
ମୋ : ୯୭୭୮୬୩୫୯୨୬




## ଅଲାଜୁକୀ ବର୍ଷା

**ଦୀପକ କୁମାର ମିଶ୍ର**

ଓଦା ଆକାଶଟା ମେଘୁଆ ମେଘୁଆ
ସପ୍ତରଙ୍ଗ ଲୁଚକାଳି ଖେଳେ
ଓଥରା ହୃଦୟ ବରଷା ପାଗରେ
ବିରହ ରଙ୍ଗକୁ ମାଖେ ।

ନିର୍ଜନ ରାସ୍ତାରେ ବେପଥୁ ପଥିକ
ଗହନ ବନକୁ ଦେଖେ
ଶଙ୍କିତ ସମୟ ଅନ୍ଧକାରମୟ
ଆଶଙ୍କିତ ସ୍ୱର ତୋଳେ ।

କେକୀ କେଳିକରେ ଆତୁର ପ୍ରଣୟ
ଭେକ ଭୟେ ଖିଙ୍କାରି ମରେ
ମନ୍ଦାର ଫୁଲଟି ନେସମା ନେସମା
ଝିଙ୍କାରିର ତଣ୍ଟି ଶୁଖେ ।

ବରଷା ଯେ ଏତେ ବିଭୀଷିକାମୟ
ତରୁଣୀ ତରକି ଚାହେଁ
ତରୁଣ ପ୍ରେମିକ ଆଉ ଗାଉନି ମହ୍ଲାର
ମଉସୁମି ମୃତ ପ୍ରାୟେ ।

ଅସ୍ତବ୍ୟସ୍ତ ଜୀବନ ଉଜୁଡ଼ା ଉଜୁଡ଼ା
ବରଷା କି ଜାଣିପାରେ
ଦିହଘଷା ଦେହ ଦେଖେଇ ଦେଖେଇ
ଲଘୁଚାପର ରକ୍ଷିତା ସାଜେ ।

ଅଲାଜୁକୀ ବର୍ଷା କବିକୁ ଭୁଡେଇ
ପ୍ରେମିକାର ଆଖ୍ୟା ପାଏ
ପ୍ରେମିକା ନୁହଁ ସେ ବାରଙ୍ଗନା ଏବେ
ଅପଶବ୍ଦରେ ବନ୍ଦିନୀଟିଏ ।

ବାର ଉପମାରେ ଅଭିଷିକ୍ତା ହୋଇ
ନିଜର ଗାରିମା ହାରେ
ସାହି ଗଳି ଏବେ ଗାଳି କରୁଛନ୍ତି
ହନ୍ତସନ୍ତ ହୋଇ ବର୍ଷାରେ ।

ଅବପାତ ରୂପେ ଏବେ ହୋଇ ଅଭିଶପ୍ତା
ଆଉ ତୁ ଅଭିସାରେ ଲୋଡ଼ା ନାହିଁ
ବିଲ ବଣ ପ୍ରାଣ ଟିକେ ନିଶ୍ୱାସ ମାରିବେ
ତୋର ଅନୁପସ୍ଥିତିର ଦେଇ ଦ୍ୱାହି ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ଫର ଫର ଉଡ଼େ ତ୍ରିରଙ୍ଗା

**ନୂତନ କୁମାର ବେହେରା**

ଶାନ୍ତ ଉଦାର ନୀଳ ଆକାଶେ
ଫର ଫର ଉଡ଼େ ତ୍ରିରଙ୍ଗା
ଏ ମାଟି ବୁକୁରେ
କଳ କଳ ନାଦେ ବହେ ଗଙ୍ଗା,
ଏ ମହିମା ହୃଦେ ବୁଝି ଦେଶ ଭକ୍ତ
କରେ ନାହିଁ କେବେ ଦଙ୍ଗା
ଏକତାର ମାଳେ ଗୁନ୍ଥି ରଖେ
ଦେଶପ୍ରେମ ଜାତୀୟତା
ମନ ତାର ସଦା ରହେ ଅଭଙ୍ଗା।

ସମଦୃଷ୍ଟି ରଖି ଥାଏ
ଭେଦାଭେଦ ରଖେନା ତା' ଭିତରେ
ହୋଇଥାଉ ଜଣେ ବଙ୍ଗରା କି ଡେଙ୍ଗା,
ଭାରତ ମା' ମାଟି ପାଇଁ ଲଢୁଥାଏ
ସ୍ୱତନ୍ତ୍ରତା ବଜାଇ ରଖିବାକୁ
ହାତେ ଧରି ତଲୱାର୍ କି ଠେଙ୍ଗା,
ଅଭାବେ ସ୍ୱଭାବେ କରେ ନାହିଁ
ଅପମିଶ୍ରଣର କଳାବଜାରୀ
ବଜାରକୁ କରିବା ପାଇଁ ମହଙ୍ଗା।

ବାପୁଙ୍କ ଆଦର୍ଶ ସତ୍ୟ ଅହିଂସା ପାଳି
ଜୀବନ ସଂଗ୍ରାମେ ଥାଏ ରତ
ନିର୍ମଳ ମନକୁ ତାର
ରଖିଥାଏ ସଦାସର୍ବଦା ଚଙ୍ଗା,
ଫର ଫର ଉଡି ଜାତୀୟ ପତାକା
କହି ଦିଏ ଦେଶଭକ୍ତି କଥା
ତ୍ୟାଗ ସମର୍ପଣେ ବହିଯାଏ ଆଗକୁ
ଯେସନେ ବହେ ପବିତ୍ର ଗଙ୍ଗା।
ତାର ଯଶ ଗର୍ବ ଗୌରବ ପ୍ରଚାରି
ଫର ଫର ଉଡ଼େ ତ୍ରିରଙ୍ଗା।

+ ବାରିପଦା, ମୟୂରଭଞ୍ଜ

## ତୁମ ଲାଜ

**ସିଦ୍ଧେଶ୍ୱର ତ୍ରିପାଠୀ**

ଝରେ ବରଷା କରେସେ ଈର୍ଷା
ଆମ ବନ୍ଧନ ଦେଖି
ସୁନ୍ଦରୀ ଶ୍ରାବଣୀ ପ୍ରିୟା ଗୋ ଥରେ
ବୁଜି ଦିଅ ଆଖି ।

ଛାଡ଼ ଏ ଲାଜ ଗଡୁଛି ସଞ୍ଜ
ପ୍ରେମ ପରଶ ଦିଅ
ମାଟି ଆକାଶ ଏକାଠି ହୋଇ
ହୁଅନ୍ତୁ ପ୍ରେମମୟ ।

ସରେ ସମୟ ଥରେ ହୃଦୟ
ଆମେ ଦୁହେଁ ପାଖାପାଖି
ଝରେ ବରଷା କରେସେ ଈର୍ଷା
ଆମ ବନ୍ଧନ ଦେଖି ।
ଝରିବ ଯଦି ଝରାଇ ଦିଅ
ପ୍ରେମ ସରାଗ ମହୁ
ସରିବ ଯଦି ତୁମ ଆଖିରୁ
ସରମ ସାରିଯାଉ ।

ଆସିଗୋ ସାଥି କୋଳେଇ ନିଅ
କାମନା ରଙ୍ଗ ମାଖି
ଝରେ ବରଷା କରେସେ ଈର୍ଷା
ଆମ ବନ୍ଧନ ଦେଖି ।

+ଖୋର୍ଦ୍ଧା
ମୋ:୭୦୦୮୩୧୫୦୪୦

## ଉତ୍ତମ ଗୃହିଣୀ

**ବାପିନି ସିଂ**

ସର୍ବଗୁଣା ଯୁକ୍ତା ମଧୁର ଭାଷିଣୀ
ତା' ବାଣୀ ପ୍ରଶଂସନୀୟା
ସର୍ବଦା ଆନନ୍ଦ ଶାନ୍ତି ପ୍ରଦାୟିନୀ
ବିଶ୍ୱରେ ସେ ମହନୀୟା ।

ଅନ୍ତର ସୌନ୍ଦର୍ଯ୍ୟ ବ୍ୟକ୍ତି ଆକର୍ଷଣେ
ସ୍ୱପରିବାର ପୋଷଣେ
ହୃଦୟ କୁସୁମ କୋମଳ ଶ୍ରଦ୍ଧାର
ନାରୀତ୍ୱର ନିଦର୍ଶନେ ।

କ୍ଲେଶ ସନ୍ତାପରୁ ଦୂର କରୁଥାଏ
ଆଚାର ବ୍ୟବହାରରେ
ଉଦାରତା ଆତ୍ମୀୟତା ସେବା ଭାବେ
ଜିଣେ ସେ ଜନ ମନରେ ।

ଭୋଜନେ ଅତିଥି ପ୍ରସନ୍ନ କରାଏ
ବଧୂ ରୂପେ କାର୍ଯ୍ୟ ଭାର
ଶାଶୁ ଓ ଶ୍ୱଶୁର ଦିଅର ନଣନ୍ଦେ
ଦିଅଇ ଅଗ୍ରାଧିକାର ।


ଜନନୀ ସନ୍ତାନ ଲାଳନ ପାଳନେ
ନିଜ ସୁଖ ଜଳାଞ୍ଜଳି
ସ୍ନେହ ପ୍ରୀତି ପ୍ରେମ ପ୍ରେରଣାଦାୟିନୀ
କିଏ ବା ତା' ଠାରୁ ବଳି ।

ସହଯୋଗ ପ୍ରତିମୂର୍ତ୍ତି ଶୋଭନୀୟା
ସ୍ୱାମୀଙ୍କ ସହଗାମିନୀ
ବାତ୍ସଲ୍ୟ ପ୍ରେମର ଭଣ୍ଡାର ସିଏ ଯେ
ସଦା ସ୍ୱାମୀ ସୋହାଗିନୀ ।

ଆତ୍ମାର ଜ୍ୟୋତିରେ ସଦା ପ୍ରକାଶିତା
ଈଶ୍ୱର ଉପାସନାରେ
ପ୍ରଦୀପ ସଦୃଶ ଗୃହ ପରିବାରେ
ଜ୍ୟୋତି ପ୍ରକାଶିତ କରେ ।

ବାରମାସେ ତେର ଓଷାବ୍ରତ କରେ
ସନ୍ତାନ ମଙ୍ଗଳ ପାଇଁ
ସଭିଙ୍କୁ ବାନ୍ଧଇ ସ୍ନେହ ବନ୍ଧନରେ
ଦୁଃଖ ସୁଖ ଭାଗୀ ହୋଇ ।

+ସ୍ନାତକୋତ୍ତର
ଅର୍ଥଶାସ୍ତ୍ର ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର
ମୋ : ୯୯୩୭୮୨୦୮୩୧



# ଏବେ ବି ଇତିହାସରେ ଅଲୋଡ଼ା 'ଚମ୍ପାଇଲୋ'

ଭୁବନେଶ୍ୱର ,୧୬/୦୮ (ନି.ପ୍ର): ସ୍ୱାଧୀନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ବହନ କରୁଥିବା ଖୋର୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍‌ର ଚମ୍ପାଇଲୋ ଗାଁ ଆଜି ବି ଇତିହାସରୁ ବାଦ୍ ପଡ଼ିଛି । ଏହି ଛୋଟିଆ ଗାଁର ୨୨ଜଣ ଶ୍ରମିକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦ୍ ହିନ୍ଦ୍ ଫୌଜରେ ସାମିଲ ହୋଇ ଦେଶ ପାଇଁ ଯେଉଁ ବଳିଦାନ ଦେଇଥିଲେ, ଓଡ଼ିଶା କିମ୍ବା ଭାରତ ଇତିହାସରେ, କେଉଁଠି ତା'ର ବର୍ଣ୍ଣନା ଦେଖିବାକୁ ମିଳେନାହିଁ । ଏଥିପାଇଁ ଯେ ପ୍ରୟାସ କରାଯାଇନାହିଁ, କହିଲେ ଭୁଲ୍ ହେବ । କିନ୍ତୁ ଏହାକୁ ଇତିହାସରେ ଲିପିବଦ୍ଧ କରିବା ପାଇଁ ରାଜନୈତିକ ସ୍ତରରେ ଯେଉଁ ଉଦ୍ୟମ କରାଯିବା କଥା, ତାହା ହୋଇପାରିନାହିଁ ବୋଲି ଏହି ଗାଁର ବାସିନ୍ଦାମାନେ ଅଭିଯୋଗ କରିଛନ୍ତି । ୧୯୬୨ରେ ବାମପନ୍ଥୀ ନେତା ତଥା ତତ୍କାଳୀନ ବେଗୁନିଆ ବିଧାୟକ ଗଙ୍ଗାଧର ପାଇକରାୟଙ୍କ ନେତୃତ୍ୱରେ ଏହି ସଂଗ୍ରାମୀମାନଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ସହିତ ପେନସନ୍ ପ୍ରଦାନ ପାଇଁ ଦାବି ହୋଇଥିଲା । ଲଗାତାର ଆନ୍ଦୋଳନ ଓ ବିକ୍ଷୋଭ ପରେ ଶେଷରେ ଇନ୍ଦିରା ଗାନ୍ଧି ସରକାରଙ୍କ ସେମାନଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଦେଲେ । ତାଙ୍କ ପରିବାରକୁ ତାମ୍ରଫଳକ ଏବଂ ପେନସନ୍ ବି ମିଳିଲା । କିନ୍ତୁ ସଂଗ୍ରାମୀମାନଙ୍କୁ ଏଯାବତ୍ ଇତିହାସରେ ସ୍ଥାନ ମିଳି ନପାରିବା କିମ୍ବା ଏ ଦିଗରେ ଅଧିକ ଗବେଷଣା ନ ହେବା ବିଡ଼ମ୍ବନାର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି । ଗାଁରେ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ତଳେ ସେହି ୨୨ ଶ୍ରମିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ନାମଫଳକଟିଏ ରହିଛି । କିନ୍ତୁ ଉକ୍ତ ଫଳକଟି ଏବେ ଅସ୍ତିତ୍ୱ ହରାଇବାକୁ ବସିଲାଣି । ଆଜି ଭଳି, ଦେଶ ସ୍ୱାଧୀନ ହେବା ପୂର୍ବରୁ ବି ଓଡ଼ିଶା ଶ୍ରମିକମାନେ କାମ ଅନ୍ୱେଷଣରେ ବାହାର ରାଜ୍ୟ ଓ ଦେଶକୁ ଯାଉଥିଲେ । ଗ୍ରାମବାସୀ ପ୍ରମୋଦ ପ୍ରତାପ ସିଂଙ୍କ କହିବାନୁସାରେ, ଏହି ଗାଁର ଅନେକ ବ୍ୟକ୍ତି ସେତେବେଳେ ବର୍ମାର କୃଷି, ଖଣି ସମେତ ବିଭିନ୍ନ କ୍ଷେତ୍ରରେ ଶ୍ରମିକ ଭାବେ କାମ କରୁଥିଲେ । ୧୯୪୦ ବେଳକୁ ରାହାସ ବିହାରୀ ବୋଷ ଇଂରେଜ ଶାସନ କବଳରୁ ଦେଶକୁ ମୁକୁଳାଇବା ପାଇଁ ରେଙ୍ଗୁନ୍‌ରେ ଇଣ୍ଡିଆନ ଇଣ୍ଡିପେଣ୍ଡେନ୍ସ ଲିଗର ଗଠନ କରିଥିଲେ । ରେଙ୍ଗୁନ୍ ଏବଂ ବର୍ମାର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ଭାରତୀୟ ଶ୍ରମିକମାନଙ୍କୁ ଏଥିରେ ସାମିଲ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ । ସେତେବେଳେ ବର୍ମାରେ କାମ କରୁଥିବା ଗାଁର ଏହି ୨୨ ଶ୍ରମିକ ଲିଗ୍‌ରେ ସାମିଲ ହୋଇଯାଇଥିଲେ । ଯାହା ପରବର୍ତ୍ତୀ ସମୟରେ ଆଜାଦ ହିନ୍ଦ ଫୌଜ୍ ସହ ମିଶି ଯାଇଥିଲା । ଗ୍ରାମବାସୀ ସମରେନ୍ଦ୍ରଙ୍କ କହିବା କଥା, ତାଙ୍କ ଜେଜେ ପତିତପାବନ ବଳିୟାର ସିଂ ସେତେବେଳେ ବର୍ମାର ରାମପୁର ସୁନାଖଣିରେ କାମ କରୁଥିଲେ । ସେହି ସମୟରେ ବର୍ମାରେ କାର୍ଯ୍ୟରତ ଚମ୍ପାଇଲୋର ଅନ୍ୟ ଯୁବକମାନେ ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ଫେଡରେସନ୍ ଜରିଆରେ ଆଜାଦ ହିନ୍ଦ ଫୌଜର ଅଂଶବିଶେଷ ହୋଇ ବିଭିନ୍ନ କ୍ୟାଡରରେ କାର୍ଯ୍ୟ କରିଥିଲେ । ଏପରିକି ଇଂରେଜଙ୍କ ବିରୋଧରେ ସମ୍ମୁଖ ଯୁଦ୍ଧ ଲଢ଼ି ବେଲ ବରାଳ, ଜଗନ୍ନାଥ ବରାଳଙ୍କ ଗୋଡ଼ରେ ଗୁଳି ଖାଇଥିଲେ । ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ହାରିଯିବାରୁ ଆଜାଦ ହିନ୍ଦ ଫୌଜ୍‌ରେ କାର୍ଯ୍ୟରତ ଏହି ଶ୍ରମିକମାନେ ରେଙ୍ଗୁନ୍ ଜେଲ୍‌ରେ ବନ୍ଦୀ ହୋଇ ରହିଗଲେ । ଜବାହାରଲାଲ ନେହରୁଙ୍କ ପ୍ରଚେଷ୍ଟାରେ ଯୁଦ୍ଧର ଚୁକ୍ତିନାମା ଅନୁଯାୟୀ ସମସ୍ତେ ମୁକୁଳିଲେ । କିନ୍ତୁ ଘରକୁ ଆସିବାର କୌଣସି ବ୍ୟବସ୍ଥା କରାଯାଇନଥିଲା । ଭୋକ-ଉପାସରେ ଅତି ଦୁର୍ଦ୍ଦଶାରେ ଗାଡ଼ି, ଟ୍ରେନ୍‌ରେ କିଛି ବାଟ ତ ଚାଲିଚାଲି ଆଉ କିଛି ରାସ୍ତା ଅତିକ୍ରମ କରି ଗାଁରେ ପହଞ୍ଚିଥିଲେ ୨୦ ଶ୍ରମିକ । କିନ୍ତୁ ଦୁଇ ସଂଗ୍ରାମୀ ଭାଇ ହାଲୁରି ବରାଡ଼ ଏବଂ ହାଲୁ ବରାଡ଼ ଆସି ନଥିଲେ । ନାତି ବସୁଦେବ ବରାଡ଼ଙ୍କ କହିବାନୁସାରେ, ତାଙ୍କ ଜେଜେ ଯୁଦ୍ଧରେ ସାମିଲ ହୋଇ ଜେଲ ଯିବା ବିଷୟରେ ତାଙ୍କ ସାଥୀମାନଙ୍କଠାରୁ ଶୁଣିଛନ୍ତି । କିନ୍ତୁ ତା' ପରେ ସେମାନଙ୍କ ସହ କ'ଣ ଘଟିଲା, କେହି ଜାଣିପାରିଲେ ନାହିଁ । ଜେଜେ ମା' ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଜେଜେଙ୍କୁ ଅପେକ୍ଷା କରି ରହିଲେ । ଜୀବନତମାମ ଏକୁଟିଆ ଜୀବନ ଜିଇଁ ସେ ଯେଉଁ କଷ୍ଟ ସହିଲେ, ତାହା ଅବର୍ଣ୍ଣନୀୟ । ଆଜାଦ ହିନ୍ଦ ଫୌଜ ସଂଘ ସଭାପତି ବସନ୍ତ ପାଇକରାୟଙ୍କ କହିବା କଥା, ଓଡ଼ିଶାର ୭୦ରୁ ଅଧିକ ମହିଳା ଏବଂ ପୁରୁଷ ଆଜାଦ୍ ହିନ୍ଦ୍ ଫୌଜରେ ସାମିଲ ହୋଇଥିଲେ । ସେମାନେ ଘରକୁ ଫେରିବା ପରେ ଯେଉଁ ଆର୍ଥିକ ଦୁରବସ୍ଥା ଦେଇ ଗତି କରିଥିଲେ, ତାହା କହିବାକୁ ଭାଷା ନାହିଁ । ସେତେବେଳେ ସେମାନଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ମଧ୍ୟ ଦିଆଯାଇନଥିଲା ।

# ଫସଲ ବୀମା ରାଶି ୨୦୨୧ର ମିଳିନଥିବାରୁ ହଳଦି ଫଂଚାୟତବାସୀ ରାଜରାସ୍ତାକୁ ଅବରୋଧ କରିବେ

ବଲାଙ୍ଗିର ,୧୬/୦୮ (ନି.ପ୍ର): ମୁରିବାହାଲ ତହସିଲ ଅନ୍ତର୍ଗତ ହଳଦୀ ଗ୍ରାମ ପଂଚାୟତ ର ଚାଷୀ ବୃନ୍ଦ ଗତ ୨୦୨୧ ଫସଲବୀମା ରାଶି ପାଇବାକୁ ଯୋଗ୍ୟ ଥାଇ ମଧ ଚାଷୀ ବୃନ୍ଦ ଏ ପର୍ଯ୍ୟନ୍ତ ବୀମା ରାଶି ପାଇନଥିବାରୁ ରାଜ ରାସ୍ତା ଅବରୋଧ କରିବାପାଇଁ ସ୍ଥିର ହୋଇଛି । ହଳଦୀ ସମିତି ସଭ୍ୟ ଟୁନାମଣି ମହାନନ୍ଦଙ୍କ ଅଧକ୍ଷତା ରେ ଶୁକ୍ରବାର ଦିନ ମୁରିବାହାଲ ତହସିଲଦାର, ପୁଲିସ ଏବଂ କୃଷି ଅଧିକାରୀଙ୍କୁ ବୀମା ରାଶି ନ ମିଳିବାରୁ ବାଧ ହୋଇ ୫୯ନଂ ରାଜରାସ୍ତା ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅବରୋଧ କରିବାପାଇଁ ଜଣାଇଛନ୍ତି । ହଳଦୀ ଗ୍ରାମ ଫଂଚାୟତ ଅଧିକାଂଶ ଜମି ବର୍ଷା ପାଣିର ଭରସା ରେ ଚାଷ କରାଯାଇଥାଏ ।ଏହି ଅଂଚଳରେ ଜଳ ସେଚନ ର କୌଣସି ସୁବିଧା ନ ଥିବା ବେଳେ । ଗତ ବର୍ଷ ବର୍ଷାପାଣି ଅସମୟରେ ହୋଇଥିଲା ଯାହା ଚାଷ ଉପଯୋଗୀ ହୋଇନଥିଲା । କେତେ ସ୍ଥାନରେ ଚାଷ କାମ ଆରମ୍ଭ ହୋଇଥିବାବେଳେ କେତେ ସ୍ଥାନରେ ଆରମ୍ଭ ହୋଇ ପାରିନଥିଲା । ଏଥି ପାଇଁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସରକାର ପ୍ରଧାନମନ୍ତ୍ରୀ ଫସଲବୀମା ସୁବିଧା ଉଠାଇବାପାଇଁ ଅନେକ ଚାଷୀ ଗତବର୍ଷ ଫସଲବୀମା କରିଥିଲେ । ହଳଦୀ ଗ୍ରାମ ଫଂଚାୟତ ମରୁଡି ପୀଡିତ ତାଲିକାରେ ଥାଇ ମଧ ଚାଷୀଙ୍କୁ ଅଣଦେଖା କରିଛନ୍ତି । କମ୍ପାନୀ ଓ ସରକାର ଙ୍କ ମଧୁଚନ୍ଦ୍ରିକାଯୋଗୁ ଚାଷୀ ହତାଶ ହୋଇ ପଡିଛନ୍ତି । ସରକାରଙ୍କ ନିୟମାନୁଯାୟୀ ଅପ୍ରେଲ ମାସ ସୁଦ୍ଧା ବୀମାରାଶୀ ଚାଷୀମାନେ ପାଇବା ନିୟମ ଅଛି କିନ୍ତୁ ଏ ବର୍ଷର ଫସଲ ବୀମା ସମୟ ଗଲାପରେ ମଧ ଗତବର୍ଷ ବୀମା ରାଶୀ ମିଳିନାହିଁ ।ହଳଦୀ ଗ୍ରାମ ଫଂଚାୟତ ଚାଷୀ ବୃନ୍ଦ ତା ୧୧.୦୭.୨୨ ଅନୁଷ୍ଠିତ ବଙ୍ଗୋମୁଣ୍ଡା ବ୍ଲକଗ୍ରାଉଣ୍ଡଠାରେ ଭେଟିବା ସମୟରେ ପ୍ରଧାନ ମନ୍ତ୍ରୀ ଫସଲ ବିମା ରାଶି ପାଇବା ଇଲିଯିବୁଲ ତାଲିକାରେ ଅଛି ଅତି ଶୀଘ୍ର ମିଳିଯିବ ବୋଲି ପ୍ରତିଶୃତି ଦେଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ ଉକ୍ତ ବୀମା ରାଶି ମିଳିନଥିବାରୁ ଶେଷ ରେ ଚାଷୀ ହତାଶ ହୋଇ ନିରୁପାୟ ହୋଇ ୫୯ ନମ୍ବର ହଳଦୀ ରାଜା ରାସ୍ତାକୁ ୧୬/୦୮/୨୨ ମଙ୍ଗଳବାର ଦିନ ହଳଦୀ ଛକ ରେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଅବରୋଧ କରି ବିରୋଧ ପ୍ରଦର୍ଶନ କରିବାପାଇଁ ସ୍ଥିର କରା ଯାଇଥିବା ଲିଖିତ ଆକାରରେ ଉପଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଟିଟିଲାଗଡ଼, ସ୍ଥାନୀୟ ତହସିଲଦାର ସୁନାଲି ପାତ୍ର, କୃଷି ବିଭାଗ ଏବଂ ମୁରିବାହାଲ ଥାନାରେ ଲିଖିତ ଆକାରରେ ଦେଇଛନ୍ତି । ହଳଦୀ ଗ୍ରାମ ପଂଚାୟତ ହଳଦୀ ସରପଂଚ ସୌଦାମିନୀ ସେଠ ଚାଷୀ ବୃନ୍ଦ ବ୍ୟାସଧର ପଧାନ, ସୁଶାନ୍ତ ପଧାନ, ଶଶୀକାନ୍ତ ମହାନନ୍ଦ,ଅଶୋକ କୁମାର କର୍ମ, ବିରଂଚି ଛୁରା, ଲକ୍ଷ୍ମୀ ଧର କରୁଆଁ, ଖୁସିରାମ ଭୋଇ, ବନମାଳୀ ଛୁରା, ରମେଶ କୁମ୍ଭାର,ସମନାଥ ମହାନନ୍ଦ, ମନୋରଞ୍ଜନ ବାଗ, ମୁନିରାମ ହାତୀ, ଅନୁପ କୁମାର ସେଠ, କୈଳାସ ବିଭାର, ଚତୃ ବିଭାର, ଅଂଶୁ ଛତ୍ରିଆ, ବିପିନ ଜାଲ, ଶୁଶାନ୍ତ ନାୟକ, ପୃଥ୍ୱୀରାଜ ଦୀପ, ଦେବସଙ୍କର ମହାନନ୍ଦ ଶତାଧିକ ହଳଦୀ ଫଂଚାୟତ ଚାଷୀ ଏହି ଅନିର୍ଦ୍ଦିଷ୍ଟ ସମୟ ଅବରୋଧ କୁ ସ୍ଥିର କରିଛନ୍ତି ।

# ଲାଗୁନି ବ୍ୟାରିକେଡ୍ : ଅପବିତ୍ର ହେଉଛି ଶରଧାବାଲି

ପୁରୀ ,୧୬/୦୮ (ନି.ପ୍ର): ଶରଧାବାଲିର ପ୍ରତିଟି ରେଣୁ ପବିତ୍ର ବୋଲି ବିବେଚନା କରାଯାଏ । ମହାପ୍ରଭୁ ନାକଚଣା ଦ୍ୱାରବାଟେ ପହଣ୍ଡି ହୋଇ ଏହି ବାଲିରେ ରଥ ଉପରେ ବାହୁଡ଼ା ବିଜେ କରୁଥିବାରୁ ଭକ୍ତ ଏହାକୁ ମୁଣ୍ଡରେ ବୋଳିହୁଅନ୍ତି । କାନିରେ ବାନ୍ଧି ନିଅନ୍ତି । ମାତ୍ର ଶ୍ରୀମନ୍ଦିର ପ୍ରଶାସନର ବେପରୱା କାର୍ଯ୍ୟ ଯୋଗୁ ପବିତ୍ର ଶରଧାବାଲି ଅପବିତ୍ର ହେଉଛି । କିଛି ଅମାନିଆ ଓ ଅସଚେତନ ନାଗରିକ ଏହାକୁ ମୁକ୍ତ ଶୌଚାଳୟ ଭାବେ ବ୍ୟବହରା କରୁଥିବା ବେଳେ ବିନା ଦ୍ୱିଧାରେ କାର, ବସ୍ ପାର୍କିଂ କରାଯାଉଛି । ମହାପ୍ରମୁଙ୍କ ବାହୁଡ଼ା ରଥଯାତ୍ରା ସରିବା ମାସେରୁ ଅଧିକ ସମୟ ଅତିକ୍ରାନ୍ତ । ଅଥଚ ଶରଧାବାଲିକୁ ସୁରକ୍ଷା ଦେବାକୁ ସେଠାରେ ଏଯାଏ ବ୍ୟାରିକେଡ୍ ବୁଲାଗଲା ନାହିଁ । ଇତିମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସିଛି, କିନ୍ତୁ ଏ ସମ୍ପର୍କରେ କେହି ପ୍ରଶ୍ନ ଉଠାଇନାହାନ୍ତି କି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ଏନେଇ କୌଣସି ଆନ୍ତରିକତା ପ୍ରକାଶ ପାଇନାହିଁ ।

ମହାପ୍ରଭୁ ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିରକୁ ଫେରିବାର କିଛିଦିନ ମଧ୍ୟରେ ଶରଧାବାଲିକୁ ବ୍ୟାରିକେଡ୍ କରାଯାଏ । ଏହି ସ୍ଥାନର ଐତିହାସିକ ଓ ଆଧ୍ୟାତ୍ମିକ ମହତ୍ତ୍ୱ ଦୃଷ୍ଟିରୁ ଏହାର ସ୍ୱଚ୍ଛତା ବଜାୟ ରଖିବା ଲାଗି ଏହା ଚାରିପଟେ ବାଡ଼ା ବୁଲାଯାଏ । ଫଳରେ ଲୋକେ ଏହା ମଧ୍ୟରେ ଗାଡ଼ି ପାର୍କିଂ କରିବାକୁ ସୁଯୋଗ ପାଆନ୍ତି ନାହିଁ । ସାଧାରଣ ଲୋକେ ମଧ୍ୟ ଲୁହା ବାଡ଼ା ଅତିକ୍ରମ କରି ଭିତରକୁ ଯାଆନ୍ତି ନାହିଁ । କିନ୍ତୁ ଚଳିତ ବର୍ଷ ଏଯାଏ ବ୍ୟାରିକେଡ୍ ଲାଗିନାହିଁ । ଫଳରେ କିଛି ବ୍ୟକ୍ତି ଏହାକୁ ପାର୍କିଂ ସ୍ଥଳ ଭାବେ ନିୟମିତ ବ୍ୟବହାର କରୁଛନ୍ତି । ଅଧିକାଂଶ ସମୟରେ କିଛି ବସ୍ ଓ ୪୦୭ ମିନିଟ୍ରମ୍ ଏଠାରେ ପାର୍କିଂ ହେଉଥିବା ଦେଖିବାକୁ ମିଳୁଛି । କିଛି ବ୍ୟକ୍ତିବିଶେଷଙ୍କର ହୀନ ମାନସିକତାକୁ ଦୃଷ୍ଟିରେ ରଖି ପୂର୍ବରୁ ଦଶାବତାର ମଠ କାନ୍ଥକୁ ଆଧ୍ୟାତ୍ମିକ ଚିତ୍ରରେ ସୁସଜ୍ଜିତ କରାଯାଇଥିଲା । କଡ଼ରେ ଫୁଲଗଛ ଲଗାଯାଇଥିଲା । ଉଦ୍ଦେଶ୍ୟ ଥିଲା, ପବିତ୍ରତା ଦୃଷ୍ଟିରୁ ଲୋକେ ଏହାକୁ ସମ୍ମାନ ଦେଇ ଏଠାରେ ପରିସ୍ରା କରିବେ ନାହିଁ । କିନ୍ତୁ ପ୍ରଶାସନ ପକ୍ଷରୁ ଏନେଇ ଯେଉଁ ଅଭିନବ ଚିନ୍ତା କରାଗଲା, ତାହା ବଜାୟ ରଖାଗଲା ନାହିଁ । ଶ୍ରୀମନ୍ଦିର ପାର୍ଶ୍ୱକୁ ଫୁଲଗଛରେ ସଜା ଯାଇପାରିଲା, କିନ୍ତୁ ଶରଧାବାଲିର ପବିତ୍ରତା ବଜାୟ ରଖିବା ଲାଗି ଏଯାଏ କୌଣସି ସୌନ୍ଦର୍ଯ୍ୟୀକରଣ ପ୍ରକଳ୍ପ କାର୍ଯ୍ୟକାରୀ ହେଲା ନାହିଁ । ଜନ ଜାଗରଣ ମଞ୍ଚର ଆବାହକ ଜ୍ୟୋତିରଂଜନ ନାୟକ କହିଛନ୍ତି, ବାହୁଡ଼ା ଯାତ୍ରା ପରେପରେ ବ୍ୟାରିକେଡ୍ କରିବା ନିତାନ୍ତ ଆବଶ୍ୟକ । ତଥାପି ଖାଲି ବ୍ୟାରିକେଡ୍ କରିଦେଲେ ମଧ୍ୟ ଏ ସମସ୍ୟାରେ ଅନ୍ତ ହେବନାହିଁ । ଏଠାରେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବା ଉଚିତ । ତେବେ ଯାଇ ଅମାନିଆଙ୍କୁ ଏଠାରୁ ଦୂରେଇ ରଖାଯାଇପାରିବ । ଅଠରନଳା ସୌନ୍ଦର୍ଯ୍ୟୀକରଣ ପାଇଁ କୋଟିକୋଟି ଟଙ୍କା ସରକାର ତହବିଲରୁ ଖର୍ଚ୍ଚ ହେଲା । ଫୁଲ ଓ ସାଜସଜା ଗଛରେ ଏହାର ସୌନ୍ଦର୍ଯ୍ୟୀକରଣ ସହ ଏହାକୁ ସୁରକ୍ଷିତ ରଖିବା ପାଇଁ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇପାରିଲା । ଅଥଚ ଶରଧାବାଲିର ମହତ୍ତ୍ୱ ଦୃଷ୍ଟିରୁ ଏହାର ପବିତ୍ରତା ବଜାୟ ରଖିବା ପାଇଁ ଦୁଇଜଣ ସୁରକ୍ଷା କର୍ମୀ ନିୟୋଜିତ କରାଯିବାରେ ଅସୁବିଧା କେଉଁଠି ବୋଲି ସେ ପ୍ରଶ୍ନ କରିଛନ୍ତି ।

# ଭୁବନେଶ୍ୱର-ବ୍ରହ୍ମପୁର ୧୬ ନମ୍ବର ଜାତୀୟ ରାଜପଥରେ ଅବ୍ୟବସ୍ଥା

ନାଚୁଣୀ ,୧୬/୦୮ (ନି.ପ୍ର): ଭୁବନେଶ୍ୱରରୁ ବ୍ରହ୍ମପୁରକୁ ଯାଉଥିବା ଏକ୍ସପ୍ରେସ୍ ରୋଡ୍‌ର ସ୍ଥାନୀୟ କୁହୁଡ଼ି ତଥା କହ୍ନେଇପୁର ଛକ ନିକଟରେ ରାସ୍ତା ସଂପ୍ରସାରଣ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଏବେ ପ୍ରାୟତଃ ସରିଆସିଲାଣି । ମାତ୍ର ୧୬ ନମ୍ବର ଜାତୀୟ ରାଜପଥର କୁହୁଡ଼ି ନିକଟସ୍ଥ କୟଥପଲ୍ଲୀ ଅଞ୍ଚଳରେ ଥିବା ପୁରୁଣା ଶୌଚାଳୟଟିର ଅବସ୍ଥା କହିଲେ ନସରେ । କବାଟରେ ତାଲା ଝୁଲୁଥିବା ବେଳେ ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଗାଡ଼ି ଯାଉଥିବା ବେଳେ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।



ରାସ୍ତା ମଝିରେ ଆଲୋକୀକରଣ ପାଇଁ ପୋତାଯାଇଥିବା ୧୦ରୁ ୧୨ଟି ଖୁଣ୍ଟରେ ଆଲୋକ ବ୍ୟବସ୍ଥା ପାଇଁ ବିଦ୍ୟୁତ୍ ସଂଯୋଗ ହୋଇନଥିବା ବେଳେ କେତେକ ଖୁଣ୍ଟି ଉଭାନ ହୋଇଗଲାଣି । ସେହିଭଳି ସୁନାଖଳା ନିକଟସ୍ଥ କହ୍ନେଇପୁର ଛକରେ ରାସ୍ତାର ଉଭୟ ପାର୍ଶ୍ୱରେ ନିର୍ମିତ ହୋଇଥିବା ଶୌଚାଳୟକୁ ବ୍ୟବହାର କରାନଯାଇ ଆରମ୍ଭରୁ ସେଠାରେ ତାଲା ଝୁଲୁଛି । ରାସ୍ତାର ଉଭୟ ପାର୍ଶ୍ୱରେ ଲାଗିଥିବା ପ୍ରାୟ ୨୦ ରୁ ଊର୍ଦ୍ଧ୍ୱ ବିଜୁଳି ଖୁଣ୍ଟର ମୂଳରୁ ନଟ୍‌ବୋଲ୍ଟ ଖୋଲି କାଢ଼ି ନେଇଥିବା ଦେଖିବାକୁ ମିଳୁଛି ।

ସ୍ଥାନୀୟ ଅଞ୍ଚଳରେ ରାଜପଥ ପାର୍ଶ୍ୱକୁ କିଛି ଉଠା ଦୋକାନୀ ପସରା ଖୋଲି କବ୍‌ଜା କରିବା ଫଳରେ ରାସ୍ତାରେ ଯାଉଥିବା ଦୂରଦୂରାନ୍ତର ଯାନବାହାନଗୁଡ଼ିକ ରାସ୍ତାରେ ଅଟକି ଜିନିଷପତ୍ର କିଣାକିଣିରେ ସମୟ ବିତାଉଥିବାରୁ ପଛରୁ ଆସୁଥିବା ଅନ୍ୟ ଗାଡ଼ିଗୁଡ଼ିକ ଠଉରାଇନପାରି ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଦେଖାଯାଉଛି । ଏଥି ପ୍ରତି ପ୍ରଶାସନ ବିଶେଷ ଧ୍ୟାନ ଦେଉନଥିବାରୁ ରାସ୍ତା କଡ଼ରେ ଉଠା ଦୋକାନୀଙ୍କ ସଂଖ୍ୟା ଦିନକୁଦିନ ବଢ଼ିଚାଲିଛି । ନିର୍ମାଣ ସରିଥିବା ସଂପୃକ୍ତ ଅଂଚଳରେ ୧୬ ନମ୍ବର ଜାତୀୟ ରାଜପଥର ଚାରି ଥାକିଆ ସଂପ୍ରସାରଣ ହୋଇଥିବା ବେଳେ ଆବଶ୍ୟକ ଆଲୋକୀକରଣ ହୋଇନଥିବାରୁ ନିକଟସ୍ଥ ଜନବସତିର ଲୋକଙ୍କ ଯାତାୟାତ ନିଛାଟିଆ ହୋଇଯାଉଛି । ରାସ୍ତାରେ ସ୍ଥାନୀୟ ଯାତ୍ରୀମାନଙ୍କ ସମେତ ଅଜଣା ଯାତ୍ରୀ ଅସାମାଜିକ ଲୋକଙ୍କ ହାବୁଡ଼ରେ ପଡ଼ି ଲୁଟ୍‌ମାର ଶିକାର ହେଉଛନ୍ତି । ଅଯଥା ଝାମେଲାକୁ ଡରି ଏବାବଦରେ କେହି ପୁଲିସକୁ ଖବର ଦେଉନାହାନ୍ତି ।

ଉଭୟ ପଟ ରାସ୍ତା ବ୍ୟସ୍ତବହୁଳ ଥିବା ବେଳେ ରାସ୍ତାର କୟଥପଲ୍ଲୀ ଓ କହ୍ନେଇପୁର ଛକରେ ଅବ୍ୟବସ୍ଥା ଲାଗିରହିଥିବାରୁ ନିକଟସ୍ଥ ସୁନାଖଳା ଓ ନାଚୁଣୀ ଓଭରବ୍ରିଜ୍ ରାସ୍ତାରେ ଏ ଯାଏଁ ଆଲୋକୀକରଣ ସଂପୂର୍ଣ୍ଣ ହୋଇପାରିନାହିଁ । ଏନ୍‌ଏଚ୍‌ଏଆଇର ସ୍ଥାନୀୟ ରାସ୍ତା ସଂପ୍ରସାରଣ କାର୍ଯ୍ୟ ସରିଥିଲେ ମଧ୍ୟ ଏହି ରାସ୍ତାର ବୁଲାଣିରେ ଆଲୋକ ବ୍ୟବସ୍ଥା ଏବଂ ସୂଚନା ଫଳକ ଅଭାବରୁ ଯାତ୍ରୀ ଭ୍ରମରେ ପଡୁଛନ୍ତି । ସେହିଭଳି ରାସ୍ତା ପାର ହେବା ପାଇଁ ରହିଥିବା କ୍ରସ୍‌କଟ୍ ଗୁଡ଼ିକର ନିର୍ମାଣ ଅଧାପନ୍ତରିଆ ଓ ଅସମତଳ ହୋଇ ରହିଯାଇଛି । ଫଳରେ ଅନ୍ଧାରରେ ଟିକିଏ ଅନ୍ୟମନସ୍କ କିମ୍ବା ଏହି ସ୍ଥାନ ପ୍ରତି ଅଜ୍ଞ ରହିଲେ ଦୁର୍ଘଟଣାର ଆଶଙ୍କା ରହୁଛି । ଏହି କାରଣରୁ ରାତିରେ ଯାତାୟାତ ବେଳେ ଯାନବାହାନ ପରସ୍ପର ପିଟି ହୋଇ ଅଯଥାରେ ଧନଜୀବନ ନଷ୍ଟ ହେଉଛି । ଏନ୍‌ଏଚ୍‌ଏଆଇ ଏ ସମ୍ବନ୍ଧରେ ଉଦାସୀନ ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ହେଉଛି ।

## ରାଇରଙ୍ଗପୁର ହାଇସ୍କୁଲରେ ରଗବି ଫୁଟବଲ ଖେଳର ଶୁଭାରମ୍ଭ

ରାଇରଙ୍ଗପୁର,୧୬/୦୮ (ନି.ପ୍ର): ସ୍ଥାନୀୟ ଐତିହ୍ୟ ସମ୍ପନ୍ନ ରାଇରଙ୍ଗପୁର ହାଇସ୍କୁଲରେ ରଗବି ଫୁଟବଲ ଖେଳକୁ ପ୍ରଥମ କରି କ୍ରୀଡା କାର୍ଯ୍ୟକ୍ରମରେ ସାମିଲ୍ କରାଯାଇଛି । ଏଥିପାଇଁ ଆୟୋଜିତ ପ୍ରଶିକ୍ଷଣ ଶିବିରକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମହାନ୍ତ ଉଦଘାଟନ କରିଥିଲେ । ଏନ୍ ସି ସି ଅଧିକାରୀ ତଥା ବିଜ୍ଞାନ ଶିକ୍ଷକ ରଞ୍ଜନ କୁମାର ନନ୍ଦ ଙ୍କ ସଂଯୋଜନାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ବରିଷ୍ଠ ଶିକ୍ଷକ ଗୌରୀଶଙ୍କର ମହାନ୍ତ, ହେମନ୍ତ ମହାନ୍ତ, ଦିଲ୍ଲୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରଗବି ଫୁଟବଲ ଖେଳର ଭବିଷ୍ୟତ ଉଜ୍ଜଳମୟ ବୋଲି ଉଲ୍ଲେଖ କରିଥିଲେ ।

ବିଦ୍ୟାଳୟର କ୍ରୀଡା ଶିକ୍ଷକ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ରଗବି ଫୁଟବଲ ଦଳ ଗଠନ କରାଯାଇ ପ୍ରଶିକ୍ଷଣ ଆରମ୍ଭ ହୋଇଛି । ରଗବି ଫୁଟବଲ ବିକାଶ ପାଇଁ ମୟୂରଭଞ୍ଜ ଜିଲ୍ଲା ରଗବି ଫୁଟବଲ ଆସୋସିଏସନର ମୁଖ୍ୟ ଉପଦେଷ୍ଟା ବାବା ଧଳାରାମ୍ ହାଁସଦାଃ, କନ୍ଧମାଳର ଜାତୀୟ ଖେଳାଳି ଦିପ୍ତୀରଞ୍ଜନ ପ୍ରଧାନ, କେନ୍ଦୁଝରର ରାଜ୍ୟସ୍ତରୀୟ ଖେଳାଳି କ୍ଷିତିଶ୍ ଦେହୁରୀ ନିୟମିତ ଭାବରେ ବିଦ୍ୟାଳୟର ଛାତ୍ର ମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି । ଏକ ନୂତନ ଖେଳକୁ ପାଇ ବିଦ୍ୟାଳୟର ଛାତ୍ର ମାନେ ଉତ୍ସାହିତ ଅଛନ୍ତି ।

# ତୃଣମୂଳ ସ୍ତରରେ ଲୋକ ମାନଙ୍କ ରାଜନୈତିକ ସଶକ୍ତିକରଣ ଏବଂ ମୌଳିକ ସମସ୍ୟାକୁ ଉପସ୍ଥାପନ କରିବା ପାଇଁ ପ୍ରୟାସ ଆରମ୍ଭ

ମାଲକାନଗିରି,୧୬/୦୮ (ନି.ପ୍ର): ରାଜ୍ୟସ୍ତରୀୟ ଲୋକ ସଂଗଠନ ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଂଚ ର ଆହ୍ୱାନ କ୍ରମେ ଆଜାଦୀର ଅମୃତ ମହୋତ୍ସବ ପାଳନ ଅବସରରେ ତୃଣମୂଳ ସ୍ତରରେ ଲୋକ ମାନଙ୍କ ରାଜନୈତିକ ସଶକ୍ତିକରଣ ଏବଂ ଲୋକ ମାନଙ୍କର ମୌଳିକ ସମସ୍ୟାକୁ ଉପସ୍ଥାପନ କରିବା ପାଇଁ ଏକ ପ୍ରୟାସ ଆରମ୍ଭ କରାଯାଇଛି । ଏଥିରେ ଗାଁ ସ୍ତରରୁ ଲୋକ ମାନଙ୍କର ଖାଦ୍ୟ, ପାନୀୟ , ଶିକ୍ଷା ଆଦି ସମସ୍ୟାକୁ ଗାଁ ସଭା ମାଧ୍ୟମରେ ଚିହ୍ନଟ କରି ଅଗଷ୍ଟ ୧୫ ତାରିଖରେ ବିଦ୍ଧିବଦ୍ଧ ଭାବେ ଘୋଷିତ ହୋଇ ଥିବା ସ୍ୱତନ୍ତ୍ର ଗ୍ରାମସଭାରେ ଏହି ସମସ୍ୟା ଗୁଡ଼ିକ ଗାଁ ଲୋକଙ୍କ ତରଫରୁ ଉପସ୍ଥାପନ କରାଯିବ । ଏହି କ୍ରମରେ ମାଲକାନଗିରି ଜିଲ୍ଲାରେ ସ୍ଥାନୀୟ ଲୋକ ସଂଗଠନ ଶ୍ରମଜୀବୀ ସଂଗଠନ ଓ ମହିଳା ଶ୍ରମଜୀବୀ ସଂଗଠନ ଦ୍ୱାରା ଜିଲ୍ଲାର ୭ ୨ ଗୋଟି ଗାଁରୁ ପିଇବା ପାଣି, ବିଦ୍ୟାଳୟର ଭିତିଭୂମି ଏବଂ ଅନ୍ୟାନ୍ୟ ସମସ୍ୟା ଚିହ୍ନଟ କରା ଯାଇଛି ଯାହାକୁ ୭ ଗୋଟି ବ୍ଲକର ୨୧ ଟି ପଚାଂୟତର ଗ୍ରାମସଭାରେ ସଚେତନ ନାଗରିକ ମାନଙ୍କ ତରଫରୁ ଉପସ୍ଥାପନ କରାଯିବ । ଏହା ଉପସ୍ଥାପନ ହେଲା ପରେ ପରବର୍ତ୍ତୀ ସମୟରେ ସମସ୍ୟା ଗୁଡ଼ିକ ସ୍ଥାନୀୟ ବିଡ଼ିଓ, ଲୋକ ପ୍ରତିନିଧି ଏବଂ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀଙ୍କର ମଧ୍ୟ ଦୃଷ୍ଟି ଆକର୍ଷଣ କରାଯିବ ।

ଜିଲ୍ଲା ସଂଗଠନ ତରଫରୁ ଏକ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ସଂଗଠନ ସଭାପତି ଗାର୍ଙ୍ଗି ମାଢି ଓ ସମ୍ପାଦକ ରାଜେନ୍ଦ୍ର କବାସୀ ସହ ସଂଗଠନ ର ସଦସ୍ୟ ବୃନ୍ଦ ମୁକୁନ୍ଦ ମାଡକାମୀ, ରାମ ବଡ଼ନାୟକ, ତ୍ରିନାଥ ବଡ଼ନାୟକ, ଶୁଭଶ୍ରୀ ମାଢି, ଗୋବର୍ଦ୍ଧନ ଅନେକ ଉପସ୍ଥିତ ରହି ଗ୍ରାମ ତରଫରୁ ଚିହ୍ନିତ ସମସ୍ୟା ଗୁଡିକୁ ସଭାରେ ଉପସ୍ଥିତ ସାମ୍ବାଦିକ ବନ୍ଧୁଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ ।

# ଶିବଦାସ ଘୋଷଙ୍କ ଜନ୍ମ ଶତବର୍ଷ ଏସ୍‌ୟୁସିଆଇ (ସି) ପକ୍ଷରୁ ପାଳନ

ବଲାଙ୍ଗିର,୧୬/୦୮ (ନି.ପ୍ର): ସର୍ବହରା ମହାନନେତା ଏ ଯୁଗର ମାର୍କବାଦୀ ଦାର୍ଶନିକ ଏସ୍‌ୟୁସିଆଇ ର ପ୍ରତିଷ୍ଠାତା ଶିବଦାସ ଘୋଷଙ୍କ ଜିଲ୍ଲା ସ୍ତରୀୟ ଜନ୍ମ ଶତବର୍ଷ ଯାଦବ ଭବନ ବଲାଙ୍ଗିର ଠାରେ ପାଳିତ ହୋଇଯାଇଛି । ପ୍ରଥମେ କମ୍ରେଡ ଘୋଷଙ୍କ ଫଟୋ ଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ । ତାଙ୍କ ଉପରେ ରଚିତ ସଂଗୀତ ଗାନ କରାଯାଇଥିଲ । ଜିଲ୍ଲା ସାଂଗଠନିକ ସଂପାଦକ ସୁନିଲ ଭୋଇଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସଭାରେ ମୁଖ୍ୟବକ୍ତା ଭାବେ ଏସ୍‌ୟୁସିଆଇ (ସି) ର ରାଜ୍ୟ ସଂପାଦକ ମଣ୍ଡଳି ସଭ୍ୟ କମ୍ରେଡ ଅକ୍ଷୟ ଦାଶ ଓ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂପାଦକ ମଣ୍ଡଳି ସଭ୍ୟ ଅଶୋକ ମିଶ୍ର ଯୋଗ ଦେଇ କହିଥିଲେ ଯେ ପରାଧିନ ଭାରତରେ ବ୍ରିଟିସ୍ ଲଢେଇ ରେ କମ୍ରେଡ ଘୋଷ ସାମିଲ ହୋଇ ମାକ୍ସବାଦୀ ଦୃଷ୍ଟି ଭଙ୍ଗୀରୁ ବୁଝି ପାରିଥିଲେ ଯେ ଦେଶ ରାଜନୈତିକ ଭାବେ ସ୍ୱାଧିନ ହେଲେ ମଧ୍ୟ ପ୍ରକୃତ ଗଣମୁକ୍ତି ଆସିବ ନାହିଁ । ବରଂ ପୁଞ୍ଜିବାଦୀ ଶାସନ ବ୍ୟବସ୍ଥା ପ୍ରତିଷ୍ଠିତ ହୋଇ ଶୋଷଣ ଜୁଲୁମ କ୍ରମାଗତ ତିବ୍ରତର ହେବ । ତେଣୁ ସେ ଏକ ସଠିକ୍ ମାକ୍ସବାଦୀ ଦଳ ଏସ୍‌ୟୁସିଆଇ(ସି) କୁ ଗଢି ତୋଳିଥିଲେ । ଏକ ଶୋଷଣ ବିହିନ ସାମ୍ୟବାଦୀ ସମାଜ ବ୍ୟତିରେକେ ଜନଗଣଙ୍କର କୌଣସି ମୌଳିକ ସମସ୍ୟାର ସମାଧାନ ହେବ ନାହିଁ ବୋଲି ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ । ଜନ ଜିବନର ଜଳନ୍ତ ସମସ୍ୟାର ସମାଧାନ ଦାବିରେ ଆଗାମୀ ସେପ୍ଟମ୍ବର ୨୯ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ବିଶାଳ ବିକ୍ଷୋଭ ସମାବେଶକୁ ସଫଳ କରିବା ପାଇଁ କମ୍ରେଡ୍ ମିଶ୍ର ଆହ୍ୱାନ କରିଥିଲେ । ଶେଷରେ ଆନ୍ତର୍ଜାତିକ ସଂଗୀତ ଗାନ ପରେ ସଭା ଶେଷ ହୋଇଥିଲା । ଏହି ସଭାରେ ପ୍ରବଳ ବର୍ଷା ସତ୍ୱେ ଜିଲ୍ଲାର ସବୁ ଅଂଚଳରୁ ଶତାଧିକ ଛାତ୍ର, ଯୁବ, ମହିଳା, ବୁଦ୍ଧିଜିବି ଅଂଶଗ୍ରହଣ କରିଥିଲେ ।

# ଡୁମାଲ ପରିଷଦ ଓଡିଶା ସହରାଂଚଳର ଜରୁରୀ କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର,୧୬/୦୮ (ନି.ପ୍ର): ଡୁମାଲ ପରିଷଦ ଓଡିଶା ସହରାଂଚଳ ବଲାଙ୍ଗିର ଏକ ଜରୁରୀ କାର୍ଯ୍ୟକାରିଣୀ ବୈଠକ ସଂଜୟ ମହାକୁରଙ୍କ ସଭାପତିତ୍ୱରେ ଶାନ୍ତିପଡା ଦୁର୍ଗାମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଆଜିକାର ବୈଠକରେ ସଂପାଦକ ମଲିଆ ଗଡୁଆ ଆସନ୍ତା ରବିବାର ତା.୨୧.୦୮.୨୦୨୨ ରିଖ ରେ ହେବାକୁ ଥିବା ସମ୍ବର୍ଦ୍ଧନା ତଥା ସାଧରଣ ବୈଠକ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ପ୍ରତ୍ୟେକ ସଭ୍ୟଙ୍କୁ ଦାୟୀତ୍ୱ ବଂଟନ କରିଥିଲେ । ସ୍ୱାଧୀନତାର ୭୫ ବର୍ଷ ପୁର୍ତ୍ତି ଉପଲକ୍ଷେ ଉପସ୍ଥିତ ପ୍ରତ୍ୟେକ ସଭ୍ୟ ତ୍ରିରଙ୍ଗା ଜାତୀୟ ପତାକା ଧରି ଉତ୍ସବ ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପ-ସଭାପତି ଜୀବନ କରନ ଏବଂ ବୃନ୍ଦାବନ ମହାକୁର, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ମହାକୁର, କାର୍ଯ୍ୟକାରିଣୀ ସଭ୍ୟ ଦିନବନ୍ଧୁ ଡାଙ୍ଗ, ପଲଉ ଚଉଲିଆ, ବୁଡୁ କରନ, ଭିକାରି ଚରଣ କର୍ମି, ମାହେଶ୍ୱରୀ ସେନାର ପାର୍ଥ କୁମାର କର୍ଣ୍ଣ, ସୁରେଶ ଚନ୍ଦ୍ର କମ୍ପ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପରିଶେଷରେ ଭିକାରୀ ଚରଣ କର୍ମି ଧନ୍ୟବାଦ ଅର୍ପଣ କରିଥିଲେ ।

# ପିଇଓ ଓ ଜିଆରଏସ୍‌ଙ୍କୁ ତାଲା ପକାଇଦେଲେ ହିତାଧିକାରୀ : ମିଳିଲା ୪ ମାସର ଭତ୍ତା ଟଙ୍କା

ଯୋଡ଼ା ,୧୬/୦୮ (ନି.ପ୍ର): ଭତ୍ତା ଟଙ୍କା ନ ଦେବାରୁ ପଞ୍ଚାୟତ ଅଫିସ୍‌ରେ ପିଇଓ ଓ ଜିଆରଏସ୍‌ଙ୍କୁ ତାଲା ପକାଇ ଦେଲେ ଲୋକେ । ଯୋଡ଼ା ବ୍ଲକ୍ ଚମକପୁର ପଞ୍ଚାୟତରେ ଆଜି ଏହି ଘଟଣା ଘଟିଛି । ପ୍ରବଳ ଉତ୍ତେଜନା ପ୍ରକାଶ ପାଇବାରୁ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା । ତେବେ ଲୋକଙ୍କୁ ମନାଇବାରେ ପୁଲିସ ଫେଲ ମାରିଥିଲା । ଶେଷରେ ବିଡିଓ ବକେୟା ଭତ୍ତା ଟଙ୍କା ପଠାଇବାରୁ ଉତ୍ତେଜନା ଶାନ୍ତ ପଡ଼ିଥିଲା ।

ସୂଚନା ମୁତାବକ, ହିତାଧିକାରୀମାନେ ପ୍ରାୟ ୪ ମାସର ବକୟା ଭତ୍ତା ପାଇ ନ ଥିଲେ । ଆଜି ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯିବା ପାଇଁ ସ୍ଥାନୀୟ ପଞ୍ଚାୟତର ହିତାଧିକାରୀମାନଙ୍କୁ ପଞ୍ଚାୟତ ଅଫିସକୁ ଡକାଯାଇଥିଲା । ହେଲେ ସେମାନଙ୍କୁ ମାତ୍ର ଗୋଟିଏ ମାସର ଭତ୍ତା ଟଙ୍କା ଦିଆଯାଉଥିଲା । ଯାହାକୁ ନେଇ ରହିଥିବା ଅସନ୍ତୋଷ ସ୍ୱାଧୀନତା ଦିବସରେ ଉତ୍ତେଜନାର ରୂପ ନେଇଥିଲା । ଆଜି ବାର୍ଦ୍ଧକ୍ୟ ଭତ୍ତା ବାଣ୍ଟିବାକୁ ଯାଇଥିବା ପିଇଓ ବିଦ୍ୟାଧର ପାତ୍ର ଓ ଜିଆରଏସ୍ ରମେଶ ନାଏକଙ୍କୁ ଲୋକେ ତୁରନ୍ତ ବକେୟା ବାର୍ଦ୍ଧକ୍ୟ ଭତ୍ତା ଦେବାକୁ କହିଥିଲେ । ହେଲେ ଦୁଇ କର୍ମଚାରୀ ଅସମର୍ଥତା ପ୍ରକାଶ କରିବାରୁ ସେମାନଙ୍କୁ ତାଲା ପକାଇ ଦେଇଥିଲେ ଉତ୍ତେଜିତ ଲୋକେ ।

ପ୍ରାୟ ଦୁଇ ଘଂଟା ଧରି ପଞ୍ଚାୟତ ଅଫିସ୍‌ରେ ଉଭୟ ବନ୍ଦ ରହିବା ପରେ ଚମ୍ପୁଆ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ହେଲେ ହିତାଧିକାରୀମାନେ କୌଣସି ପ୍ରକାରେ ବୁଝିନଥିଲେ । ଶେଷରେ ଉପସ୍ଥିତ ପୁଲିସ ଅଧିକାରୀମାନେ ଏ ସମସ୍ୟା ନେଇ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ବିଡିଓ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ବକୟା ଭତ୍ତା ଟଙ୍କା ପଞ୍ଚାୟତ ଅଫିସ୍‌କୁ ପଠାଇଥିଲେ । ଟଙ୍କା ଆସିବା ପରେ ଉଭୟ ପିଇଓ ଓ ଜିଆରଏସ ମୁକୁଳିଥିଲେ । ପରେ ଏହି ବକେୟା ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ବଣ୍ଟନ କରାଯାଇଥିଲା । ଟଙ୍କା ପାଇବା ପରେ ଉତ୍ତେଜନା ହ୍ରାସ ପାଇଥିଲା ।

## ୭୬ତମ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

ନୀଳଗିରି-୧୬/୮ (ନି.ପ୍ର): ନୀଳଗିରି ଥାନା ପଡ଼ିଆରେ ୭୬ତମ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ସରକାରଙ୍କର କୋଭିଡ୍ ନିୟମକୁ ଆଖି ଆଗରେ ରଖି ବିନା ପ୍ୟାରେଡ ଓ ବିନା ଲୋକସମାଗମରେ ନୀଳଗିରି ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଦୀପ୍ତିରଞ୍ଜନ ସେଠୀ ଜାତୀୟ ପତାକାକୁ ଉତୋଳନ କରିଛନ୍ତି । ଏଥିସହିତ ନୀଳଗିରି ଏସ.ଡି.ପି.ଓ. ରିତେଶ୍ କୁମାର ମହାପାତ୍ର ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାଙ୍କ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ କୃତି ଶିକ୍ଷକ , ଦକ୍ଷ ଅଙ୍ଗନୱାଡ଼ି କର୍ମୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା ।

## ବାଇକରେ ଛେଳି ଚୋରି କରି ନେଉଥିବା ବେଳେ କାବୁ କଲେ ଗ୍ରାମବାସୀ

ନୀଳଗିରି-୧୬/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଧୋବଶିଳା ପଂଚାୟତ ଅଧିନ ମଙ୍ଗଳବାର ସକାଳ କଂଟାବଣିଆ ଗ୍ରାମର ଛେଳି ଚୋରି କରି ୨ଜଣ ଯୁବକ ଏକ ବାଇକରେ ଦ୍ରୁତ ଗତିରେ ନୀଳଗିରି ଆଡ଼କୁ ଯାଉଥିଲେ । ସେହି ସମୟରେ କିଛି ଗ୍ରାମବାସୀ ଛେଳିର ମାଲିକ ରମାକାନ୍ତ ବେହେରା ତାଙ୍କୁ ପିଛା କରି ଯାଉଥିବା ସମୟରେ ଛେଳି ଚୋର ଏମାନଙ୍କୁ ଦେଖି ଡାହାଣିମରା ପାଖରେ ମଟରସାଇକେଲ ର ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ । ସେଠାରେ ଜଣକୁ କାବୁ କରିଥିବା ବେଳେ ଆଉ ଜଣେ ଖସିଯାଇଥିଲେ । ଧରାପଡ଼ିଥିବା ଯୁବକ ଜଣକ ଇଶ୍ୱରପୁର ଅଂଚଳର ପ୍ରଦୀପ ମଲିକ । ତାଙ୍କ ପେଟରେ ଗଭୀର ଆଘାତ ଲାଗିଥିଲା । ଗ୍ରାମବାସୀମାନେ ବାଇକଟିକୁ ଭାଙ୍ଗି ଚୁରମାର କରିଦେଇଥିବା ବେଳେ ସ୍ଥାନୀୟ ଅଂଚଳରେ ତୀବ୍ର ଉତେଜନା ପ୍ରକାଶ ପାଇଥିଲା । ଘଟଣାସ୍ଥଳରେ ନୀଳଗିରି ପୋଲିସ ପହଂଚି ବାଇକଟିକୁ ଜବତ କରି ସଂପୃକ୍ତ ଯୁବକ କୁ ଚିକିତ୍ସା କରାଇଥିଲେ । ସେପଟେ ଫେରାର ଥିବା ଯୁବକ ଜଣକ ନରହରିପୁର ବିଦୁ ଅଂଚଳର ବୋଲି ଜଣାପଡ଼ିଛି । ଏ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

## ମହିଳା ମହାସଂଘ ପକ୍ଷରୁ ବିଦେଶୀ ମଦ ବାରକୁ ଘୋର ବିରୋଧ, ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ନୀଳଗିରି-୧୬/୮ (ନି.ପ୍ର): ବେଆଇନ ଭାବେ ନୀଳଗିରି ଏନ.ଏ.ସି.ର ୭ନଂ. ୱାର୍ଡ ଏସ.ଆର ପେଟ୍ରୋଲ ପମ୍ପପାଖରେ ଗଢ଼ି ଉଠିଥବାକୁ ଥିବା ବିଦେଶୀ ମଦବାରକୁ ସଂପୂର୍ଣ୍ଣ ବନ୍ଦ କରାଯିବା ନେଇ ଆଜି ମହିଳା ମହାସଂଘ ତରଫରୁ ନୀଳଗିରି ଉପଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ନୀଳଗିରି ଏନ.ଏ.ସି. ର ବିଭିନ୍ନ ୱାର୍ଡରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ନିଜ ଗୋଡ଼ରେ ସ୍ୱାବଲମ୍ବୀ ହୋଇପାରିଥିବା ବେଳେ ନୀଳଗିରି ଅଂଚଳର ବିଭିନ୍ନ ମଦ ବିରୋଧ କାର୍ଯ୍ୟକ୍ରମରେ ସାମିଲ ହୋଇ ଚୋରା ମଦ କାରବାରକୁ ବନ୍ଦ କରିବାରେ ସକ୍ଷମ ହୋଇଛନ୍ତି । ଏନ.ଏ.ସି.ର ବାଲିଗୋହିରୀ ମୌଜାର ପ୍ଲଟ ନଂ.୧୮୨୨/୧୮୨୩/୨୪୬୩, ଖାତା ନଂ. ୫୧୨/୨୬୪ ସ୍ଥାନରେ ଏକ ମଦବାର ଖୋଲିବାକୁ ସରକାର ଯୋଜନା କରିଛନ୍ତି । ଉକ୍ତ ସ୍ଥାନଟି ସେରଗଡ଼-ନୀଳଗିରି ରାଜ୍ୟ ରାଜପଥ ୧୯କୁ ଲାଗିଥିବା ବେଳେ ମାତ୍ର ୧୫ ରୁ ୨୦ ଫୁଟ ଦୂରରେ ଉକ୍ତ ମଦବାର ଖୋଲିବାର ନିଷ୍ପତି ହୋଇଥିବା ବେଳେ ୫୦ ରୁ ୧୦୦ ମିଟରରେ ପ୍ରତ୍ୟକ୍ଷ ଦେବୀ ମା'ଦୁଣ୍ଡୁମାଳୀ ଠାକୁରାଣୀଙ୍କ ମନ୍ଦିର ରହିଛି । ଏବଂ ଉକ୍ତ ମଦ ବାର ଠାରୁ ଅନତି ଦୂରରେ ବହୁ ପରିବାର ବସବାସ କରୁଛନ୍ତି । ଉକ୍ତ ବିଦେଶୀ ମଦବାର ହେବାକୁ ଯାଉଥିବା ଘର ଉପରେ ୬୬୦ ହଜାର ଭୋଲ୍ଟର ବିଦ୍ୟୁତ୍ ତାର ଯାଇଥିବା ବେଳେ ତାହା ସମସ୍ତଙ୍କ ପାଇଁ ବିପଦ ପୂର୍ଣ୍ଣ ହେବ । ଏଠାରେ ବାର ସ୍ଥାପିତ ହେଲେ ମଦ୍ୟପଙ୍କ ପ୍ରଭାବରେ ଘରକରି ରହିଥିବା ପରିବାର ମାନଙ୍କର ଝିଅ ବୋହୂମାନଙ୍କ ମାନସମ୍ମାନ କ୍ଷୁର୍ଣ୍ଣ ହେବ । ଉକ୍ତ ସ୍ଥାନରେ ପୂର୍ବରୁ ବହୁବାର ଚୋରୀ, ଛିନତାଇ, ଡକାୟତି ଘଟଣା ଆହୁରି ଦ୍ୱିଗୁଣିତ ହେବାର ସମ୍ଭାବନା ଅଧିକ ହେବ । ଉକ୍ତସ୍ଥାନରେ ବିଦେଶୀ ମଦବାର ହେଲେ ବହୁ ଦୁର୍ଘଟଣା ଘଟିବାର ସମ୍ଭାବନା ଥିବା ବେଳେ ମଦ୍ୟପଙ୍କ ଅଶ୍ଳୀଳ ଆଚରଣରେ ପଥଚାରୀମାନେ ଶିକାର ହେବେ । ମଦବାରକୁ ଏଠାରୁ ହଟାଇ ଦିଆଯିବା ସହ ମଦ ପିଇ ଆମ୍ଭ ପରିବାରରେ କେହି ଅଶାନ୍ତିରେ ନ ରୁହନ୍ତୁବୋଲି ମହିଳା ମହାସଂଘ ପକ୍ଷରୁ ଏକ ଦାବୀପତ୍ର ନୀଳଗିରି ଉପଜିଲ୍ଲା ଅବକାରୀ ଅଧୀକ୍ଷକ, ଜିଲ୍ଲାଆରକ୍ଷୀ ଅଧୀକ୍ଷକ, ନୀଳଗିରି ତହସିଲଦାର, ଏନ.ଏ.ସି. ନିର୍ବାହୀ ଅଧିକାରୀଙ୍କ ଲିଖିତ ଭାବେ ଜଣାଇଛନ୍ତି । ଯଦି ଏହି ବିଦେଶୀ ମଦବାରକୁ ବନ୍ଦ କରା ନ ଯାଏ ତାହେଲେ ଆଗାମୀ ଦିନରେ ଶତାଧିକ ମହିଳା ରାଜରାସ୍ତାକୁ ଓହ୍ଲାଇବାର ଚେତାବନୀ ଦେଇଛନ୍ତି ।

## ଭାରତୀୟ ପୂର୍ବତନ ସେନାନୀ ସଂଘର ସ୍ୱାଧୀନତା ଦିବସ ପାଳନ



ବାଲେଶ୍ୱର, ତା୧୬/୦୮(ନି.ପ୍ର): ଭାରତୀୟ ପୂର୍ବତନ ସେନାନୀ ସଂଘ, ବାଲେଶ୍ୱର ଶାଖାରେ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ସ୍ୱାଧୀନତା ଦିବସ ପାଳିତ ହୋଇଛି । ସଂଘର ଚେୟାରମେନ୍ ମେଜର ଜେନେରାଲ୍ ରାମକୃଷ୍ଣ ସାହୁ ପତାକା ଉତ୍ତୋଳନ କରିଥିଲେ । ଭାଇସ୍ ଚେୟାରମେନ୍ ସୃଷ୍ଟିଧର ଦାଶ, ଉପସଭାପତି ମାନସ କୁମାର ମହାପାତ୍ର, ସଂପାଦକ ଆନନ୍ଦ ବରାଳ, ଆଇନ୍ ପରାମର୍ଶଦାତା ଜୟନ୍ତ କୁମାର ସାହୁ ଏବଂ ଅନ୍ୟ ସଦସ୍ୟବୃନ୍ଦ ଯଥା ରବୀନ୍ଦ୍ର ମୋହନ ନାୟକ, କରୁଣାକର ସୁତାର, ଲକ୍ଷ୍ମୀଧର ପ୍ରଧାନ, ଅଭୟଲାଲ୍ ପାତ୍ର, କିଶୋର ଚନ୍ଦ୍ର ସାହୁ, ବିଶ୍ୱଜିତ୍ ଦାସ, ପ୍ରଦୀପ କୁମାର ସାମନ୍ତ, ସଂଜୀବ କୁମାର ସରକାର, କିଶୋର କୁମାର ବେହେରା, ଦେବବ୍ରତ ମିଶ୍ର, ହରିହର ରାଉତ ଆଦି ଉପସ୍ଥିତ ଥିଲେ । ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ୧୩-୦୮-୨୦୨୨ରେ ସଂଘର ସଦସ୍ୟମାନେ ଏକ ତ୍ରିରଙ୍ଗା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ସଂପାଦକ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତିରେ ସ୍ୱାଧୀନତା ସେନାନୀମାନଙ୍କର ସ୍ମୃତିଚାରଣ କରି ତାଙ୍କର ବଳିଦାନ ବିଷୟରେ ଭାଷଣ ଦେଇଥିଲେ । ପ୍ରତ୍ୟେକ ପୂର୍ବତନ ସୈନିକର ଦେଶପାଇଁ ଅବଦାନ ରହିଛି । ଅବସରପ୍ରାପ୍ତ ପରେ ମଧ୍ୟ ସେମାନେ ଦେଶପାଇଁ କାର୍ଯ୍ୟ କରିବାକୁ ଐକ୍ୟବଦ୍ଧ ହୁଅନ୍ତି । ତେଣୁ ଦେଶପାଇଁ ଏହା ଏକ ସଂରକ୍ଷିତ ବଳ । ସରକାରଙ୍କୁ ଆମର ଅନୁରୋଧ, ଅବସରପ୍ରାପ୍ତ ସୈନିକମାନଙ୍କ ସୁରକ୍ଷା ଏବଂ ଥଇଥାନପାଇଁ ଅଧିକ ଯତ୍ନବାନ ହୁଅନ୍ତୁ । ଜିଲ୍ଲା ଏବଂ ରାଜ୍ୟସ୍ତରରେ ଥିବା ସୈନିକବୋର୍ଡ଼ର ସୁପରିଚାଳନା ହେଉ ।

## ଏଲପିଟିମ୍ ପକ୍ଷରୁ ୭୬ ତମ ସ୍ୱାଧୀନତା ଦିବସ ପାଳିତ



ଭୁବନେଶ୍ୱର,୧୬।୮ ଏଲପିଟିମ୍ ପକ୍ଷରୁ ପବିତ୍ର ୭୬ ତମ ସ୍ୱାଧୀନତା ଦିବସ ଚନ୍ଦ୍ରଶେଖରପୁର ଦୁର୍ଗାପୂଜା ପଡିଆ ଠାରେ ମୋହାସମାରୋହରେ ପାଳିତ ହୋଇଯାଇଛି । ଟିମ୍‌ର ସମ୍ପାଦକ ଅନିରୁଦ୍ଧ ଲେଙ୍କାଙ୍କ ନେତୃତରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଅଇନଜୀବୀ ସମରେନ୍ଦ୍ର ସାହୁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୁର୍ବତନ ସେନାଧିକାରୀ ଶ୍ରଦ୍ଧାନନ୍ଦ ଦାସ ଯୋଗଦେଇ କଷ୍ଟଲବଧ ସ୍ୱାଧୀନତାର ଇତିହାସ ବଖାଣିବା ସହ ବରପୁତ୍ର ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଉତ୍ସବରେ ଟିମ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ସଭାପତି ରମାକାନ୍ତ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଜିଲ୍ଲା ମହୋରିର ସଂଘ ପକ୍ଷରୁ ବାରିପଦାରେ ୭୫ତମ ସ୍ୱାଧୀନତା ଦିବସ ପାଳିତ

ବାରିପଦା ୧୬/୦୮, (ନି.ପ୍ର)- ଆଜାଦିକି ଅମୃତ ମହୋତ୍ସବ ପାଳନ ଅବସରରେ ଜିଲ୍ଲା ମୋହରିର ସଂଘ ବାରିପଦା କଚେରି ପ୍ରାଙ୍ଗଣରେ ସଭାପତି ଶରତ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଜାତୀୟ ପତାକା ଉତ୍ତୋଳନ କରି ପତାକା ଓ ଆଜି ଦିବସର ମହତ୍ୱ ଉପରେ ଆଲୋଚନା କରିଥିଲେ । ମୟୂରଭଞ୍ଜ ମାଟିର ମୃତ୍ୟୁ ବରଣ କରିଥିବା ବାନର ସେନାଙ୍କ ଜୀବନର ମହତ୍ୱ ଆତ୍ମାର ବଳିଦାନ ଉପରେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ସମ୍ପାଦକ ସଂଗ୍ରାମ ଶତପଥି, ଉଦୟ କୁମାର ନାୟକ, ଲକ୍ଷ୍ମୀଧର ମହାନ୍ତି, ଧନିରାମ ସୋରେନ ପ୍ରଭୃତି ଆଲୋଚନା



କରିଥିଲେ । ଉତ୍ସବକୁ ଅଧିକ ମୁଖରିତ କରିବା ପାଇଁ ଜାତୀୟ ପତାକା ଚତୁର୍ଃପାଶ୍ୱରେ ସଜ୍ଜିତ କରାଯାଇଥିଲା । ଅବଶେଷରେ ଛାତ୍ର ଛାତ୍ରୀ ଓ ଜନସାଧାରଣଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ବରିଷ୍ଠ ସଦସ୍ୟ ଉପସଭାପତି ଚତୁର୍ଭୁଜ ପାତ୍ର, ମଙ୍ଗୁଲୁ ବିନ୍ଧାଣି, ତ୍ରିଲୋଚନ କମିଳା, ଜତିନ୍ କୁମାର ଗିରି, ସୈଳେନ୍ଦ୍ର ନାୟକ, ସୁରେନ୍ଦ୍ର ରଣା ମହାଦେବ ଦାସ, ଅନନ୍ତ ଦାସ, ଅରୁଣ କୁମାର ଘୋଷ, ଶେଷରେ ଶ୍ରୀ ପିତାମ୍ବର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଦଳାରେ ଦେଶାତ୍ମବୋଧକ କବିତା ପାଠୋତ୍ସବ




ଉଦଳା(୧୬/୦୮) ନିପ୍ର- ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱାଧିନତାର ଅମୃତ ମହୋତ୍ସବ ପାଳନ ଅବସରରେ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଉଦଳା ଠାରେ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପୁର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସ୍ଥାନୀୟ 'ଆରମ୍ଭ' କାର୍ଯ୍ୟାଳୟର ବୈଠକ ଗୃହ ପରିସରରେ ଚଳିତ ଅଗଷ୍ଟ ୧୫ ତାରିଖ ସୋମବାର ଅପରାହ୍ନ ୩ ଘଟିକା ସମୟରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରକାଶ ଥାଉକି ଏହା ଏକ ସମୟରେ ୨୫ ଗୋଟି ଜିଲ୍ଲାର ୧୨୫ଟି ସ୍ଥାନରେ ହୋଇଥିଲା । ପ୍ରାରମ୍ଭରେ କବି, କବୟିତ୍ରୀ ମାନେ ଏକତ୍ରୀତ ହୋଇ ସମସ୍ତେ ଏକ ସ୍ୱରରେ ଜାତୀୟ ସଙ୍ଗୀତ 'ଜନଗଣମାନ ଅଧିନାୟକ...' ଗାନ କରିଥିଲେ । ଏହାପରେ ଅବସର ପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସାହିତ୍ୟିକ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ତଥା କବୟିତ୍ରୀ ପ୍ରମିଳା ପଣ୍ଡା ଏବଂ ଅବସର ପ୍ରାପ୍ତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼କ୍ଟର ଶ୍ୟାମସୁନ୍ଦର ପଣ୍ଡା ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ପରେ ଗବେଷକ କିଶୋରଚନ୍ଦ୍ର ଦାସବାବୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଡ଼କ୍ଟର ଦିଲ୍ଲୀପ କୁମାର ଦୀକ୍ଷିତ, ପବିତ୍ର ମୋହନ ବେହେରା, ପ୍ରଫୁଲ୍ଲ କୁମାର ଖିଲାର, ସବିତା ଶଙ୍ଖୁଆ, ରୁକ୍ମଣୀ ସାହୁ, ଗୋପୀନାଥ ସା, ଶ୍ରୀକାନ୍ତ ପ୍ରସାଦ ବେହେରା, ସନ୍ତୋଷ କୁମାର ମହାନ୍ତି, ମନୋରଂଜନ ମଲ୍ଲିକ, ମୋନାଲିସା ଭଞ୍ଜ, ନାରାୟଣ ବେହେରା, ସତ୍ୟବ୍ରତ ମିଶ୍ର, ନମିତା ରାଉତ, ସନ୍ତୋଷ କୁମାର ସାହୁ, କ୍ଷଣପ୍ରଭା ଜେନା, ସର୍ବେଶ୍ୱର ବାରିକ, ଜାହ୍ନବି ପୁଟି, ଯୋଗେନ୍ଦ୍ର ପଣ୍ଡା, ଅବନ୍ତି ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ପ୍ରାରମ୍ଭରେ କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟ ଭୂମିକା ନେଇଥିବା ସାମାଜିକ କର୍ମୀ ଆଶିଷ ମଲ୍ଲିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସୁଶାନ୍ତ ବେହେରା, ପ୍ରତିମା ପରିଡ଼ା, କରୁଣାକର ଦାସ ସହଯୋଗ କରିଥିଲେ । କାର୍ଯ୍ୟକ୍ରମଟି ସୁନ୍ଦର ଭାବେ ପରିଚାଳିତ ହୋଇଥିବାରୁ ଓଡ଼ିଶା ସାହିତ୍ୟ ଏକାଡ଼େମୀର ମୟୂରଭଞ୍ଜ ଜିଲ୍ଲା ସଦସ୍ୟ ଡ଼କ୍ଟର ଅଜିତ କୁମାର ପାତ୍ର ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

## ସ୍ୱାଧୀନତା ଦିବସ ଅବସରରେ ରାଉରକେଲା ଷ୍ଟିଲ ଟାଉନସିପରେ ସେଲ ସ୍ୱର୍ଣ୍ଣ ଜୟନ୍ତୀ ସ୍ମାରକ ଉନ୍ମୋଚିତ

ରାଉରକେଲା, ୧୬/୦୮ : ୭୬ ତମ ସ୍ୱାଧୀନତା ଦିବସ ଅବସରରେ ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ଟାଉନସିପରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ସେକ୍ଟର -୧୪ ଛକ ଠାରେ ଏକ ସ୍ୱର୍ଣ୍ଣ ଜୟନ୍ତୀ ସ୍ମାରକ ଉନ୍ମୋଚିତ କରିଛନ୍ତି । ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏସ୍ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ପି କେ ଶତପଥୀ,ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ପି କେ ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଡାକ୍ତର ବି କେ ହୋତା ଏବଂ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ, ଶ୍ରୀ ଏ କେ ନାୟକ ତଥା କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଉଲ୍ଲେଖ ଯୋଗ୍ୟ ଯେ ଚଳିତ ବର୍ଷ ଷ୍ଟିଲ ଅଥରିଟି



ଅଫ ଇଣ୍ଡିଆ ଲିମିଟେଡ କମ୍ପାନୀ ଗଠନର ୫୦ ବର୍ଷ ପୂର୍ତ୍ତି ହେଉଛି ଏବଂ ଏହାକୁ ସେଲ ସ୍ୱର୍ଣ୍ଣ ଜୟନ୍ତୀ ବର୍ଷ ରୂପେ ପାଳନ କରାଯାଉଛି । କମ୍ପାନୀ ପକ୍ଷରୁ ୫୦ ବର୍ଷ ପୂର୍ତ୍ତି ଅବସରରେ ଏହି ସ୍ମାରକୀ ରେ ସେଲ ସ୍ୱର୍ଣ୍ଣ ଜୟନ୍ତୀ ଲୋଗୋ ପ୍ରଦର୍ଶିତ ହୋଇଛି । ପଞ୍ଚକୋଣ ଆକୃତିର ତିଆରି ହୋଇଥିବା ଏହି ସ୍ମାରକୀ କୁ ଦୁଇଟି ହାତ ଧରି ରଖିଛନ୍ତି, ଯାହା କମ୍ପାନୀ ପ୍ରତି କର୍ମଚାରୀ ମାନଙ୍କର ଦୀର୍ଘ ବହୁ ଦଶନ୍ଧି ଧରି ଦେଖାଇଥିବା ପ୍ରତିବଦ୍ଧତା ଓ ଦୃଢ଼ତାକୁ ଦର୍ଶାଉଛି । ଏହି ସ୍ମାରକୀର ଉଦଘାଟନ ସହ ରାଉରକେଲା ରିଙ୍ଗ ରୋଡର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହ ଏହି ଛକଟି ଯାତାୟତ କରୁଥିବା ଛାତ୍ର ଛାତ୍ରୀ ଏବଂ ସାଧାରଣ ଜନତାଂକ ପାଇଁ ଅଧିକ ସୁରକ୍ଷିତ ହୋଇ ପାରିଛି ।ଏଠାରେ ସୂଚନାଯୋଗ୍ୟ ଯେ, ଏହି ସ୍ମାରକୀର ଡିଜାଇନ ଓ ଏହାର ସ୍ଥାପନାର ସମସ୍ତ ଦାୟିତ୍ୱ ଆରଏସପି ଟାଉନ ଇଞ୍ଜିନିୟରିଂ ବିଭାଗର ମହାପ୍ରବନ୍ଧକ ଇନଚାର୍ଜ ଶ୍ରୀ ବି.କେ ଜୋଜୋ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ କରାଯାଇଥିଲା ।

## ଦେଶାତ୍ମବୋଧକ କବିତା ଆସର ଓ ଇ-ପତ୍ରିକା ଉନ୍ମୋଚନ

କଳାହାଣ୍ଡି, ତା ୧୭/୮ (ନି.ପ୍ର): ରବିବାର ସନ୍ଧ୍ୟା ୬ଘଟିକା ସମୟରେ ଜାତୀୟ କବି ଲେଖକ ସଂଗଠନ, ଭଦ୍ରକ ଓ ଲକ୍ଷ୍ମଣ ନାୟକ ସାହିତ୍ୟ ସଂସଦ ମାଲକାନଗିରିର ମିଳିତ ଆନୁକୂଲ୍ୟରେ ଆଜାଦିକି ଅମୃତ ମହୋତ୍ସବ ଉପଲକ୍ଷେ ଏକ ଦେଶତ୍ମବୋଧକ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ସଂଗଠନର ମୁଖପତ୍ର ତ୍ରୟୋମାସିକ ଇ-ପତ୍ରିକା ଆମ ଅଙ୍ଗୀକାର ଦ୍ୱିତୀୟ ସଂଖ୍ୟାର ଶୁଭ ଉନ୍ମୋଚନ ମଧ୍ୟ ଅନୁଷ୍ଠିତ ହୋଇଅଛି । ବହୁ ସଂଖ୍ୟାରେ କବି କବୟିତ୍ରୀ ବୃନ୍ଦ ନିଜର ସ୍ୱରଚିତ କବିତା ଆବୃତ୍ତି କରି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏହି ଆସରର ମଞ୍ଚ ପରିଚାଳନା କରିଥିଲେ ଅନୁଷ୍ଠାନର ସଂପାଦକ କବି ଶ୍ରୀଯୁକ୍ତ ଦୀନବନ୍ଧୁ ବେଜ ମହୋଦୟ ପରିଚ୍ୟ ପ୍ରଦାନ କରିଥିଲେ କାର୍ଯ୍ୟକାରୀ ସଂପାଦକ ଶ୍ରୀମାନ ଅନନ୍ତ କୁମାର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ବିଶିଷ୍ଟ କବୟିତ୍ରୀ ଶ୍ରୀମତୀ ବିଜୟଶ୍ରୀ ନାଥ ମହୋଦୟା । ଆସରର ମୁଖ୍ୟବକ୍ତା ଭାବରେ ଶ୍ରୀଯୁକ୍ତ ପ୍ରଭାତ କୁମାର ମଲ୍ଲିକ ବିଶିଷ୍ଟ ଜାତୀୟବାଦ କବି, ଯାଜପୁର ଆସରର ମୂଖ୍ୟ ଅତିଥି ଭାବରେ ବାଲେଶ୍ୱର ସାହିତ୍ୟ ଏକାଡେମୀ ସଦସ୍ୟ ଭରତ ଚନ୍ଦ୍ର ଦାଶ, ଆସରର ସମ୍ମାନିତ ଅତିଥି ଭାବରେ ଅନୁଷ୍ଠାନର ଉପଦେଷ୍ଟା ଶ୍ରୀଯୁକ୍ତ ଡଃ ରମାକାନ୍ତ ନାୟକ ଅବସରପ୍ରାପ୍ତ ପ୍ରଧାପକ , ଆସରର ସମ୍ମାନିତ ଅତିଥି ଶ୍ରୀମତୀ ମମତା ଜେନା, ବିଶିଷ୍ଟ ସମାଜସେବୀ, ଭଦ୍ରକ, ଅନୁଷ୍ଠାନର ଉପଦେଷ୍ଟା ଆସର ସଭାପତି ଭାବରେ ଶ୍ରୀଯୁକ୍ତ ଯଜ୍ଞେଶ୍ୱର ପଣ୍ଡା ସଭାପତିତ୍ୱ କରିଥିଲେ । କବୟିତ୍ରୀ ଶ୍ରୀମତୀ ସ୍ୱର୍ଣ୍ଣଲତା ପଟ୍ଟନାୟକ,ଅ ପ୍ରଧାନ ଶିକ୍ଷୟିତ୍ରୀ, ପବ୍ଲିକ ସ୍କୁଲ , ନବରଙ୍ଗପୁର କବୟିତ୍ରୀ ଅଶ୍ରୀମତୀ ତାନଶ୍ରୀ ପାଣିଗ୍ରାହୀଞ୍ଚ ଶିକ୍ଷୟିତ୍ରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର , ବାଲେଶ୍ୱର କବିତା ଗୁଡିକୁ ସୁନ୍ଦର ସଂଯୋଜନା କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଅନୁଷ୍ଠାନର ଉପ ସଭାପତି ଶ୍ରୀଯୁକ୍ତ ରାଖାଲ ସ୍ୱାଇଁ । ଆସରରେ ପ୍ରଥମ ଉପସ୍ଥିତି ପ୍ରଥମ ଆଧାରରେ ଯୋଗ ଦେଇଥିବା କବି/ କବୟିତ୍ରୀଙ୍କୁ କ୍ରମାନୁସାରେ କବିତା ପଠନପାଇଁ ଆହ୍ୱାନ କରାଯାଇଥିଲା । ଏଣୁ ନିର୍ଦ୍ଧାରିତ ସମୟ ପୂର୍ବରୁ ବହୁ ସଂଖ୍ୟାରେ କବି/କବୟିତ୍ରୀ କାର୍ଯ୍ୟକ୍ରମ ସରିବା ପର୍ଯ୍ୟନ୍ତ ଉପସ୍ଥିତ ରହିଥିଲେ ।

## ଏମ.କେ.ସି ହାଇସ୍କୁଲରେ ୭୬ତମ ସ୍ୱାଧୀନତା ଦିବସ ପାଳିତ

ବାରିପଦା, ୧୬/୦୮ : (ନି.ପ୍ର) ମହାରାଜା କୃଷ୍ଣ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବିପୁଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ୍ର ଚନ୍ଦ୍ର ରାଉତ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ଛାତ୍ରଛାତ୍ରୀମାନଙ୍କୁ ଦେଶ ମାତୃକାର ସେବାରେ ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଥିଲେ । ଶିକ୍ଷକ ଅମିତାଭ ମିଶ୍ର, ମନୋଜ କୁମାର ପରିଡା, ଅମୂଲ୍ୟ କୁମ୍ଭକାର, ଉପେନ୍ଦ୍ରନାଥ ବେହେରା, ପ୍ରଦୀପ କୁମାର ଦଣ୍ଡପାଟ, ଶିକ୍ଷୟିତ୍ରୀ



ସୋନାଲି ପରିଡା ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ ଭାବନା ଜାଗ୍ରତ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ୱାଧୀନତାର ଅମୃତ ମହୋତ୍ସବ ଓ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷା କର୍ମଚାରୀ, ପରିଚାଳନା କମିଟି ସଦସ୍ୟ ଓ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ ।

## ବୁଲିଲା ଖଣ୍ଡା, ଗର୍ଜିଲା ଢାଲ : ସ୍ୱାଧୀନତା ଦିବସ ପାଳିଲା ପାଇକ ମହାସଂଘ

ଭୁବନେଶ୍ୱର, ୧୬/୮(ନି.ପ୍ର) : ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ୭୬ତମ ସ୍ୱାଧୀନତା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ପାଇକଗୁରୁ ତଥା ରାଜ୍ୟ ସଂଯୋଜକ ଶ୍ରୀଯୁକ୍ତ କେଦାର ନାଥ ଦାସ ଜାତୀୟ ପାତାକା ଉତ୍ତୋଳନ କରି ଜାତୀୟ ସଙ୍ଗୀତ ଗାନ କରାଯିବା ପରେ ଦେଶ ସ୍ୱାଧୀନତାରେ 'ପାଇକ



ବିଦ୍ରୋହ'ର ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଉତ୍କଳ କନିକା ଗ୍ୟାଲେରିଆର ଉପପ୍ରବନ୍ଧକ ଦୁଲାଲ ଚନ୍ଦ୍ର ସାହୁ ଯୋଗଦାନ କରି ସ୍ୱାଧୀନତା ସଂଗ୍ରାମରେ ଓଡ଼ିଆ ପାଇକ ବୀରତ୍ୱର ଗାଥା ବଖାଣିଥିଲେ । ଖୋର୍ଦ୍ଧା ଜିଲ୍ଲା ସଭାପତି ତଥା ବରିଷ୍ଠ ପାଇକଗୁରୁ ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣୀ ଯୋଗଦାନ କରି ଚିତ୍ତାକର୍ଷକ ଫାର୍ସା ଚାଳନା କରି ଶିହରଣ ସୃଷ୍ଟି କରିଥିଲେ । ବରିଷ୍ଠ ଯୁବ ସାମ୍ବାଦିକ ତଥା ମହାସଂଘ ମୁଖପତ୍ର ରାଜୀବ ନୟନ ରଥ ଅମୃତ ମହୋତ୍ସବର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ । ପରିଶେଷରେ ପାଇକ ଆଖଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାଣପୁର ପାଇକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମ୍ପାଦକ ବିଜୟ ବେହେରା ଖଣ୍ଡା ଚାଳନା କରିଥିଲେ । ଯଜ୍ଞେଶ୍ୱର ସୁନ୍ଦରାୟ, ପିପିଲି ପାଇକ ସଂଘ ସଭାପତି ଗୁଣନିଧି ବେହେରା, ସୁକାନ୍ତ ଷଣ୍ଢ, ଉପଦେଷ୍ଟା ବିଭୂତି ଭୂଷଣ ସ୍ୱାଇଁ, ସନ୍ତୋଷ କୁମାର ସାହୁ ତଥା ପାଇକ ଆଖଡ଼ା ଦଳର ପାଇକମାନେ ଯୋଗଦାନ କରି ସମରକଳା ପ୍ରଦର୍ଶନ କରିଥିଲେ ।

# ପାକ୍‌ର ଭାରତ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ବର୍ମା ଟାସ୍କ ଫୋର୍ସ ଦ୍ୱାରା ନିଯୁକ୍ତ ଲବିଂ ସଂସ୍ଥା ଟେରୀ ଆଲେନ୍ -ଏଫ୍‌ଜିଆର୍ ଆଇସିଏନ୍‌ଏ ପାଇଁ ମଧ କାର୍ଯ୍ୟ କରୁଛି । ଆମେରିକାରେ ପାକ୍‌ର ମୁଜାହିଦ୍ ଏବଂ ହାଇଦ୍ରାବାଦର ଉବୈଦ ଯୋଡି ମିଳିତ ଭାବେ ଅନେକଗୁଡିଏ ଭାରତ ବିରୋଧୀ ସଂଗଠନ ଗଢିବା ସହ କାର୍ଯ୍ୟ ଜାରି ରଖିଛନ୍ତି । ଆମେରିକାର ୧୫ଟି ରାଜ୍ୟର ମୁସଲମାନଙ୍କୁ ନେଇ ଉବୈଦ ମୁସଲିମ ପିସ୍ କୋଆଲିସନ୍ ନାମକ ଏକ ସଂଗଠନ ଆରମ୍ଭ କରି ନିଉୟର୍କ ଶାଖାର ଯୁଗ୍ମ ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି । ଏହି ସଂଗଠନ ଗଠନ ପଛରେ ଅବଦୁଲ ମାଲିକ ମୁଜାହିଦଙ୍କ ହାତ ରହିଛି ।

ଆମେରିକାରେ ଉପରୋକ୍ତ ଏହି ଦୁଇବ୍ୟକ୍ତିଙ୍କ ବାଦ ଭାରତ ବିରୋଧୀ ପ୍ରଗ୍ରରେ ଲାଗିଥିବା ତୃତୀୟ ବ୍ୟକ୍ତି ହେଲେ ଅହମଦୁଲ୍ଲା ସିଦ୍ଦିକୀ । ସେ ଭାରତରେ ବେଆଇନ୍ ଘୋଷିତ (୨୦୦୧) ଜମାତେ ଇସଲାମୀ ହିନ୍ଦର ଛାତ୍ରଶାଖା ସିମି (ଷ୍ଟୁଡେଣ୍ଟସ ଇସଲାମିକ ମୁଭମେଣ୍ଟ ଅଫ୍ ଇଣ୍ଡିଆ)ର ପ୍ରତିଷ୍ଠାତା । ମୁଜାହିଦଙ୍କ ସଂଗଠନ ସାଉଣ୍ଡ ଭିଜନରେ ୨୦୧୫ରୁ ସିଦ୍ଦିକୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ । ଘୁଲାମ ନବୀ ଫାଇଙ୍କର ସେ ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟ ଏବଂ ଫିଲାଡେଲଫିଆର ଟେମ୍ପଲ ବିଶ୍ୱବିଦ୍ୟାଳୟରେ ସହପାଠୀ ଥିଲେ । ୯୦ଦଶକରେ ମୁଜାହିଦ ଏବ ସିଦ୍ଦିକୀ ଆମେରିକାର କେନ୍ଦ୍ର ଉତ୍ତର ଅଞ୍ଚଳରେ ଆଇସିଏନ୍‌ଏ କାର୍ଯ୍ୟ ଦେଖୁଥିଲେ । ୨୦୧୫ରେ ପାକିସ୍ଥାନର ଲାହୋରସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ କମ୍ୟୁନିକେସନ ଷ୍ଟଡିଜ୍‌ରେ ସେ ଆନ୍ତର୍ଜାତିକ ସମ୍ମିଳନୀରେ ବକ୍ତା ଭାବେ ଯୋଗ ଦେଇଥିଲେ । ୨୦୧୫ରୁ କାଉନସିଲ୍ ଫର୍ ଏ ପାର୍ଲିଆମେଣ୍ଟ ଅଫ୍ ଦି ୱାର୍ଲଡସ ରିଲିଜିଅନ୍ସର ବୋର୍ଡ ଅଫ୍ ଟ୍ରଷ୍ଟି ଭାବେ ସିଦ୍ଦିକୀ କାର୍ଯ୍ୟ କରୁଛନ୍ତି । ତାଙ୍କ ପୂର୍ବରୁ ଏହି ସଂଗଠନର ଅଧକ୍ଷ ଦାୟିତ୍ୱରେ ୧୫ ନଭେମ୍ବର ୨୦୦୯ରୁ ମୁଜାହିଦ ରହି ଆସିଥିଲେ ।

ମୁଜାହିଦ୍ -ଉବୈଦ-ସିଦ୍ଦିକୀ ତ୍ରିମୂର୍ତ୍ତି ଗୋଷ୍ଠୀ ଆଜି ଆମେରିକାରେ ଭାରତ ବିରୋଧୀ ପ୍ରଗ୍ରରକୁ ଜୋରଦାର କରିଛନ୍ତି । ଏହି ଗୋଷ୍ଠୀ ସହ ଅନେକଗୁଡିଏ ସ୍ୱେଚ୍ଛାସେବୀ ସଂଗଠନ ଉଭୟ ଭାରତ ଓ ଆମେରିକାରେ କାର୍ଯ୍ୟ କରୁଛନ୍ତି, ଯେଉଁମାନଙ୍କ ପ୍ରତି ସରକାର ଏବଂ ଜନସାଧାରଣ ସତର୍କ ରହିବା ସହ ସେମାନଙ୍କ କାର୍ଯ୍ୟକଳାପ ଉପରେ ଦୃଷ୍ଟି ରଖିବା ଆବଶ୍ୟକ । ଅଭିବ୍ୟକ୍ତିର ସ୍ୱାଧୀନତା, ଗଣତାନ୍ତ୍ରିକ ଅଧିକାର ନାମରେ ଏମାନେ ଘୂଣଖିଆ ପୋକପରି ଦେଶ ଓ ସମାଜକୁ ନଷ୍ଟ କରିବା ଦିଗରେ ଆଗେଇଛନ୍ତି ।

+ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ନିରାଡ଼ମ୍ବରରେ ପାଳିତ ହେଲା ୭୬ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ

ଭଦ୍ରକ, ୧୬/୦୮ (ନି.ପ୍ର): ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭଦ୍ରକ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଆଜି ମହାଉତ୍ସାହର ସହିତ ନିରାଡ଼ମ୍ବରରେ ପ୍ୟାରେଡ଼ ଓ ଜନସମାବେଶ ବିନା ୭୬ତମ ଭଦ୍ରକ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଏହି ସମାରୋହରେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ଦୁଇ ପ୍ଲାଟୁନ୍ ପୋଲିସ ଦଳଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ । ପୋଲିସ୍ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତର ଧୂନ୍ ପରିବେଷଣ କରାଯାଇଥିଲା । ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ ମୁଖ୍ୟ ଅତିଥି ଭାରତୀୟ ସ୍ୱାଧୀନତା ପ୍ରାପ୍ତିରେ ବଳିଷ୍ଠ ଅବଦାନ ରଖିଥିବା ଆମ ଦେଶ, ରାଜ୍ୟ ଓ ଭଦ୍ରକ ଜିଲ୍ଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅମର ଆତ୍ମାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରି ସେମାନଙ୍କ ସ୍ମୃତି ଚାରଣ କରିଥିଲେ। ସ୍ୱାଧୀନୋତ୍ତର ଦେଶ ଓ ଆମ ରାଜ୍ୟର ପ୍ରଗତି ନେଇ ବାର୍ତ୍ତା ପ୍ରଦାନ



ଅବସରରେ ଆମ ରାଜ୍ୟ ଓଡ଼ିଶା ଏକ ଆଗୁଆ ରଜ୍ୟ । ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଓ ସଫଳତାରେ ଆମ ରାଜ୍ୟ ଉଦାହରଣ ସୃଷ୍ଟି କରିପାରିଛି । ସରକାରଙ୍କ ଉଦ୍ୟମ ସହିତ ଆମ ସମସ୍ତଙ୍କର କର୍ତ୍ତବ୍ୟ ଓ ସହଯୋଗ ଜାରି ରହିଲେ ଆହୁରି ଅଧିକରୁ ଅଧିକ ସଫଳତା ହାସଲ କରିବୁ ବୋଲି ସେ ପ୍ରକାଶ କରିଥିଲେ । ଏହି ଦିବସ ପାଳନ ଉପଲକ୍ଷେ ହାଇସ୍କୁଲ, ମଧ୍ୟଇଂରାଜୀ ଓ ପ୍ରାଥମିକ ସ୍ତରରେ ହୋଇଥିବା କୁଇଜ୍, ଦେଶାତ୍ମବୋଧକ ସଂଗୀତ, ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ହାଇସ୍କୁଲ ପରୀକ୍ଷାରେ ଜିଲ୍ଲାର ଟପର୍ ହୋଇଥିବା ସାଇସତ୍ୟପ୍ରକାଶ ପରିଡ଼ା ଓ ବିଶିଷ୍ଟ ଚିତ୍ରଶିଳ୍ପୀ ପ୍ରତିଭା ସ୍ନେହା ଦାସଙ୍କୁ ପୁରସ୍କାର ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ୨୫ଜଣ କରୋନା ଯୋଦ୍ଧାଙ୍କୁ ଏହି କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା । ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ସମାପ୍ତି ପରେ ମହାବିଦ୍ୟାଳୟ ପରିସରରେ ମୁଖ୍ୟ ଅତିଥି, ଏସ୍.ପି. ଚରଣସିଂ ମୀନା ଓ ସଭାପତି ଜିଲ୍ଲା ପରିଷଦ ପ୍ରଫୁଲ୍ଲ କୁମାର ଜେନାଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା । ପୋଲିସ୍ ଆର୍.ଆଇ. ମନୋରଞ୍ଜନ ତରେଇ ଓ ସର୍ଜେଣ୍ଟ ଚିତ୍ତ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ପୋଲିସ ବିଭାଗୀୟ ଅଭିବାଦନ ପ୍ରଦାନ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଜିଲ୍ଲାର ବିଶିଷ୍ଟ ପ୍ରଶାସନିକ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଜିଲ୍ଲାପରିଷଦର ନର୍ବାହି ଅଧିକାରୀ ଇନ୍ଦ୍ରମଣି ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଏସ୍.ପି. ଯତୀନ୍ କୁମାର ପଣ୍ଡା, ଉପଖଣ୍ଡ ପୋଲିସ୍ ଅଧିକାରୀ ପ୍ରଭାସ ଚନ୍ଦ୍ର ପାଲ ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇଥିଲେ ।

## ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ

ଭୁବନେଶ୍ୱର,୧୬/୦୮ (ନି.ପ୍ର): ଉତ୍କଳ ସମ୍ମିଳନୀ ପକ୍ଷରୁ ଏହାର କେନ୍ଦ୍ରୀୟ କାର୍ଯ୍ୟାଳୟରେ ୭୬ତମ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି । ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କମିଟିର ସଭାପତି ବିଭୁତି ମିଶ୍ର ପତକା ଉତୋଳନ କରିଥିବାବେଳେ ସମ୍ମିଳନୀର ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲିପ ଦାଶଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ସାଧାରଣ ସମ୍ପାଦକ ଅଧିବକ୍ତା ବିଚିତ୍ର କୁମାର ବଡ଼ଜେନା ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ସାହିତ୍ୟ ଏକାଡେମୀ ଓ ପ୍ରାଣକୃଷ୍ଣ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ 'ଉତ୍ତର ଓଡ଼ିଶାର ଲୋକ ଭାଷା' ସାହିତ୍ୟ ପାଠଚକ୍ର

ବାଲିଆପାଳ, ୧୬/୦୮ (ନି.ପ୍ର): ସାହିତ୍ୟ ଏକାଡେମୀ ଓ ପ୍ରାଣକୃଷ୍ଣ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ବାଲିଆପାଳ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପରିସରରେ 'ଉତ୍ତର ଓଡ଼ିଶାର ଲୋକ ଭାଷା 'ସାହିତ୍ୟ ପାଠଚକ୍ର ସାହିତ୍ୟ ଏକାଡେମୀର ଉପଦେଷ୍ଟା ମଣ୍ଡଳୀର ଆବାହକ ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ଏକାଡେମୀର ଆଞ୍ଚଳିକ କାର୍ଯ୍ୟାଳୟ କଲିକତାର ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଦେଇ ବାଲେଶ୍ୱର ଜିଲ୍ଲା ସାହିତ୍ୟର ଏକ ଉର୍ବର ସହର ବୋଲି ଅଭିହିତ କରିଥିଲେ। ଉଦ୍ଘାଟକ ଭାବେ ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ବିପିନ ବିହାରି ବିଶ୍ୱାଳ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଆନ୍ତର୍ଜାତିକ ଖ୍ୟାତି ସଂପନ୍ନା କବୀ ଓ ପ୍ରାଣକୃଷ୍ଣ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷ ମନୋରମା ବିଶ୍ୱାଳ ମହାପାତ୍ର ଉତ୍ତର ଓଡ଼ିଶାର ଲୋକ ଭାଷା କିପରି ଲୋକଙ୍କ ପାଖରେ ବେଶ୍ ଆଦୃତ ହୋଇ ପାରିବ ଓ ଏହା ଆତ୍ମାର ଭାଷା ବୋଲି ଅଭିହିତ କରିଥିଲେ ଓ ପ୍ରାକ ସୂଚନା ଦେଇଥିଲେ।ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କୃଷି ବୈଜ୍ଞାନିକ ତଥା ଉତ୍କଳ ସମ୍ମିଳନୀର ସଭାପତି ଅଦ୍ୱୈତ କୁମାର ପାତ୍ର ଯୋଗ ଦେଇ ବାଲେଶ୍ୱର ଜିଲ୍ଲାର ଲୋକ ଭାଷା ଅତ୍ୟନ୍ତ ସରଳ, ଲୋକପ୍ରିୟ ଓ ଅତି ଆନନ୍ଦଦାୟକ ବୋଲି ଅଭିହିତ କରିଥିଲେ। ବିଶିଷ୍ଟ କବି ବିମଳ ଜେନା, ସୁସାହିତ୍ୟିକ ହୃଦାନନ୍ଦ ପାଣିଗ୍ରାହୀ, ପ୍ରାଣକୃଷ୍ଣ ଫାଉଣ୍ଡେସନ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ଅଧାପକ ଦୟାନିଧି ସାହୁ ଲୋକ ସାହିତ୍ୟ ଓ ଭାଷା ଉପରେ ଆଧାରିତ ସନ୍ଦର୍ଭ ପାଠ କରିଥିଲେ। କବି ଓ ଶିକ୍ଷକ ତଥା ପ୍ରାଣକୃଷ୍ଣ ଫାଉଣ୍ଡେସନ ଟ୍ରଷ୍ଟ ସମ୍ପାଦକ ନଳିନୀ କାନ୍ତ ପାଢୀ ଧନ୍ୟବାଦ୍ ଅର୍ପଣ କରିଥିଲେ। କବି ବ୍ରଜେନ୍ଦ୍ର ନାଥ ଗିରି, ସାମ୍ବାଦିକ ପ୍ରତାପ ପାତ୍ର, ସନ୍ୟାସୀ ବେହେରା, ପଙ୍କଜ ସାହୁ, ଉମାକାନ୍ତ ନାୟକ, କବି ସ୍ନେହଲତା ନାୟକ, ଡ. କୃଷ୍ଣା କୁମାରୀ ନାୟକ, ସୁରେନ୍ଦ୍ର ପରିଡ଼ା ଓ ପିପିଲି ମହାବିଦ୍ୟାଳୟ, ଜଗାଇର ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ। ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ, ବାଲିଆପାଳର ଅଧାପକ, ଅଧାପିକା, ଛାତ୍ର ଛାତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟ କ୍ରମରେ ସହଯୋଗ କରିଥିଲେ।

# ଜିଲ୍ଲା ସଦର ମହକୁମା ବାରିପଦାରେ ୭୬ ତମ ସ୍ୱାଧୀନତା ଦିବସ ପାଳିତ

ବାରିପଦା, ୧୬/୦୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ଠାରେ ୭୬ତମ ସ୍ୱାଧୀନତା ଦିବସ-୨୦୨୨ ଜାତୀୟ ଉତ୍ସବ ଆନୁଷ୍ଠାନିକ ଭାବରେ କୋଭିଡ ନିୟମ ଅନୁପାଳନ ପୂର୍ବକ ସୀମିତ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବାରିପଦା ରିଜର୍ଭ ପୋଲିସ ପ୍ୟାରେଡ୍ ପଡିଆରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଆରକ୍ଷୀ ବିଭାଗ ତତ୍ତ୍ୱାବଧାନରେ ଆୟୋଜିତ ୭୬ତମ ସ୍ୱାଧୀନତା ଦିବସ ଜିଲ୍ଲା ସ୍ତରୀୟ ସମାରୋହରେ ଓଡିଶାର ମାନ୍ୟବର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସକାଳ ଘ.୯.୧୫ମି. ସମୟରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତୋଳନ କରି ଆର୍ମ ପୋଲିସ ରିଜର୍ଭ ବାହିନୀ ଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଏହି ପବିତ୍ର ଦିବସ ଅବସରରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ସମବେତ



ଜନସାଧାରଣ ତଥା ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଲେଯେ, ଆଜି ଆମେ ସ୍ୱାଧୀନ ଭାରତର ନାଗରିକ ଭାବେ ଯେଉଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି, ତାହା ବୀର ସ୍ୱାଧୀନନତା ସଂଗ୍ରାମୀ ଓ ରାଷ୍ଟ୍ରନୀତିଜ୍ଞମାନଙ୍କ ଆତ୍ମବଳିଦାନ, ଅସୀମ ତ୍ୟାଗ ଓ ପ୍ରଚେଷ୍ଟାର ସୁଫଳ । ଦୀର୍ଘ ବର୍ଷ ପରାଧୀନତାର ଶୃଙ୍ଖଳରୁ ମୁକ୍ତ ହୋଇ ୧୯୪୭ ମସିହା ଆଜିର ଦିନରେ ଆମ ଦେଶରେ ସ୍ୱାଧୀନତା ଲାଭ କରିଥିଲା । ଅଗଷ୍ଟ ୧୫ ପବିତ୍ର ସ୍ୱାଧୀନତା ଦିବସ ଆମ ଦେଶ ତଥା ଜାତି ପାଇଁ ଏକ ଗର୍ବ ଓ ଗୌରବର ଦିନ । ଭାରତ ସ୍ୱାଧିନତା ସଂଗ୍ରାମରେ ଅସୀମ ତ୍ୟାଗ ଓ ଆତ୍ମ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ଦେଶ ସ୍ୱାଧୀନତା ପାଇଁ ଜାତିର ଜନକ ମହାତ୍ମାଗାନ୍ଧୀ, ଝାନସୀରାଣୀ ଲକ୍ଷ୍ମୀବାଇ, ବାଲ ଗଙ୍ଗାଧର ତିଳକ, ବିପିନ ଚନ୍ଦ୍ର ପାଲ, ଭଗତ ସିଂ, ନେତାଜୀ ସୁବାସ ଚନ୍ଦ୍ର ବୋଷ, ଜବାହାରଲାଲ ନେହେରୁ, ସର୍ଦ୍ଦାର ଭଲ୍ଲଭଭାଇ ପଟେଲ୍, ମୌଲାନ୍ ଆବୁଲ କାଲାମ ଆଜାଦ୍, ଡଃ ବାବା ସାହେବ ପ୍ରମୁଖଙ୍କ ନେତୃତ୍ୱରେ ବହୁ ବିପ୍ଲବୀ ବୀର ସଂଗ୍ରାମୀ ତଥା ଅଗଣିତ ନରନାରୀ ଆନ୍ଦୋଳନ କରିଥିଲେ । ଓଡିଶାର ବହୁ ବୀର ସଂଗ୍ରାମୀ ବକ୍ସି ଜଗବନ୍ଧୁ, ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ ଦାସ ଚୌଧୁରୀ, ଉତ୍କଳମଣୀ ଗୋପବନ୍ଧୁ ଦାସ ପ୍ରମୁଖ ସଂଗ୍ରାମୀମାନଙ୍କ ଅବଦାନ ସ୍ମରଣୀୟ ବୋଲି ଉଲ୍ଲେଖ କରିଥିଲେ। ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗପୂତ ସଂଗ୍ରାମର ଫଳସ୍ୱରୂପ ଭାରତ ସ୍ୱାଧୀନତା ଲାଭ କରିଥିବା ଉଲ୍ଲେଖ କରିବା ସହିତ ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରରେ ମଧ ପ୍ରଜାମଣ୍ଡଳ ଆନ୍ଦୋଳନ ସଂଗଠିତ ହୋଇଥିଲା । ଏ କ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲାର ବାମନଘାଟିରେ ସଂଗଠିତ ଆଦିବାସୀ ଓ ସାନ୍ତାଳ ବିଦ୍ରୋହ, ଜିଲ୍ଲାର ପାଂଚପିଢ, କପ୍ତିପଦା, ବେତନଟି, ଖୁଣ୍ଟା ଆଦି ଅଂଚଳରେ ପ୍ରଜା ଆନ୍ଦୋଳନ ସଂଗଠିତ ହୋଇଥିଲା। ମୟୂରଭଞ୍ଜର ଗାନ୍ଧୀ କୁହାଯାଉଥିବା ଶରତ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଗିରିଶଚନ୍ଦ୍ର ରାୟ, ଗୌର ମୋହନ ପ୍ରଧାନ, ବଂଶୀଧର ବେହେରା, ବଂଶୀଧର ରାଜ, ହୁଡି ସିଂ, ପୂର୍ଣ୍ଣଚନ୍ଦ୍ର ପରିଚ୍ଛା, ହରିହର ମହାନ୍ତି, ସୁନାରାମ ମାଝୀ ପ୍ରମୁଖ ସଂଗ୍ରାମୀ ମାନଙ୍କ ଭୂମିକା ସଂପର୍କରେ ସୂଚାଇଥିଲେ।

## ରକ୍ତ ସଂଗ୍ରହ ଯାନର ଶୁଭ ଉଦ୍‌ଘାଟନ

ଭଦ୍ରକ, ୧୬/୦୮ (ନି.ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଓଡ଼ିଶା ରକ୍ତ କେନ୍ଦ୍ର, ଭଦ୍ରକ ପାଇଁ ସାଂସଦ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ପ୍ରଦତ୍ତ ରକ୍ତ ସଂଗ୍ରହ ଯାନକୁ ଆଜି ଚିକିତ୍ସାଳୟ ପରିସରରେ ଭଦ୍ରକ ଲୋକସଭା ସାଂସଦ ମଞ୍ଜୁଲତା ମଣ୍ଡଳଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ କରାଯାଇଛି । ଅନ୍ୟତମ ବରେଣ୍ୟ ଅତିଥିଭାବେ ଏଥିରେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ୍, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲାପରିଷଦ ସଦସ୍ୟ ମଳୟ କୁମାର ଜେନା, ବିଦ୍ୟୁତଲତା ନାୟକ, ବିଜେଡ଼ି ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ ଏବଂ ଅନ୍ୟକର୍ମକର୍ତ୍ତାମାନେ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ ।

## ମହିୟସୀ ତଥା ସୁଗୃହିଣୀଙ୍କ ପରଲୋକ



ଜଳେଶ୍ୱର, ୧୬/୮(ନି.ପ୍ର): ସୁଗୋ ପଂଚାୟତର ପୂର୍ବତନ ସରପଂଚ ଦିନେଶ କୁମାର ଜେନାଙ୍କ ମା ମଂଜୁବାଳା ଜେନା ୬୮ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି । ସେ ଜଣେ ସୁଗୃହିଣୀ, ପରୋପକରୀ, ମିଷ୍ଟଭାଷୀ, ମେଳାପି ଭାବେ ପରିଚିତ ଥିବା ବେଳେ ଗ୍ରାମର ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜୟକୁ ନିୟୋଜିତ କରୁଥିଲେ। ସେ ତାଙ୍କ ଭାଇଘର ନାମ୍ପୋ ଯାଇଥିବା ବେଳେ ସେଠାରେ ହୃଦ୍‌ଘାତରେ ଆକ୍ରାନ୍ତ ହୋଇଥିଲେ । ଚିକିତ୍ସାଲାଗି ବାଲେଶ୍ୱର ଓ ପରେ ଭୂବନେଶ୍ୱର ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ନିଜ ଗାଁ କାଶିଡିହା ଶ୍ମଶାନରେ ସାନପୁଅ ପରେଶ ମୁଖାଗ୍ନି ଦେଇଥିଲେ । ତାଙ୍କର ଶେଷ ଦର୍ଶନ ଲାଗି ବନ୍ଧୁବାନ୍ଧବ, ଜ୍ଞାତି ପରିଜନ ଓ ନେତୃସ୍ଥାନୀୟ ବ୍ୟକ୍ତିମାନେ ଉପସ୍ଥିତ ହୋଇଥିଲେ ।

## ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ ପକ୍ଷରୁ ସ୍ୱାଧୀନତା ଦିବସ

ବାଲେଶ୍ୱର,୧୬/୦୮ (ନି.ପ୍ର): ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ ସହ ଅନୁବନ୍ଧିତ ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସଦର ବିଧାୟକ ସ୍ୱରୂପ କୁମାର ଦାସ ଏଥିରେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିବା ସହିତ ସ୍ୱାଧୀନତା ସଂଗ୍ରାମରେ ତ୍ୟାଗ ଓ ବଳିଦାନ କରିଥିବା ମହାପୁରୁଷମାନଙ୍କୁ ମନେ ପକାଇଥିଲେ। ମହାସଂଘର ସଭାପତି ବଟକୃଷ୍ଣ ଜେନା, ସମ୍ପାଦକ ହରିଶ୍ଚନ୍ଦ୍ର ଦାସ, ସହ-ସମ୍ପାଦକ ପ୍ରଦୀପ ଦାସ, କୋଷାଧ୍ୟକ୍ଷ ସଂଜୟ ପ୍ରଧାନ, ଅଫିସ ସମ୍ପାଦକ ସମଜିତ ମହାନ୍ତି, ମଣ୍ଡଳ ସମ୍ପାଦକ ପ୍ରଦୀପ ଦାସଙ୍କ ସମେତ ପ୍ରଶାନ୍ତ ପରିଡ଼ା, ବିଶେଶ୍ୱର ସେନାପତି, ଗୌରୀ ଶଙ୍କର କର, ବଳରାମ ବେହେରା, ରାଜୀବ ରାଉତ, ରତିରଂଜନ ରାଉତ ପ୍ରମୁଖ ଏଥିରେ ଯୋଗଦେଇ ଜାତୀୟ ସଙ୍ଗୀତ ଗାନ କରିବା ସହିତ ଲୋକଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆଗାମୀ ୪୮ ଘଣ୍ଟା ଖୁବ୍ ....

୪ ଲକ୍ଷ ୪୫ ହଜାର କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ୮ଟି ଗେଟ୍ ବନ୍ଦ କରି ଦିଆଯାଇଥିବା ବେଳେ ୨୬ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି। ଆଉ କେତୋଟି ଗେଟ୍ ଖୋଲାଯିବ ସେ ନେଇ ଆଜି ଅପରାହ୍ନ ୩ଟାରେ ବସିବାକୁ ଥିବା ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ଏସଆରସି ପ୍ରଦୀପ ଜେନା । ପଛୁଆ ପାଣି ଯୋଗୁଁ କିଛି ଜାଗାରେ ପାଣି ପଶିଥିବା ବେଳେ ଆବଶ୍ୟକତା ଅନୁସାରେ ଲୋକଙ୍କୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସେମାନଙ୍କୁ ରନ୍ଧାଖାଦ୍ୟ, ରିଲିଫ ସାମଗ୍ରୀ ଓ ପିଇବା ପାଣି ତୁରନ୍ତ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସମୀକ୍ଷା ବୈଠକରେ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ଏପରି ନିର୍ଦ୍ଦେଶ ଦେଇଥିବା କହିଛନ୍ତି ଏସଆରସି। ସେ ଆହୁରି କହିଛନ୍ତି, ଏହା ପ୍ରଥମ ବନ୍ୟା ହୋଇଥିବାରୁ ପ୍ରଥମେ ମୂଷା ଗାତ, ବିଲୁଆ ଗାତ ପାଇଁ ଘଳିଆ ପଡ଼ିପାରେ। ଏହି ସମୟରେ ନଦୀ ବନ୍ଧ ପ୍ରତି ତୀକ୍ଷଣ ନଜର ରଖିବାକୁ ଜଳ ସଂପଦ ବିଭାଗ ସଜାଗ ରହିଛି । ବନ୍ୟାରେ ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା ଜିଲ୍ଲା ବିଶେଷ ପ୍ରଭାବିତ ହେବାର ଆଶଙ୍କା ରହିଛି। ବନ୍ୟାକୁ ଦୃଷ୍ଟିରେ ରଖି ଆବଶ୍ୟକ ସ୍ଥଳେ ସ୍କୁଲ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଗତସିଂହପୁର ଓ ନୟାଗଡ଼ ଜିଲ୍ଲାପାଳ ନିଜ ନିଜ ଜିଲ୍ଲାରେ ବିଭିନ୍ନ ସ୍କୁଲକୁ ଆସନ୍ତାକାଲି ପର୍ଯ୍ୟନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ସରକାରୀ କର୍ମଚାରୀମାନଙ୍କ ଛୁଟି ବାତିଲ କରିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ଏସଆରସି।

# ଭୁବନେଶ୍ୱର ଲୋୟର ପିଏମଜିରେ ଧାରଣାରତ କିଡନୀ ରୋଗୀଙ୍କୁ ଭେଟିଲା ଜିଲ୍ଲା ବିଜେପି

ଭୁବନେଶ୍ୱର,୧୬/୦୮ (ନି.ପ୍ର): ୧୦୩ ଜଣ କିଡନୀ ରୋଗୀମାନେ ଉପଯୁକ୍ତ ଚିକିତ୍ସା ନପାଇ ବହୁ ହଇରାଣର ଶିକାର ହୋଇ ଶେଷରେ ଗତ ଏକ ମାସ ହେଲାଣି ପର୍ଯ୍ୟାୟକ୍ରମେ ଭୁବନେଶ୍ୱର ଲୋୟର ପିଏମଜିଠାରେ ଧାରଣାରେ ବସିବାକୁ ବାଧ ହୋଇଛନ୍ତି। ତାଙ୍କ ଗୁହାରୀ ଓ କଷ୍ଟକୁ ଶୁଣିବାକୁ କେହି ହେଲେ ଜଣେ ପ୍ରଶାସନିକ ଅଧିକାରୀ କିମ୍ବା ରାଜ୍ୟ ସରକାରଙ୍କ ପ୍ରତିନିଧି ଆସିନାହାନ୍ତି । ଏଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ୧୪ ତାରିଖ ଦିନ ଆନ୍ଦୋଳନକାରୀଙ୍କୁ ଭେଟି ତାଙ୍କ ସମସ୍ୟା ସହିତ ଅବଗତ ହୋଇଥିଲେ। ଏଥି ସହ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟା ଘେରରେ ଥିବା କିଡନୀ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା, ଔଷଧ ଏବଂ ଡାକ୍ତର ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲେ। ରାଜ୍ୟବାସୀଙ୍କୁ ବିଶ୍ୱସ୍ତରୀୟ ଚିକିତ୍ସା ଯୋଗାଇ ଦିଆଯାଉଥିବାର ଘୋଷଣା କେବଳ ଧୂଆଁବାଣ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଫେଲ ମାରିଛି । କଟକ ଏସସିବି ମେଡିକାଲ କଲେଜରେ ନିମ୍ନମାନର ଔଷଧ କାରଣରୁ ବହୁ ରୋଗୀ ମୃତ୍ୟୁବରଣ କରିସାରିଛନ୍ତି। ରାଜ୍ୟ ସରକାର ସମ୍ବେଦନଶୀଳ ହୋଇ ଏହି ରୋଗୀମାନଙ୍କୁ ତୁରନ୍ତ ଉନ୍ନତମାନର ଚିକିତ୍ସା, ଔଷଧ ଯୋଗାଇ ଦିଅନ୍ତୁ, ନଚେତ ବହୁ ମୂଲ୍ୟ ଜୀବନ ହାନୀ ହେବ ବୋଲି ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂ ଚେତାଇ ଦେଇଛନ୍ତି । ଏହି ଅବସରରେ ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଜିଲ୍ଲା ସାଧାରଣ ସଂପାଦକ ଅଭିଷେକ ଆଚାର୍ଯ୍ୟ, ଦିଲୀପ ବେହେରା, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଉପେନ୍ଦ୍ର ଭଂଜ, ଯୁବ ମୋର୍ଚ୍ଚା ଜିଲ୍ଲା ସବାପତି ରଶ୍ମୀରଂଜନ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱାଧୀନତା ସଂଗ୍ରାମ ସ୍ମୃତି ପରିଷଦ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

ରସାଲପୁର, ୧୬/୦୮ (ନି.ପ୍ର): ସ୍ୱାଧୀନତା ସଂଗ୍ରାମ ସ୍ମୃତି ପରିଷଦର ସ୍ୱାଧୀନତା ଦିବସ ପ୍ରବୀର କୁମାର ସଦାସମହାପାତ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଉତ୍ସବରେ ସରପଂଚ ତଥା ପରିଷଦ ସଂପାଦିକା କବି। ସେଠୀ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଇଂରେଜ ସରକାରଙ୍କ ଅନ୍ୟାୟ ଚୌକିଦାରୀ ଓ ପିଣ୍ଡୁଟୀ ଟିକସ ବିରୋଧରେ ଶ୍ରଜଙ୍ଗବାସୀ ଲଢ଼ି ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିଛନ୍ତି। ୧୯୩୦ ମସିହାରେ ଏହି ସଂଗ୍ରାମରେ ଗାଁର ୫୪ଜଣ ଗିରଫ ହୋଇଥିଲେ ଓ ଜେଲ ଯାଇଥିଲେ । ଗାଁ ତିନିବର୍ଷ ପୁଲିସ ଅତ୍ୟାଚାରରେ ଗୁରୁଷଶୂନ୍ୟ



ହୋଇଯାଇଥିଲା । ଅତ୍ୟାଚାରର ଖବର ପାଇ ଗାନ୍ଧିଜୀ ବ୍ୟଥିତ ହୋଇ ପ୍ରତିବାଦ କରିଥିଲେ। ତାଙ୍କ ଆଖିରୁ ଲୁହ ଝରି ପଡ଼ିଥିଲା, ଯାହା ତାଙ୍କ 'ୟଙ୍ଗ ଇଣ୍ଡିଆ' ପତ୍ରିକାରେ ବାହାରିଥିଲା । ସେଇ ସଂଗ୍ରାମୀମାନଙ୍କ ତ୍ୟାଗକୁ ପାଥେୟ କରି ଗାଁର ଉନ୍ନତିକଳ୍ପେ ସମସ୍ତେ ଏକାଠି ହେବାକୁ ନିବେଦନ କରିଥିଲେ। କାର୍ଯ୍ୟକାରୀ ସଂପାଦକ ଅଧ୍ୟାପକ କମଳାକାନ୍ତ ଦାଶ ସ୍ୱାଧୀନୋତ୍ତର ଭାରତବର୍ଷରେ ସମୃଦ୍ଧ ସମାଜ ଗଠନ ପାଇଁ ଯୁବପିଢ଼ି ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଗିରିଶ ପରିଡ଼ା, ବସନ୍ତ କୁମାର ଦାସ ଓ ସମିତି ସଭ୍ୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ରାଜେନ୍ଦ୍ର ଦାସ, ରମାକାନ୍ତ ପାତ୍ର, ପ୍ରକାଶ ରଥ, ଅଶୋକ କରଣ ପ୍ରମୁଖ ଯୋଗ ଦେଇଥିଲେ ।

# ରେମୁଣା ବଜାରରେ ୭୬ ତମ ସ୍ୱାଧିନତା ଦିବସ ପାଳିତ

ରେମୁଣା, ୧୬/୦୮ (ନି.ପ୍ର): ରେମୁଣା ଏନ୍‌ଏସି ଅନ୍ତର୍ଗତ ରେମୁଣା ବଜାରର ଆଖଣ୍ଡଳମଣି ମନ୍ଦିର ନିକଟସ୍ଥ ଶୁଖୁଆହାଟ କମିଟି ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ୭୬ତମ ସ୍ୱାଧିନତା ଦିବସ ପାଳନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଜେଡି ଏସ୍‌ସି ସେଲ୍ ଜିଲ୍ଲା ସଭାପତି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଦୁର୍ନୀତି ଭ୍ରଷ୍ଟାଚାରକୁ ପ୍ରତିରୋଧ କରିବା ପାଇଁ ଆହ୍ୱାନ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରିଥିବା ମହାନ ବ୍ୟକ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି



ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜୟନ୍ତ କୁମାର ବରାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ବଜାର କମିଟି ତରଫରୁ କାଳୀଚରଣ ବିନ୍ଧାଣୀ, ପ୍ରଦୀପ କୁମାର ବେହେରା, ତପୁ ନାୟକ, ଲିପୁନ ନାୟକ, ଦେବାଶୀଷ ଶତପଥି, ସେଖ ଜମସୁର, ରଜତ ବେହେରା, ବିମଳା କାନ୍ତ ତରାଇ, ଦିଲୀପ ତରାଇ, ହରି ବେହେରା ଓ କାର୍ତ୍ତିକ ବେହେରା ଉପସ୍ଥିତ ଥିଲେ। ଦୀନବନ୍ଧୁ ଗାଁଣ ଧନ୍ୟବାଦ ଅର୍ପଣ କରିବା ସହିତ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ

ବାଲିଆପାଳ, ୧୬/୦୮ (ନି.ପ୍ର): ବାଲିଆପାଳ ବ୍ଲକରେ ବିଭିନ୍ନ ସ୍ଥାନରେ ୭୬ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ବାଲିଆପାଳ ବ୍ଲକ ପରିସରରେ ଅନୁଷ୍ଠିତ ସ୍ୱାଧୀନତା ଦିବସରେ ବ୍ଲକ ଅଧକ୍ଷା ରଞ୍ଜିତା ନାୟକ ପତାକା ଉତ୍ତୋଳନ କରି ଉଦବୋଧନ ଦେଇଥିଲେ । ଉତ୍ସବରେ ବିଡିଓ ଦୀପକ କୁମାର ଦାସ,ଉପାଧକ୍ଷ ରାଜେଶ ଚୌଧୁରୀ ସମେତ ବ୍ଲକର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ । ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) କାର ?ୟାଳୟ ପରିସରରେ ବିଇଓ ସୁଧାଂଶୁ ଶେଖର ଜେନା ପତାକା ଉତ୍ତୋଳନ କରିଥିଲେ । ବାଲିଆପାଳ ଥାନା ପରିସରରେ ଆଇଆଇସି ସୁବ୍ରତ କୁମାର ବେହେରା, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଦୀପକ କୁମାରଦାସ,ବାଲିଆପାଳ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ବନଲତା



ଦାସ, ମଧୁପୁରା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଦୋଳ ଗୀତାରାଣୀମାହାନା, ଅସ୍ତି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ତୃପ୍ତିଲେଖା ଜେନା, ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ମହେଶ୍ୱର ଜେନା ପତାକା ଉତ୍ତୋଳନ କରିଥିଲେ । ଲାୟନ୍ସ କ୍ଲବରେ ସଭାପତି ଅଜୟ କୁମାର ସାହୁ ପତକାଉତ୍ତୋଳନ କରିଥିଲେ। ସୁବର୍ଣ୍ଣରେଖା ସରକାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ସଂଞ୍ଜୟ କୁମାର ଜେନା, ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନ ଇଡକୋ ଛକରେ ଡ.ଅଦ୍ୱୈତ ପାତ୍ର ପତକା ଉତୋଳନ କରିଥିଲେ, ବରିଷ୍ଠ ନାଗ ପରିଷଦ ମଂଚରେ ନାରାୟଣ ପ୍ରସାଦ ସାହୁ ପତକା ଉତୋଳନ କରିଥିଲେ । ବାଲିଆପାଳ କ୍ରୀଡା ମହାବିଦ୍ୟାଳୟରେ ପରିଚାଳନା କମିଟିର ସଭାପତି ଡ: ଅଦ୍ୱୈତ କୁମାର ପାତ୍ର, ଲକ୍ଷ୍ମିପ୍ରିୟା ମହାବିଦ୍ୟାଳୟରେ ଅଧକ୍ଷା ସୁଦିପ୍ତା ବିଶ୍ୱାଳ, କୃଷ୍ଣଚନ୍ଦ୍ରପିପିଲି ମହାବିଦ୍ୟାଳୟ ଜଗାଇରେ ଅଧକ୍ଷା ଡ.ହରପ୍ରିୟାଦାସ, ଭିଟାମାଟି ସୁରକ୍ଷା କମିଟି ତରଫରୁ ଆବାହକ ଅରୁଣ ଜେନା, କଳାକାର ସଂଘ ତରଫରୁ ନାଟ୍ୟକାର ଝାଡେଶ୍ୱର ପ୍ରଧାନ ପତାକା ଉତୋଳନ କରିଥିଲେ।

# 'ଅହିଂସା ରଥ' ଅଭିଯାନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬/୦୮ (ନି.ପ୍ର): ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ୭୬ତମ ପବିତ୍ର ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସାରାରାଜ୍ୟରେ ପରିକ୍ରମା କରିବାକୁ ଥିବା ଭ୍ରାମ୍ୟମାଣ ଭିଡ଼ିଓ ରଥ ଅଭିଯାନ 'ଅହିଂସା ରଥ'ର ଶୁଭାରମ୍ଭ କରିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ମହାତ୍ମାଙ୍କ ବାର୍ତ୍ତା ସହ ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ମହାନ ଅବଦାନ ସଂପର୍କରେ ସୂଚନା ପ୍ରଦାନ କରୁଥିବା ଅହିଂସା ରଥ ରାଜ୍ୟର ସମସ୍ତ ଜିଲ୍ଲା ପରିକ୍ରମା କରିବ। ଅକ୍ଟୋବର ୨ ତାରିଖ ଦିନ ଏହି ରଥ ଭୁବନେଶ୍ୱର ଫେରିବା ସହ ବିଏମସି ଅଂଚଳର ବିଭିନ୍ନ ସ୍ଥାନରେ ପରିକ୍ରମା କରିବ। ଗାନ୍ଧିଜୀ ଓ ଓଡ଼ିଶା ଶୀର୍ଷକ ଚଳଚ୍ଚିତ୍ର ଏବଂ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା 'ଅହିଂସା ରଥ' ମାଧ୍ୟମରେ ପ୍ରଚାରିତ ହେବ। ଏହା ଛଡ଼ା ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଉତ୍କଳମଣି ଗୋପବନ୍ଧୁ ଦାସ, ଶହୀଦ ଲକ୍ଷ୍ମଣ ନାୟକ, ସ୍ୱାଧୀନତା ସଂଗ୍ରାମୀ ରଘୁ ଦିବାକର, ଦେଶର ସର୍ବକନିଷ୍ଠ ଶହୀଦ ବାଜିରାଉତଙ୍କ ଜୀବନାଦର୍ଶ ସଂପର୍କିତ ପ୍ରମାଣିକ ଚଳଚ୍ଚିତ୍ର ଏହି ଚାରୋଟି ଅହିଂସା ରଥର ଭିଡ଼ିଓ ୱାଲ୍‌ରେ ପ୍ରଦର୍ଶିତ ହେବ । ଏହା ମାଧ୍ୟମରେ ରାଜ୍ୟବାସୀ ସ୍ୱାଧୀନତା ସଂଗ୍ରାମରେ ଏହି ବରପୁତ୍ରମାନଙ୍କ ବହୁମୂଲ୍ୟ ଅବଦାନ ସଂପର୍କରେ ଅବଗତ ହୋଇପାରିବେ। ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ସ୍ଥଳରୁ ଏଲଇଡ଼ି ଭିଡ଼ିଓ ୱାଲ୍ ରେ ସଜ୍ଜିତ ୪ଟି ରଥ ସମଗ୍ର ରାଜ୍ୟ ପରିକ୍ରମା ନିମନ୍ତେ ଯାତ୍ରା ଆରମ୍ଭ କରିଛି । ପ୍ରତି ଜିଲ୍ଲା ମୁଖ୍ୟାଳୟରେ ପହଂଚିବା ପରେ ଏହି ରଥଗୁଡ଼ିକ ଜିଲ୍ଲାର ବିଭିନ୍ନ ବ୍ଲକ୍ ଗସ୍ତ କରିବ। ଏହି ଅବସରରେ ଜିଲ୍ଲା ଓ ବ୍ଲକ୍ ସ୍ତରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ଏଥିରେ ଜିଲ୍ଲାର ବିଭିନ୍ନ ଗୋଷ୍ଠୀ, ସ୍ଥାନୀୟ ଲୋକପ୍ରତିନିଧି, ସାଧାରଣ ଜନତା ଯୋଗଦେବେ। ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଆଜିଠାରୁ ଆରମ୍ଭ ହୋଇଥିବା ଏହି ଅହିଂସା ରଥ ପରିକ୍ରମା କାର୍ଯ୍ୟକ୍ରମ ଅକ୍ଟୋବର ୨ ତାରିଖ ଦିନ ପର୍ଯ୍ୟନ୍ତ ଚାଲିବ। ଜନସାଧାରଣ, ବିଶେଷ କରି ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀଙ୍କ ଅବଦାନ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରସ୍ତୁତ ଏହି ରଥଗୁଡ଼ିକ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ, ଭୁବନେଶ୍ୱରଙ୍କ ପକ୍ଷରୁ ଆଜି ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ପରିକ୍ରମା କରିବ ।

# ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଦେଶାତ୍ମବୋଧ କବିତା ପାଠ



ଭଦ୍ରକ, ୧୬/୦୮ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭାରତ ସ୍ୱାଧିନତାର ପଚସ୍ତୋରୀ ବର୍ଷ ପୂର୍ତ୍ତି ଉପଲକ୍ଷେ ଅମୃତ ମହୋତ୍ସବ ପାଳନ ଅବସରରେ ଓଡ଼ିଶାର ୧୨୫ଟି ସ୍ଥାନରେ ଦେଶାତ୍ମବୋଧକ କବିତା ପାଠର ଏକ ଅଭିନବ କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତ ଜଣାଇବା ପରେ ଏହି କାର୍ଯ୍ୟକ୍ରମ ଭଦ୍ରକ ସଂସ୍କୃତି ଭବନରେ ତା୧୫.୦୮.୨୨ରିଖ ଦିବା ୩ଘଟିକା ସମୟରେ ଡ.ଶଶଧର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ଅଜୟ ନାୟକ ମୁଖ୍ୟ ଅତିଥି,ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିରକା ସମ୍ମାନୀୟ ବକ୍ତା,କବି ବିଜୟ ବହଳୀ ଆୟୋଜକ ଅତିଥି ଏବଂ ସଂଯୋଜକ ଭାବେ କବି ଶରତ ନାୟକ ଯୋଗଦାନ କରିଥିଲେ । ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ବାରିକ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସାଇ କଳ୍ପିତା ବେଦପାଠ, ଡ.ମମତା ସାହୁ ଅତିଥି ପରିଚୟ,ଶିକ୍ଷୟତ୍ରୀ ସରୋଜିନୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କବି ଶରତ ନାୟକଙ୍କ ସଂଯୋଜନାରେ ଆମନ୍ତ୍ରିତ କୋଡ଼ିଏ ଜଣ କବି ସର୍ବଶ୍ରୀ ଡା କିରଣ ଗୁଇଁ,ଅକ୍ଷୟ ଯେନା, ଡ.ଶଶଧର ଦାଶ, ଡ.ଅବନୀ ପ୍ରଧାନ,ବସନ୍ତ କୁମାର ପାତ୍ର, ହରମୋହନ କୁଅଁର, ଶ୍ରୀକାନ୍ତ ଯେନା, କୈଳାସ ଦାସ, ଗୌତମ ମହାରଣା, ବିଜୟ ଯେନା, ମୁକ୍ତିକାନ୍ତ ମଲ୍ଲିକ,ରମେଶ ସ୍ୱାଇଁ,ନାଟ୍ୟଶ୍ରୀ ନିର୍ମଳ ରାଉତ,ରବି ନାରାୟଣ ଖିଲାର,ପ୍ରମୋଦ ରାୟ,ଡ.ହରିହର ନାୟକ, ରତିକାନ୍ତ ବେହେରା, ମନୋଜ ପଣ୍ଡା, ଋତୁରାଜ ଅକ୍ଷୟ, ଅରୂପାନନ୍ଦ ନାୟକ କବିତା ପାଠ କରିଥିବାବେଳେ ଏକାଡେମୀ ସଦସ୍ୟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଓ ସାହିତ୍ୟିକ ପୂର୍ଣ୍ଣଚନ୍ଦ୍ର ବହଳୀ ଏହାକୁ ସଂଚାଳନ କରିଥିଲେ । ଡ.ରାଧାରାଣୀ ମହାପାତ୍ର,ଡ.ପ୍ରଭାତ ନଳିନୀ ମହାପାତ୍ର,ଭାନୁମତୀ ମାଟିଆ,ଦମୟନ୍ତୀ ନାଥ,ରମେଶ ଦାସ, ବାବୁଲାଲ ଦାସ ପ୍ରମୁଖ ଅମୃତ ମହୋତ୍ସବ ସଂପକରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବନ୍ଦେ ଉତ୍କଳ ଜନନୀ ଏବଂ ବନ୍ଦେ ମାତରମ୍ ସଂଗୀତ ଗୁରୁ ସୁରେନ୍ଦ୍ର ଗାହାଣ ଓ ସାଥି କଳାକାରମାନେ ପରିବେଷଣ କରିଥିଲେ । ରମାକାନ୍ତ ନାଥ,ହରମୋହନ ଜେନା, ଅଶୋକ କୁମାର ନାୟକ,ଶମ୍ଭୁନାଥ ପାଣିଗ୍ରାହୀ, ବୈଲୋଚନ ବେହୁରିଆ, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏକାଡେମୀର ଏହି କାର୍ଯ୍ୟକ୍ରମ ସାହିତ୍ୟିକମାନଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା ।ଶେଷରେ ବିଜୟ ବହଳୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ



ବାଲେଶ୍ୱର,୧୬/୦୮ (ନି.ପ୍ର): ବାଲେଶ୍ୱରରେ ଜିଲଳସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ଟୁକୁନି ସାହୁ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତୋଳନ ସହ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇଥିଲେ। ସ୍ୱାଧୀନତାର ୭୫ ବର୍ଷ ଅବସରରେ ପାଳନ କରାଯାଉଥିବା ଆଜାଦୀ କା ଅମୃତ ମହୋତ୍ସବ ଚଳିତ ବର୍ଷର ସ୍ୱାଧୀନତା ଦିବସକୁ ଅଧିକ ମହତ୍ତ୍ୱପୂର୍ଣ୍ଣ କରିଛି ବୋଲି ସେ କହିଥିଲେ। ସ୍ୱାଧୀନତା ସଂଗ୍ରାମରେ ତ୍ୟାଗ ଓ ବଳିଦାନ ଦେଇଥିବା ଭାରତମାତାର ଯୋଗ୍ୟ ସନ୍ତାନଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ ଶ୍ରୀମତୀ ସାହୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତେବେ ଦେଶର ସାର୍ବଭୌମତ୍ତ୍ୱ ତଥା ଅଖଣ୍ଡତାକୁ ସର୍ବଦା ଅକ୍ଷୁର୍ଣ୍ଣ ରଖିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନରେ ଓଡ଼ିଶାରେ ଚାଲିଥିବା ବିକାଶ ଧାରା ସମ୍ପର୍କରେ ସେ ସୂଚନା ଦେଇଥିଲେ। ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ, ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କୋଭିଡ୍ କଟକଣା ଯୋଗୁଁ ସ୍ୱାଧୀନତା ଦିବସ ପରେଡରେ ଛାତ୍ରଛାତ୍ରୀମାନେ ଯୋଗ ଦେଇ ନଥିବା ବେଳେ କେବଳ ଦୁଇଟି ପୁଲିସ କଣ୍ଟିଜେଣ୍ଟ ସମେତ ବ୍ୟାଣ୍ଡ ଟ୍ରୁପ ଅଂଶଗ୍ରହଣ କରିଥିଲେ। ରିଜର୍ଭ ଇନସ୍ପେକ୍ଟର ସଧେଇ ଶଙ୍କର ଟୁଡୁ ରାଷ୍ଟ୍ରୀୟ ସାଲ୍ୟୁଟର ନେତୃତ୍ୱ ନେବା ସହିତ ମୁଖ୍ୟ ଅତିଥିଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ । ସେକେଣ୍ଡ-ଇନ-କମାଣ୍ଡ ରାଜୀବ କୁମାର ମାରାଣ୍ଡି ତାଙ୍କୁ ସହଯୋଗ କରିଥିଲେ। ଜିଲାସ୍ତରୀୟ ସମାରୋହ ଅବସରରେ ବିଭିନ୍ନ ବର୍ଗର ୧୭ଜଣ କୋଭିଡ୍ ଯୋଦ୍ଧା, ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଜିଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ୪ଜଣ କୃତୀ ଛାତ୍ରଛାତ୍ରୀ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିଥିବା ୫ଜଣ କ୍ରୀଡାବିତ୍‌ଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା ।

## ରାଜଧାନୀରେ ୪୦ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୧୬/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ମଙ୍ଗଳବାର ମୋଟ ୪୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୩୩ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୪ ହଜାର ୩୬୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୨ ହଜାର ୧୨୫ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୫ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୦୨୦ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୭୫ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## ଖରିଫ୍ ଧାନ ସଂଗ୍ରହ ପଞ୍ଜୀକରଣର ଅବଧି ଅଗଷ୍ଟ ୨୨କୁ ବୃଦ୍ଧି

ଭୁବନେଶ୍ୱର,୧୬/୦୮ (ନି.ପ୍ର): ଖରିଫ୍ ଧାନ ସଂଗ୍ରହ ପଞ୍ଜୀକରଣର ଅବଧିକୁ ଅଗଷ୍ଟ ୨୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ସେହି ଅନୁସାରେ ସୋସାଇଟି ଡିଜିଟାଇଜେସନ୍ ର ଅବଧି ମଧ୍ୟ ଅଗଷ୍ଟ ୨୮ ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

# ଆୟୁର୍ବେଦ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ଦାବି



ବାଲେଶ୍ୱର,୧୬/୦୮ (ନି.ପ୍ର): ବାଲେଶ୍ୱର ଜିଲାରେ ଆୟୁର୍ବେଦ ଚିକିତ୍ସା ସେବା ଧାରାକୁ ଅଧିକ କ୍ରିୟାଶୀଳ କରିବା ଉପଲକ୍ଷେ ଏକ ସାଧାରଣ ସଭା ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଡାକ୍ତର ସୁଧାଂଶୁ ଶେଖର ଦାଶ, ଡାକ୍ତର ପ୍ରଭାକର ରଥ, ଡାକ୍ତର ମଧୁସୂଦନ ଜେନା, ଡାକ୍ତର ପ୍ରଭାତ ରଞ୍ଜନ ପ୍ରଧାନ, ବରିଷ୍ଠ ଆଇନଜୀବୀ ଗୌର ଚନ୍ଦ୍ର ବାରିକ, ଅବସରପ୍ରାପ୍ତ ବ୍ୟାଙ୍କ୍ ଅଧିକାରୀ ଅଭିରାମ ଦାସ, ଅବସରପ୍ରାପ୍ତ ବୀମା ଅଫିସର ଶ୍ୟାମସୁନ୍ଦର ଜେନା, ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଉପଦେଷ୍ଟା ରବି ପାଣିଗ୍ରାହୀ, ସଭ୍ୟ ଯୋଗେନ୍ଦ୍ର ମାହାନ୍ତି, ସମାଜସେବୀ ଅଶୋକ କୁମାର ଦାସ ଏବଂ ମହେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇ ବାଲେଶ୍ୱର ଜିଲାରେ ଏକ ଆୟୁର୍ବେଦ ମେଡିକାଲ୍ କଲେଜ ପ୍ରତିଷ୍ଠା ତଥା ଆୟୁର୍ବେଦର ସାମଗ୍ରୀକ ବିକାଶ ଧାରାକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏନେଇ 'ଆୟୁର୍ବେଦ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ପ୍ରତିଷ୍ଠା ମଞ୍ଚ ନାମକ ଏକ ସଂଗଠନ ଗଠନ ପାଇଁ ଏହି ବୈଠକରେ ସର୍ବସମ୍ମତ ନିଷ୍ପତ୍ତି କ୍ରମେ ଗ୍ରହଣ କାରାଯାଇଛି। ଚଳିତ ମାସ ୪ର୍ଥ ରବିବାର ଅପରାହ୍ନ ୪ଟା ସମୟରେ ପରବର୍ତ୍ତୀ ସାଧାରଣ ସଭା ଡାକ୍ତର ପୂର୍ଣ୍ଣଚନ୍ଦ୍ର ଜେନା ଓ ଡାକ୍ତର ପ୍ରଭାତ ରଞ୍ଜନ ପ୍ରଧାନଙ୍କ ଯୁଗ୍ମ ଆବାହକତ୍ୱରେ ହେବାର ସ୍ଥିର ହୋଇଅଛି। ସେଥିରେ ନବଗଠିତ ସଂଗଠନର କର୍ମକର୍ତ୍ତା ଚୟନ ସାଙ୍ଗକୁ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ଧାର୍ଯ୍ୟ ହୋଇଛି। ଗୟାପ୍ରସାଦ ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଡାକ କର୍ମଚାରୀ ନେତା ଜୀବନକୃଷ୍ଣ ଦାସ ଜୟନ୍ତୀ

ବାଲେଶ୍ୱର,୧୬/୦୮ (ନି.ପ୍ର): ଡାକ କର୍ମଚାରୀ ସଂଘଗୃହ 'ଜୀବନକୃଷ୍ଣ ଭବନ'ର ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ଜୀବନକୃଷ୍ଣ ଦାସଙ୍କ ୯୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ବାଲେଶ୍ୱର ଡାକଘର କର୍ମଚାରୀ ଓ ପେନସନଭୋଗୀଙ୍କୁ ନେଇ ସହଦେବଖୁଣ୍ଟା ସ୍ଥିତ ସଂଘ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ପୂର୍ବତନ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ତୃତୀୟ ଶ୍ରେଣୀ ସଂଘର ସଭାପତି ଅଜୟ ନାରାୟଣ ଦାସ, ସମ୍ପାଦକ ରାଜେନ୍ଦ୍ର ମଲ୍ଲିକ, ପୂର୍ବତନ ସଭାପତି ଗୋପାଳଚନ୍ଦ୍ର ପଡ଼ିଆରୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପୂର୍ବତନ ସମ୍ପାଦକ କୁଞ୍ଜବିହାରୀ ଦାଶ, ବଳରାମ ଜେନା, ମହେଶ୍ୱର ନାୟକ, ଆଇନଜୀବୀ ନିରଞ୍ଜନ ପରିଡ଼ା ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଜଣେ ଆଦର୍ଶ, ନୀତିବାନ ଓ ଟାଣୁଆ ନେତା ଭାବେ ଡାକ କର୍ମଚାରୀଙ୍କ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦେଉଥିଲେ ବୋଲି ବକ୍ତାମାନେ କହିଥିଲେ। ତାଙ୍କର କାର୍ଯ୍ୟକାଳ ସମୟରେ ବାଲେଶ୍ୱରରେ ସର୍ବଭାରତୀୟ ଡାକ ସମ୍ମିଳନୀ ଆୟୋଜନ, କର୍ମଚାରୀଙ୍କ ପାଇଁ ସମବାୟ ସମିତି ପ୍ରତିଷ୍ଠା ଉଦ୍ୟମ ଓ ଡାକକର୍ମଚାରୀଙ୍କ ସୁରକ୍ଷା ତଥା ବହୁ ଜନହିତକର କାର୍ଯ୍ୟ କରିଥିଲେ।

# ତେଘରୀ ଯୁବଶକ୍ତି ଏବଂ ଏସଟିଏ ଗ୍ରୁପ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ



ଜଳେଶ୍ୱର, ୧୬/୦୮ (ନି.ପ୍ର): ଗତକାଲି ସ୍ୱାଧୀନତା ଦିବସ ଅବସରରେ ତେଘରୀ ଯୁବଶକ୍ତି ଏବଂ ଜଳେଶ୍ୱର ଏସ ଟି ଏ ଗ୍ରୁପର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ ଶିବିରକୁ ଏସ ଟି ଏ ଗ୍ରୁପର ଶୈଳେଶ ବତାସିୟା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଜିଲ୍ଲା ରକ୍ତଦାତା ସଂଘର ସଭାପତି ଶ୍ରୀ କମଳ ଚକ୍ରବର୍ତ୍ତୀ ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ରକ୍ତଦାନ ଶିବିର ର ମୁଖ୍ୟ ଉଦ୍ୟକ୍ତା ନୟନ କୁମାର ଯେନା କାର୍ଯ୍ୟକ୍ରମ କୁ ସୁପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ରାଇବଣିଆ ଥାନା ର ଆଇ ଆଇ ସି ଲକ୍ଷ୍ମୀକାନ୍ତ ବାରିକ୍ ଯୋଗ ଦେଇ ଥିବା ବେଳେ ସମାଜସେବୀ ତଥା ବ୍ୟବସାୟୀ ଶ୍ରୀ ସୁଜୟ କରଣ ଯୋଗ ଦେଇଥିଲେ । ସମାଜସେବୀ ଜୟନ୍ତ ଯେନା, ବିକାଶ ଯେନା, ବଳରାମ ରାଉଳ, ମଧୁମିତ ଯେନା, ରତନ ଗିରି, ଦୁର୍ଗାଶଙ୍କର ଯେନା, ହେମନ୍ତ ଗିରି, ରାହୋଲ ଗିରି, ଅଶୋକ ଦେ, ଗୌରହାରୀ ଦେ, ଜଗମୋହନ ଦେ, ଶିବାକୁମାର ଯେନା, ଆଶିଷ ଗିରି, ଯଦୁମଣି ପ୍ରମୁଖ ରକ୍ତଦାନ ଶିବିର ର କାର୍ଯ୍ୟକ୍ରମ ଗୁଡିକ ପରିଚାଳନା ରେ ସହଯୋଗ କରିଥିଲେ । ଶିବିର ରେ ମହିଳା ମାନେ ଆଗଭର ହୋଇ ରକ୍ତଦାନ କରିଥିଲେ । ଶ୍ରୀ ରାମପୁର ପଂଚାୟତ ର ଗୁରୁଦାସପୁର ଧବଳେଶ୍ୱର ଯୁବକ ସଂଘ ର ୧୦ ଦଶଜଣ ଯୁବକ ରକ୍ତଦାନ କରିଥିଲେ କ୍ଷ ଉକ୍ତ ଶିବିର ରେ ୫୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ସଂନ୍ଧ୍ୟାରେ ଉକ୍ତ ଶିବିର ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନଅନୁଷ୍ଠିତ ହୋଇଥିଲା ।

# ୱାନଷ୍ଟପ ସେଣ୍ଟର ପରିଦର୍ଶନ କଲେ ସାଂସଦ

ବାଲେଶ୍ୱର,୧୬/୦୮ (ନି.ପ୍ର): ବାଲେଶ୍ୱରର ପୀଡ଼ିତା ମହିଳା ଓ ବାଳିକାଙ୍କ ପାଇଁ ଆଶ୍ରୟସ୍ଥଳ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ୱାନ ଷ୍ଟପ ସେଣ୍ଟର 'ସଖୀ'କୁ ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଙ୍ଗଳବାର ପରିଦର୍ଶନ କରିଛନ୍ତି। ଏଠାରେ ଥିବା ପୀଡ଼ିତା ମହିଳା ଓ ବାଳିକାଙ୍କୁ ସାକ୍ଷାତ ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ସେ ପଚାରି ବୁଝିଛନ୍ତି। ସେମାନଙ୍କୁ ସୁରକ୍ଷା, ପରାମର୍ଶ ସାଙ୍ଗକୁ ଡାକ୍ତରୀ, ପୁଲିସ ଓ ଆଇଗତ ସେବା ପ୍ରଦାନ ନେଇ ଥିବା ସରକାରୀ ପ୍ରାବଧାନର ଉଚିତ କାର୍ଯ୍ୟକାରିତା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏମିତିକି ଏ ବାବଦରେ ଶ୍ରୀ ଷଡ଼ଙ୍ଗୀ ୱାନ ଷ୍ଟପ ସେଣ୍ଟର ସମ୍ପାଦକ ଗୋପାଳ କୃଷ୍ଣ କରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧ୍ୟକ୍ଷା ଡାକ୍ତର ବାଲାରୁଚି ଦାସ ମଧ୍ୟ ଉପସ୍ଥିତ ଥିଲେ। ୱାନ ଷ୍ଟପ ସେଣ୍ଟରର ସେବାଯୁକ୍ତ କାର୍ଯ୍ୟଧାରାକୁ ନେଇ ଉଭୟ ସାଂସଦ ଶ୍ରୀ ଷଡ଼ଙ୍ଗୀ ଓ ଅଧ୍ୟକ୍ଷ ଡାକ୍ତର ସନ୍ତୋଷ ପ୍ରକାଶ କରିଛନ୍ତି।

# ରାଜ୍ୟରେ ନୂଆ ୨୫୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୬/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୫୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୨୩୩୦୭ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୨୫୫ ଆକ୍ରାନ୍ତଙ୍କ ମଧ୍ୟରୁ ୧୪୯ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୧୦୬ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୪୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୪୭୯ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୧୦୬୩୫ ରେ ପହଂଚିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୪୬୨ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୨୫୫ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୭, ବରଗଡ ଜିଲ୍ଲାରେ ୫, ଭଦ୍ରକ ଜିଲ୍ଲାରେ ୩, ବଲାଙ୍ଗୀର ଜିଲ୍ଲାରେ ୭, କଟକ ଜିଲ୍ଲାରେ ୧୩, ଦେବଗଡ ଜିଲ୍ଲାରେ ୨, ଗଜପତି ଜିଲ୍ଲାରେ ୬, ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ବାଲିଆପାଳ ଲାୟନ୍ସ କ୍ଲବ ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ବାଲିଆପାଳ, ୧୬/୦୮ (ନି.ପ୍ର): ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କଲେ ସେ ଆହୁରି ଅଧିକ ଆଗକୁ ଯିବା ପାଇଁ ପ୍ରେରଣା ପାଇଥାଏ ।ସେହିପରି ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଜଣେ ଛାତ୍ର ବା ଛାତ୍ରୀର ଗୌରବ ବୃଦ୍ଧି ହୋଇଥାଏ ।କଠିନ ପରିଶ୍ରମ କେବେ ବୃଥା ଯାଏନି ।ସେଥିପାଇଁ ଛାତ୍ର ଛାତ୍ରୀ ମାନେ ଅଧିକ ଅଧ୍ୟବସାୟ କରିବାଦରକାର ।ପିଲା ମାନେ ଯୋଗ୍ୟ ଓ ସୁ ନାଗରିକ ହେଲେ ବାପା ମା ,ପରିବାର,ନିଜ ଗାଁ ଓ ନିଜ ଅଞ୍ଚଳର ସମ୍ମାନ ବଢିଥାଏ ବୋଲି ଲାୟନ୍ସ କ୍ଲବ ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କାର ?ୟ୍ୟକ୍ରମରେ ଅତିଥି ମାନେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତିରେ ଦେଶ ଅମୃତ ମହୋତ୍ସବ ପାଳନ କରୁଥିବା ଅବସରରେ ୭୬ ତମ ସ୍ୱାଧୀନତା ଦିବସରେ ବାଲିଆପାଳ ଲାୟନ୍ସ କ୍ଲବ ପକ୍ଷରୁ ସୁବର୍ଣ୍ଣରେଖା ସରକାରୀ ହସ୍କୁଲ ପରିସରରେ ଅନୁଷ୍ଠିତ ମେଧାବୀ ଛାତ୍ର ଛାତ୍ରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବାଲିଆପାଳ ତହସିଲଦାର ତଥା ବିଡ଼ିଓ ଦାୟିତ୍ୱରେ ଥିବା ଦୀପକ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ନିଜ ବକ୍ତବ୍ୟରେ କହିଥିଲେ ଯେ ପିଲା ମାନେ ପ୍ରଥମେ ନିଜର ପାଠ ପଢ଼ାକୁ ଗୁରୁତ୍ୱ ଦେବା ଦରକାର ।ପରେ ଆଉ ଯାହା କରୁଛ କର ।ନିଜର ପିତା ମାତା ଓ ଗୁରୁ ଗୁରୁଜନଙ୍କୁ ଭକ୍ତି କଲେ ଆଶିର୍ବାଦ ମିଳିଥାଏ ବୋଲି ଶ୍ରୀ ଦାଶ କହିଥିଲେ। ବାଲିଆପାଳ ଲାୟନ୍ସ କ୍ଲବର ସଭାପତି ଲାୟନ ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବର ଜୋନାଲ ଚେୟାର ପର୍ଶନ ଲାୟନ ନବୀନ କୁମାର ପାତ୍ର,ସୁବର୍ଣ୍ଣରେଖା ସରକାରୀ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଲାୟନ ଝାଡେଶ୍ୱର ପ୍ରଧାନ,କ୍ଲବର ପୂର୍ବତନ ସଭାପତି ଲାୟନ ଭୁବନ ମୋହନ ପିଳା, ପୂର୍ବତନ ସଭାପତି ଲାୟନ ଗୋବିନ୍ଦ ପ୍ରସାଦ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମେଟ୍ରିକ ପରୀକ୍ଷାରେ ବାଲିଆପାଳ ବ୍ଲକର ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନରେ ଥିବା ଛାତ୍ର,ଛାତ୍ରୀ ଏବଂ ବ୍ଲକର ୩ଟି କଲେଜ ଯଥା ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ଜଗାଇ କୃଷ୍ଣ ଚନ୍ଦ୍ର ପିପିଲି ମହାବିଦ୍ୟାଳୟ ଓ ଲକ୍ଷ୍ମୀପ୍ରିୟା ମହିଳା ମହାବିଦ୍ୟାଳୟର +୨ର କଳା, ବିଜ୍ଞାନ ଓ ବାଣିଜ୍ୟରେ ନିଜ ନିଜ ମହାବିଦ୍ୟାଳୟରେ ପ୍ରଥମ ସ୍ଥାନରେ ଥିବା ଛାତ୍ର ଛାତ୍ରୀଙ୍କୁ ମାନପତ୍ର,ଓଢ଼ଣୀୟ ଓ ପୁଷ୍ପଗୁଚ୍ଛ ଦେଇ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।ଲାୟନ୍ସ କ୍ଲବର ବରିଷ୍ଠ ସଦସ୍ୟ ଅଧ୍ୟାପକ ଡକ୍ଟର ଲାୟନ ସୁଶାନ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କ୍ଲବର ସମ୍ପାଦକ ଲାୟନ ତରୁଣ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ ।ଲାୟନ ଅନାଦି ଚରଣ ଗିରି, ପୂର୍ବତନ ସଭାପତି ରାଜେନ୍ଦ୍ର ରଣା ,ଅନନ୍ତ କୁମାର ରାଉଳ, ବିନୋଦ କୁମାର ଜେନା, ଅଦ୍ୱୈତ୍ୟ କୁମାର ବାଗ ପ୍ରମୁଖ ଲାୟନ୍ସ କ୍ଲବର ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜଳ ନିଷ୍କାସନ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କୁ କଂଗ୍ରେସର ଦାବିପତ୍ର



ଜଳେଶ୍ୱର, ୧୬/୮(ନି.ପ୍ର): ଜଳନିଷ୍କାସନ ସମସ୍ୟା ର ସମାଧାନ ପାଇଁ ଆଜି ଜଳେଶ୍ୱର କଂଗ୍ରେସ ପକ୍ଷରୁ ଜିଲ୍ଲାପାଳ ଙ୍କୁ ଦାବି ପାତ୍ର ଦେବା ସହିତ ଏହାର ସମାଧାନ ପାଇଁ ତାଙ୍କ ସହିତ ଆଲୋଚନା କରିଛନ୍ତି ଦଳର ନେତା ତଥା ରାଜ୍ୟ ପ୍ରବକ୍ତା ଶ୍ରୀ ସୁଦର୍ଶନ ଦାସ । ଜଳ ବନ୍ଦୀ ଜଳେଶ୍ୱର ର ଅନେକ ପଞ୍ଚାୟତ ଓ ମ୍ୟୁନିସିପାଲଟି ର ଏକ ପ୍ରମୁଖ ସମସ୍ୟା କ୍ଷ ବ୍ଲକ ର ସଂପ୍ରିଆ, ନମ୍ପୋ, ଖଳିନା, ଖୁଲୁଦ, ବର୍ଡ଼ାନା, ପଶ୍ଚିମବାଡ଼ୁ, ବାଇଗଣଡ଼ିଆ, ଝରପିମ୍ପଲ୍ ଆଦି ପଞ୍ଚାୟତର ଲୋକ ମାନେ ବର୍ଷା ଦିନରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଚଳିତ ବର୍ଷ ଲଗାଣ ବର୍ଷା ଯୋଗୁଁ ଲୋକଙ୍କ ଚାଷ ଉଜୁଡ଼ି ଯାଇଛି କ୍ଷ ଅନେକ ଘରେ ପାଣି ପଶିଛି । ଏହି ସବୁ ଅଞ୍ଚଳରେ ଜନ ଜୀବନ ପ୍ରଧବିତ ହୋଇଛି। ଜଳେଶ୍ୱର ମ୍ୟୁନିସିପାଲଟି ର ମଧ୍ୟ ତଦୃପ ଅବସ୍ଥା । ଏହାର ମୂଳ ସମସ୍ୟା ହେଲା ବର୍ଷା ଦିନେ ଏହି ଅଞ୍ଚଳର ବର୍ଷା। ପାଣି ତଥା ପଶ୍ଚିମବଙ୍ଗ ପଟରୁ ଆସୁଥିବା ବଳକା ପାଣି ନିଷ୍କାସନ ହୋଇ ନପରିବା । ଯେଉଁ ନାଳ ଗୁଡ଼ିକ ଏହି ବଳକା ପାଣି କୁ ନିଷ୍କାସନ କରିବାରେ ସହାୟକ ହୁଏ କ୍ଷ ମାତ୍ର ସେହି ନାଳ ବା ଖକ୍ଷଳ ଗୁଡ଼ିକ ବର୍ତ୍ତମାନ ପୋତି ହୋଇ ଯାଇଛି କ୍ଷ ଅନାବନା ଘାସ ଓ ଦଳ ମଧ୍ୟ ପାଣି ର ପଥ ଓଗକ୍ଷଳୁଛି । ଫଳରେ ପାଣି ସୁବର୍ଣ୍ଣରେଖା ବା ସମୁଦ୍ର କୁ ନିଷ୍କାସିତ ହୋଇ ପାରୁନାହିଁ । ଏହାର ସମାଧାନ ପାଇଁ ଜିଲ୍ଲାପାଳ ଙ୍କ ପାଖରେ ତିନୋଟି ଦାବି କଂଗ୍ରେସ ରଖିଛି କ୍ଷ ଜଳ ନିଷ୍କାସନ ର ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରି ଦୀର୍ଘ ମିଆଦୀ ପଦକ୍ଷେପ ନେବା । ନାଳ ଓ ଖଳ ଗୁଡ଼ିକ ପୁନରୁଦ୍ଧାର କରିବା ଓ ଏନ୍ ଆର୍ ଜି ଏସ ଯୋଜନା କୁ ବ୍ୟବହାର କରି ଲୋକଙ୍କ ସଂପୃକ୍ତିରେ ସମସ୍ୟାର ସମାଧାନ ଏହି ଦାବି ଗୁଡିକରେ ଅନ୍ତର୍ଭୁକ୍ତ କ୍ଷ ତୁରନ୍ତ ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ପ୍ରସ୍ତୃତି ଦେଇଛନ୍ତି ବୋଲି କଂଗ୍ରେସ ଦଳ ପକ୍ଷରୁ କୁହାଯାଇଛି । ଶ୍ରୀ ଦାସ ଙ୍କ ସହିତ ବ୍ଲକ ସଭାପତି ଶ୍ରୀ ରାଜୀବ ପରିଡ଼ା, କିସକ୍ଷନ କଂଗ୍ରେସ ସଭାପତି ସୁଦାମ ପାତ୍ର, ପୂର୍ବତନ ସରପଂଚ ପଦ୍ମଲୋଚନ ବେହେରା, ଯୁବ ନେତା ଗୋପାଳ କୃଷ୍ଣ ଜେନା, ସୁଶାନ୍ତ ସେଠି, ଟାଉନ କଂଗ୍ରେସ ର ପୂର୍ବତନ ସଭାପତି ରିୟାଜ୍ ଖାଁ, ପୂର୍ବତନ କାଉନସିଲର ଜଗଦୀଶ ନନ୍ଦୀ, ସପନ ପାତ୍ର ପ୍ରମୁଖ ଆଜି ଏହି ଦାବି ପତ୍ର ଦେବା ବେଳେ ଉପସ୍ଥିତ ଥିଲେ । ଏହି ଜଳ ନିଷ୍କାସନ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କୁ ଉହ୍ଲାଇବ ବୋଲି କଂଗ୍ରେସ ନେତା ଶ୍ରୀ ଦାସ ଚେତାବନୀ ଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo